ଧରିତ୍ରୀ 52 Years
ପୃଷ୍ଠା-୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Thursday, January 22/2026 Page 16 ₹ 7.00 | BALASORE
୫୨ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 60 ମୂଲ୍ୟ ₹୭/-

# ଭାଜପାକୁ ଶିନ୍ଦେଙ୍କ ଝଟକା

## କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ ପାଇଁ ରାଜ ଠାକ୍‌ରେଙ୍କ ସହ ହାତ ମିଳାଇଲେ

**ମହାରାଷ୍ଟ୍ରର କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି) ନିର୍ବାଚନ ପରେ ସେଠାରେ ଏକ ବଡ଼ଧରଣର ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ରାଜ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍‌) ମଧ୍ୟରେ ନୂଆ ମେଣ୍ଟ ହୋଇଛି। ଶିନ୍ଦେଙ୍କ ଏହି ଝଟକା ଯୋଗୁ ସେଠାରେ ଭାଜପାର 'ମେୟର ସ୍ୱପ୍ନ' ଧୂଳିସାତ୍‌ ହୋଇଛି। ଏହାସହ ରାଜ୍ୟ ରାଜନୀତିରେ ବଡ଼ଭାଇ ସାଜିଥିବା ଭାଜପାକୁ ଶିନ୍ଦେ ଖାତିର କରୁ ନ ଥିବା ମଧ୍ୟ ଏକପ୍ରକାର ସ୍ପଷ୍ଟ ହୋଇଛି। ଭାଜପା, ଶିନ୍ଦେଙ୍କ ଶିବସେନା ଓ ଅଜିତ ପାୱାରଙ୍କ ଏନ୍‌ସିପିକୁ ନେଇ ଗଠିତ ମେଣ୍ଟ 'ମହାଯୁତି'ରେ ୨ ସପ୍ତାହ ପୂର୍ବରୁ ହିଁ ଫାଟ ଦେଖିବାକୁ ମିଳିଥିଲା। ଠାଣେ ଜିଲାର ଅମ୍ବରନାଥ ଏବଂ ଅକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଭାଜପା ଯଥାକ୍ରମେ ତା'ର ଚିର ରାଜନୈତିକ ଶତ୍ରୁ କଂଗ୍ରେସ ଓ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍‌ ସହ ହାତ ମିଳାଇଥିଲା। ଅମ୍ବରନାଥ ଓ ଅକୋଲା ପୌର ପରିଷଦ ଶିନ୍ଦେଙ୍କ ଗଡ଼ ଥିବାବେଳେ ସେଠାରୁ ଶିବସେନାକୁ ହଟାଇବା ପାଇଁ ନିର୍ବାଚିତ ଭାଜପା କାଉନ୍‌ସିଲରମାନେ ଏଭଳି ପଦକ୍ଷେପ ନେଇଥିଲେ। ଭାଜପା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଉକ୍ତ ମେଣ୍ଟକୁ ଗ୍ରହଣ କରି ନ ଥିଲେ ମଧ୍ୟ ତାହା ଶିନ୍ଦେଙ୍କୁ ସନ୍ତୁଷ୍ଟ କରିପାରି ନ ଥିବା କଲ୍ୟାଣ-ଡୋମ୍ବିଭଲି ଘଟଣାରୁ ସ୍ପଷ୍ଟ ହୋଇଛି।**


ଏକନାଥ ଶିନ୍ଦେ ଓ ରାଜ୍‌ ଠାକ୍‌ରେ ।

**ମୁମ୍ବାଇ,୨୧।୧**

ମହାଯୁତିର ୩ ଦଳ ମଧ୍ୟରେ ମତଭେଦ ଓ କ୍ଷମତା ଲୋଭର ପ୍ରତିଫଳନ ପୌର ନିର୍ବାଚନରେ ସ୍ପଷ୍ଟ ଦେଖିବାକୁ ମିଳିଛି। ଭାଜପା ଓ ଏକନାଥ ଶିନ୍ଦେଙ୍କ ଶିବସେନା ମିଳିତ ଭାବେ ପୌର ନିର୍ବାଚନ ଲଢ଼ିଥିବାବେଳେ ଅନ୍ୟତମ ସହଯୋଗୀ ଅଜିତ୍‌ ପାୱାରଙ୍କ ଏନ୍‌ସିପି ଏକାକୀ ଲଢ଼ିଥିଲା। ଜାନୁଆରୀ ୧୫ରେ ହୋଇଥିବା ୨୯ ମହାନଗର ନିଗମ ନିର୍ବାଚନରେ ଭାଜପା ଓ ଶିବସେନା ମେଣ୍ଟକୁ ଆଶାତୀତ ସଫଳତା ମିଳିଥିଲା। ଜନାଦେଶକୁ ଆଧାର କଲେ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ୨୫ଟି ମହାନଗର ନିଗମରେ ଏହି ମେଣ୍ଟର ପ୍ରାର୍ଥୀ ମେୟର ହେବା କଥା। ହେଲେ ଭାଜପା ଓ ଶିବସେନା ମଧ୍ୟରେ ଥିବା ମତଭେଦ ନିର୍ବାଚନ ଫଳ ପ୍ରକାଶ ପରେ ଭିନ୍ନ ସମୀକରଣ ସୃଷ୍ଟି କରିଛି, ଯାହାର ଉଦାହରଣ ହେଉଛି କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି)।

ମୋଟ ୧୨୨ ଆସନ ବିଶିଷ୍ଟ କେଡିଏମ୍‌ସିରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥିଲା। ବହୁମତ ପାଇଁ ୬୨ଟି ଆସନର ଆବଶ୍ୟକତା ଥିବାବେଳେ ଶିବସେନା (ଶିନ୍ଦେ) ୫୩, ଭାଜପା ୫୦, ଶିବସେନା (ୟୁବିଟି) ୧୧, ଏମ୍‌ଏନ୍‌ଏସ୍‌ ୫, କଂଗ୍ରେସ ୨ ଏବଂ ଏନ୍‌ସିପି(ଏସ୍‌ପି) ୧ଟି ଆସନରେ ବିଜୟୀ ହୋଇଛନ୍ତି। ରାଜ୍ୟରେ ଭାଜପା ଓ ଶିନ୍ଦେଙ୍କ ସେନା ଏକାଠି ଶାସନ କରୁଥିଲେ ମଧ୍ୟ କେଡିଏମ୍‌ସିରେ ମେୟର ପଦ ପାଇଁ ଉଭୟଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଭାଜପା ପ୍ରଥମ ଅଢ଼େଇ ବର୍ଷ ପାଇଁ ମେୟର ପଦ ଦାବି କରୁଥିଲା। କିନ୍ତୁ ଶିନ୍ଦେ ସେନା ଏଥିରେ ରାଜି ନ ଥିଲା। ଫଳରେ ଶିନ୍ଦେଙ୍କ ଦଳ ରାଜ ଠାକ୍‌ରେଙ୍କ ଦଳ ଏମ୍‌ଏନ୍‌ଏସ୍‌ ସହ ହାତ ମିଳାଇଛି।

ଏନେଇ ବୁଧବାର ଏକନାଥ ଶିନ୍ଦେଙ୍କ ପୁଅ ତଥା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନଭି ମୁମ୍ବାଇସ୍ଥିତ କୋଙ୍କଣ ଭବନରେ ଏମ୍‌ଏନ୍‌ଏସ୍‌ ନେତାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଶ୍ରୀକାନ୍ତ ଏମ୍‌ଏନ୍‌ଏସ୍‌ର ୫ ଜଣ କର୍ପୋରେଟରଙ୍କ ସମର୍ଥନ ରହିଥିବା ଘୋଷଣା କରିଛନ୍ତି। ଫଳରେ ଶିନ୍ଦେ ଗୋଷ୍ଠୀ ପାଖରେ ୫୮ ଆସନ ରହିଥିବାବେଳେ ବହୁମତ ପାଇଁ ଆଉ ୪ ଆସନ ଆବଶ୍ୟକ। ରିପୋର୍ଟ ଅନୁଯାୟୀ, ଉଦ୍ଧବ ଠାକ୍‌ରେଙ୍କ ଦଳ (ଶିବସେନା ୟୁବିଟି)ର ପ୍ରାୟ ☞ପୃଷ୍ଠା-୪

# ଆଜି ୪,୫୭,୬୮୧ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)**

ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣରୁ ବାଦ୍‌ ପଡ଼ିଥିବା ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ମହିଳାଙ୍କୁ ଗୁରୁବାର ସୁଭଦ୍ରା ଟଙ୍କା ମିଳିବ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା'ମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବେ। ରାଜ୍ୟର ବିଭିନ୍ନ ଜିଲାରୁ ସୁଭଦ୍ରା ହିତାଧିକାରୀମାନେ ଅଂଶଗ୍ରହଣ କରିବେ। ମହିଳାଙ୍କୁ ଆବଶ୍ୟକ ଆର୍ଥିକ ଜ୍ଞାନ ପ୍ରଦାନ କରି ସ୍ୱାବଲମ୍ବନକୁ ସୁଦୃଢ଼ କରିବାକୁ ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୪

## ବାଲେଶ୍ୱର: ସୋସିଆଲ ମିଡିଆ ପୋଷ୍ଟ ଉପରେ ଲାଗିଲା କଟକଣା

**ବାଲେଶ୍ୱର, ୨୧।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱରରେ ଘଟିଥିବା ଭିଡ଼ ହିଂସା ମାମଲାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତ୍ୟୁଷ ଦିବାକର ବୁଧବାର ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ଜାରି କରିଛନ୍ତି। ମାର୍ଗଦର୍ଶିକା ପାଳନ ଦିଗରେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିସହିତ ସେ କହିଛନ୍ତି, କୌଣସି ସମ୍ପ୍ରଦାୟ ବିରୋଧରେ ପୋଷ୍ଟ ନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କ୍ଷତିକାରକ ପୋଷ୍ଟଗୁଡ଼ିକର ସ୍କ୍ରିନ୍‌ଶଟ୍‌ କିମ୍ବା ଲିଙ୍କ୍‌ ରଖିବା ପାଇଁ ସୂଚନା ଦିଆଯାଇଛି। ସୋସିଆଲ ମିଡିଆରେ ଯଦି ଏଭଳି ପୋଷ୍ଟ ଆସୁଛି ତେବେ ପୋଲିସକୁ ଜଣାଇବା ଲାଗି ନିବେଦନ କରାଯାଇଛି। ବିଭିନ୍ନ ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଉଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆକାଶରେ ପରିବର୍ତ୍ତନ**

SIKSHA 'O' ANUSANDHAN (DEEMED TO BE UNIVERSITY)
SAAT-2026
Empowering students for a brighter future
HOTEL MANAGEMENT PROGRAMMES
■ BHMCT (Bachelor of Hotel Management and Catering Technology)
■ MBA (Hospitality Management)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 25th Best in Overall Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in



**ଦିଲ୍ଲୀରେ ଆଜି**



ନୂଆଦିଲ୍ଲୀରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଜୀବନୀ ଆଧାରିତ ପୁସ୍ତକ ‘ ଦି ଲାଇଫ୍ ଆଣ୍ଡ୍ ଲିଗାସି ଅଫ୍ ଅରୁଣ ଜେଟ୍‌ଲୀ’କୁ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉନ୍ମୋଚନ କରୁଛନ୍ତି। (ଫଟୋ– ଚମନ ଗୌତମ)

# ୨୭ ବର୍ଷ ପରେ ଅବସର ନେଲେ ସୁନୀତା ୱିଲିୟମ୍ସ

ୱାଶିଂଟନ୍,୨୧।୧

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ୨୭ ବର୍ଷ ସେବା ପ୍ରଦାନ ପରେ ଅବସର ନେଇଛନ୍ତି। ୨୦୨୫ ଡିସେମ୍ବର ୨୭ରୁ ତାଙ୍କ ଅବସର କାର୍ଯ୍ୟକାରୀ ହୋଇଥିବା ନାସା ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି।

ନାସା ଆଡ୍‌ମିନିଷ୍ଟ୍ରେଟର ଜାରେଡ୍ ଇସାକ୍‌ମ୍ୟାନ୍ ମହାକାଶ ଯାତ୍ରାରେ ମାନବ ଅନ୍ତରୀକ୍ଷ ଉଡ଼ାଣର ଏକ ପ୍ରବର୍ତ୍ତକ ଭାବେ ସୁନୀତାଙ୍କୁ ଅଭିହିତ କରିଛନ୍ତି। ତାଙ୍କ ନେତୃତ୍ୱ ଭବିଷ୍ୟତରେ ମହାକାଶ ଅନ୍ୱେଷଣରେ ବିଶେଷ ସହାୟକ ହେବ ବୋଲି ପ୍ରଶଂସା କରିଛନ୍ତି।

୧୯୯୮ରେ ମହାକାଶ ଯାତ୍ରା ପାଇଁ ନାସା ପକ୍ଷରୁ ସୁନୀତାଙ୍କୁ ଚୟନ କରାଯାଇଥିଲା। ସୁନୀତା ୩ଟି ମିଶନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍ଏସ୍)କୁ ଯାତ୍ରାକରି ସେଠାରେ ମୋଟ ୬୦୮ ଦିନ ବିତାଇଛନ୍ତି। ନାସା ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ସୁନୀତାଙ୍କ ଶେଷ ମହାକାଶ ଯାତ୍ରା ବେଳେ ଆଇଏସ୍ଏସ୍‌ରେ ଉଭୟେ ୨୮୬ ଦିନ ବିତାଇଥିଲେ। ଜଣେ

**୯ ସ୍ପେସ୍‌ୱାକ୍, ୩ ମିଶନ୍, ମହାକାଶରେ ୬୦୮ ଦିନ**



ଆମେରିକୀୟ ଭାବେ ଦୀର୍ଘତମ ସିଙ୍ଗଲ ସ୍ପେସ୍‌ଫ୍ଲାଇଟ୍‌ରେ ଯାତ୍ରା କରିବାରେ ସେ ଷଷ୍ଠ। ଇତିମଧ୍ୟରେ ସୁନୀତା ୯ ଥର ସ୍ପେସ୍‌ୱାକ୍ କରି ୬୨ ଘଣ୍ଟା ୬ ମିନିଟ୍ ଅତିବାହିତ କରିଥିଲେ। ମହାକାଶରେ ମାରାଥନ୍ କରିବାରେ ମଧ୍ୟ ସେ ପ୍ରଥମ।

# ଭାରତ-ଇୟୁ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର

ଡାଭୋସ୍,୨୧।୧

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଚୁକ୍ତି ଲାଗି ବୁଝାମଣା ଉଲ୍ଲେଖନୀୟ ପର୍ଯ୍ୟାୟରେ ପହଞ୍ଚିଛି। ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୀତି ଫୋରମ୍‌ରେ ୟୁରୋପୀୟ କମିଶନ ଉର୍ସୁଲା ଭନ୍ ଡେର୍ ଲେୟେନ ଉପରୋକ୍ତ ସୂଚନା ଦେବା ସହ ଖୁବ୍‌ଶୀଘ୍ର ଭାରତ ଓ ଇୟୁ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରି ହେବ ବୋଲି କହିଛନ୍ତି। ଉଭୟ ପକ୍ଷ ଐତିହାସିକ ବାଣିଜ୍ୟ ଚୁକ୍ତିନାମାର ନିକଟତର ହୋଇଛନ୍ତି, ଯାହାକି ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳକୁ ନୂଆ ରୂପ ଦେଇପାରିବ। ୟୁରୋପର ବିସ୍ତୃତ ରଣନୀତିର ଏକ ଅଂଶଭାବେ ପ୍ରସ୍ତାବିତ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ‘ଟାରିଫ୍ ସ୍ଥାନରେ ନ୍ୟାୟସଙ୍ଗତ ବାଣିଜ୍ୟ, ଏକଘରିକିଆ ବଦଳରେ ଭାଗୀଦାରିତା ଏବଂ ଶୋଷଣ ବଦଳରେ ସ୍ଥାୟିତ୍ୱ’କୁ ପ୍ରୋତ୍ସାହନ ଦେବ ବୋଲି ସେ କହିଛନ୍ତି।


# ଭୁଲ୍ ଦିଗକୁ ମୁହାଁଉଛି ୟୁରୋପ

ଡାଭୋସ୍,୨୧।୧(ରଏଟର୍ସ)

ମୁଁ ୟୁରୋପକୁ ଭଲ ପାଏ ଏବଂ ୟୁରୋପକୁ ଭଲ ଦେଖିବାକୁ ଚାହେଁ। କିନ୍ତୁ ୟୁରୋପ ଭୁଲ୍ ଦିଗକୁ ମୁହାଁଉଛି ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଉଦ୍ୟମକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧିତକରି ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ବିଶ୍ୱନେତାମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ଆମେରିକା ବିଶ୍ୱ

**ଡବ୍ଲ୍ୟୁଇଏଫ୍‌ରେ ଟ୍ରମ୍ପ୍‌ଙ୍କ ସମ୍ବୋଧନ**



ଅର୍ଥନୀତିର ଇଞ୍ଜିନ୍। ବୈଶ୍ୱିକ ସମୃଦ୍ଧି ଆମେରିକୀୟ ଶକ୍ତି ଓ ଅଭିବୃଦ୍ଧି ଉପରେ ନିର୍ଭର କରେ। ଆମେରିକାର ବଜାରଗୁଡ଼ିକ ସମୃଦ୍ଧ ହୋଇଥିବାବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ତାଙ୍କ ଶାସନ କାଳରେ ଉନ୍ନତ ଆତ୍ମବିଶ୍ୱାସ ସୃଷ୍ଟି କରାଯାଇପାରିଛି। କିନ୍ତୁ ୟୁରୋପର ଅର୍ଥନୀତି ଓ ଅନ୍ୟ ନୀତିଗୁଡ଼ିକ ଉପଯୁକ୍ତ ଦିଗରେ ଯାଉନାହିଁ। ତେଣୁ ୟୁରୋପୀୟ ସରକାରମାନେ ପ୍ରବାସନ, ବାଣିଜ୍ୟ ଓ ଶକ୍ତି ଚୟନ ନେଇ ପୁନର୍ବିଚାର କରିବା ଉଚିତ। ସେହିପରି ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପ୍ ଡେନ୍‌ମାର୍କଠାରୁ ଆମେରିକା ଏହି ଭୂଖଣ୍ଡକୁ ଅଧିଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଣନୈତିକ ଦୃଷ୍ଟିରୁ ଏହା ଉତ୍ତର ଆମେରିକାର ଏକ ଅଂଶ, ଯାହାକି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ। ଏହା ଉପରେ ତୁରନ୍ତ ଆଲୋଚନା କରାଯିବା ଉଚିତ। ନର୍ଥ ଆଟଲାଣ୍ଟିକ୍

**ଗ୍ରୀନ୍‌ଲାଣ୍ଡ ଅକ୍ତିଆର ପାଇଁ ବଳପ୍ରୟୋଗ କରିବ ନାହିଁ ଆମେରିକା**

ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଏବଂ ୟୁରୋପୀୟ ସହଯୋଗୀ ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପ୍‌ଙ୍କୁ ବିରୋଧ କରୁଥିବାରୁ ସେ ଏପରି କହିଥିବା ମନେକରାଯାଉଛି। ଟ୍ରମ୍ପ୍ ଗୁରୁବାର ବିଦେଶ ନୀତି ସମ୍ପର୍କରେ ଅଧିକ ବକ୍ତବ୍ୟ ରଖିପାରନ୍ତି। ମଙ୍ଗଳବାର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ କରିଥିବା ଟ୍ରମ୍ପ୍ ଡବ୍ଲ୍ୟୁଇଏଫ୍‌ର କାର୍ଯ୍ୟସୂଚୀକୁ ପ୍ରଭାବିତ କରିପାରନ୍ତି।

# ଅଶ୍ଳୀଳ ଭିଡିଓକୁ ନେଇ କର୍ଣ୍ଣାଟକ ଡିଜିପି ନିଲମ୍ବିତ

ବେଙ୍ଗାଲୁରୁ,୨୧।୧

ଏକ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ଣ୍ଣାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କେ. ରାମଚନ୍ଦ୍ର ରାଓଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ରାଓଙ୍କ କାର୍ଯ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଅନୁଚିତ ଆଚରଣ ଏବଂ ରାଜ୍ୟ ପ୍ରଶାସନ ପାଇଁ ଲଜ୍ଜାଜନକ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ରାଓ ଜଣେ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବାର ଭିଡିଓ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଉକ୍ତ ଭିଡିଓ ମନଗଢ଼ା ଓ ମିଥ୍ୟା ବୋଲି ରାଓ ସଫେଇ ଦେଇଥିଲେ।

ରାମଚନ୍ଦ୍ର ରାଓ ହେଉଛନ୍ତି କନ୍ନଡ଼ ଅଭିନେତ୍ରୀ ହର୍ଷବର୍ଦ୍ଧିନୀ ରାନ୍ୟା ଓରଫ ରାନ୍ୟା ରାଓଙ୍କ ସାବତ ବାପା। ଦୁବାଇରୁ ୧୨.୫୬ କୋଟି ଟଙ୍କାର ବେଆଇନ ସୁନା ଆମଦାନୀ ମାମଲାରେ ରାନ୍ୟା ଧରାପଡ଼ିଥିଲେ।

# ସିଆର୍‌ପିଏଫ୍‌ର ନେତୃତ୍ୱ ନେବେ ସିମରନ୍ ବାଲା

**ସାଧାରଣତନ୍ତ୍ର ଦିବସ ପରେଡ୍**

ନୂଆଦିଲ୍ଲୀ,୨୧।୧

ଜାନୁଆରୀ ୨୬ରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ପାଳନ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ନେତୃତ୍ୱ ନେବେ ଜମ୍ମୁ-କଶ୍ମୀରର ସିମରନ୍ ବାଲା। ୨୬ ବର୍ଷୀୟା ସିଆର୍‌ପିଏଫ୍ କମାଣ୍ଡାଣ୍ଟ




ସିମରନ୍‌ଙ୍କ ନେତୃତ୍ୱରେ ପୁରୁଷ କଣ୍ଟିନ୍‌ଜେଣ୍ଟ ପକ୍ଷରୁ ପରେଡ୍ କରାଯିବ। ପୂର୍ବରୁ ମହିଳା ଅଫିସରମାନେ ସିଆର୍‌ପିଏଫ୍‌ର କେବଳ ମହିଳା କଣ୍ଟିନ୍‌ଜେଣ୍ଟର ନେତୃତ୍ୱ ନେଇଥିବାବେଳେ ଏଥର ଏହି ବାର୍ଷିକ ଇଭେଣ୍ଟରେ ପ୍ରଥମ ଥର ପାଇଁ ଜଣେ ମହିଳା ୧୪୦ରୁ ଊର୍ଦ୍ଧ୍ୱ ପୁରୁଷ ଯବାନଙ୍କୁ କମାଣ୍ଡ କରିବାକୁ ଯାଉଛନ୍ତି। ରାଜୌରି ଜିଲାର ସିମରନ୍ ସିଆର୍‌ପିଏଫ୍‌ରେ ଯୋଗଦେବାରେ ତାଙ୍କ ଜିଲାରୁ ପ୍ରଥମ ମହିଳା। ସେ ଜମ୍ମୁର ଗାନ୍ଧୀନଗର ମହିଳା ସରକାରୀ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ। ୨୦୨୫ ଏପ୍ରିଲରେ ସେ ସିଆର୍‌ପିଏଫ୍‌ରେ ଯୋଗଦେଇଥିଲେ।

# ସମୁଦ୍ରାୟନ: ସମୁଦ୍ର ଅନ୍ୱେଷଣ ମିଶନର ପ୍ରଥମ ପରୀକ୍ଷଣ ମେ’ରେ

ନୂଆଦିଲ୍ଲୀ,୨୧।୧

ଭାରତର ମହତ୍ୱାକାଂକ୍ଷୀ ଗଭୀର ସମୁଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଗ୍ରଗତି ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ ଟେକ୍‌ନୋଲୋଜି (ଏନ୍‌ଆଇଓଟି) ଆଗାମୀ ମେ’ରେ ସମୁଦ୍ରାୟନର ପ୍ରଥମ ପରୀକ୍ଷାମୂଳକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ୫୦୦ ମିଟର ଗଭୀର ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରୀକ୍ଷା ପରବର୍ତ୍ତୀ ସମୟରେ ୬,୦୦୦ ମିଟର ଗଭୀରରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମାନବଯୁକ୍ତ ମିଶନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଭୂବିଜ୍ଞାନ ମନ୍ତ୍ରଣାଳୟ ନେତୃତ୍ୱରେ ଏହି ମିଶନ ସଫଳ ହେଲେ ଗଭୀର ସମୁଦ୍ର ମାନବଯୁକ୍ତ ଅଭିଯାନ ଟେକ୍‌ନୋଲୋଜି ହାସଲ କରିବାରେ ଆମେରିକା, ଚାଇନା, ରୁଷିଆ, ଫ୍ରାନ୍ସ ଓ ଜାପାନ ସହ ଭାରତ ସାମିଲ ହେବ।



**ଫୁର୍‌ସତ୍**

# ବିଶ୍ୱର ବିପଜ୍ଜନକ ରାସ୍ତା

**ବି**ଶ୍ୱର ବିଭିନ୍ନ ସ୍ଥାନରେ ଏଭଳି ରାସ୍ତା ରହିଛି ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ। ଗାଡ଼ି ଚଳାଇବା ସମୟରେ ସାମାନ୍ୟ ଭୁଲ୍ ଜୀବନ ବି ନେଇପାରେ। ଏଠାରେ ପୃଥିବୀର ପାଞ୍ଚଟି ବିପଦପୂର୍ଣ୍ଣ ରାସ୍ତା ବିଷୟରେ ସୂଚିତ କରାଯାଉଛି..

**ଡେଥ୍ ରୋଡ୍ (ବଲିଭିଆ):** ଏହି ରାସ୍ତାର ନାମରୁ ଜଣାପଡ଼େ ଏହା କେତେ ବିପଦପୂର୍ଣ୍ଣ। ଏହି ରାସ୍ତାରେ ଗାଡ଼ି ଚଳାଇବା ଅତ୍ୟନ୍ତ କଷ୍ଟକର । ପ୍ରତିବର୍ଷ ଏହି ରାସ୍ତାରେ ପ୍ରାୟ ୨୦୦ରୁ ୩୦୦ ଦୁର୍ଘଟଣା ଘଟେ। ତଥାପି ଏହି ରାସ୍ତାଟିକୁ ଅଧିକାଂଶ ସମୟରେ ସାଇକେଲ ଚାଳକମାନେ ଉପଭୋଗ କରନ୍ତି। ଓଭରଲୋଡ୍ ଯାନବାହନ ପ୍ରାୟତଃ ଏହି ରାସ୍ତାରୁ ତଳକୁ ଖସି ପଡ଼ିଥାଏ।

**ଜୋଜି ଲା ପାସ୍ ହାଇୱେ:** ବିଶ୍ୱର ସବୁଠୁ ବିପଦପୂର୍ଣ୍ଣ ରାସ୍ତା ମଧ୍ୟରୁ ଏହା ଅନ୍ୟତମ। ଏହି ରାସ୍ତାଟି କଶ୍ମୀର ଏବଂ ଲଦାଖ ମଧ୍ୟରେ ଥିବା ଏକ ପର୍ବତ ପାର୍ଶ୍ୱରେ ନିର୍ମିତ। ଉକ୍ତ ରାସ୍ତାରେ ପ୍ରବଳ ଧୂଳି ଉଡ଼ିଥାଏ; ଯାହା ଗାଡ଼ି ଚଳାଇବା ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ



ପରିବେଶ ସୃଷ୍ଟି କରିଥାଏ। ତୁଷାରପାତ ସମୟରେ ରାସ୍ତାଟି ବନ୍ଦହେବାର ମଧ୍ୟ ଆଶଙ୍କା ଥାଏ। ଲୋକେ ଏହି ରାସ୍ତାରେ ନିରନ୍ତର ଯାତାୟାତ କରନ୍ତି। ୩୫୨୮ ଫୁଟ ଉଚ୍ଚ ପର୍ବତ ଉପରେ ନିର୍ମିତ ଏହି ରାସ୍ତାଟି ପ୍ରାୟ ୯ କିଲୋମିଟର ଲମ୍ବା।

**କାବୁଲ-ଜଳାଲାବାଦ ରାଜପଥ:** ଆଫଗାନିସ୍ତାନର କାବୁଲରୁ ଜଳାଲାବାଦ ପର୍ଯ୍ୟନ୍ତ ରହିଛି ୧୪୩ କିଲୋମିଟର ଲମ୍ବା ରାଜପଥ। ସଂକୀର୍ଣ୍ଣ ହେବା ସହ ଏହି ରାସ୍ତାରେ ଅନେକ ବାଙ୍କ ରହିଛି, ଯାହା ଯାନବାହନ ପାଇଁ ବିପଦପୂର୍ଣ୍ଣ ହୋଇଥାଏ। କାବୁଲ ଏବଂ ଜଳାଲାବାଦକୁ ସଂଯୋଗ କରୁଥିବା ଏହି ଏକମାତ୍ର ରାସ୍ତାରେ ପ୍ରାୟତଃ ଓଭରଟେକିଂ କରିବା ସମୟରେ ଦୁର୍ଘଟଣା ଘଟେ।

**ତୁର୍କୀର ଟ୍ରାବଜୋନ୍ ଅଞ୍ଚଳର ଡି-୯୧୫:** ବିଶ୍ୱର ବିପଦପୂର୍ଣ୍ଣ ରାଜପଥ ମଧ୍ୟରୁ ଅନ୍ୟତମ ଏହି ରାଜପଥ। ଏହି ରାଜପଥର ଗୋଟିଏ ପାର୍ଶ୍ୱରେ ଉଚ୍ଚ ପର୍ବତ ଏବଂ ଅନ୍ୟ ପାର୍ଶ୍ୱରେ ଗାର୍ଡୱାଲ ନାହିଁ। ତେଣୁ ଏହି ରାସ୍ତାରେ ଯାତ୍ରା ଚାଳକ ଲାଗି ସବୁବେଳେ କାଠିକର ହୋଇଥାଏ।

**ଅପରାଧୀଙ୍କ ଚରାଭୂଇଁ:** ଇଜିପ୍ଟର ଦୁଇଟି ପର୍ଯ୍ୟଟନ ସ୍ଥଳ, ଲକ୍ସର ଏବଂ ହୁରଘାଡ଼ାକୁ ସଂଯୋଗ କରୁଛି ୨୯୯ ମାଇଲ ଲମ୍ବର ରାସ୍ତା। ଏହି ରାସ୍ତାକୁ ଅତିକ୍ରମ କରିବା ଲାଗି ପ୍ରାୟ ୪ ଘଣ୍ଟା ୪୦ ମିନିଟ୍ ସମୟ ଲାଗେ। ଉକ୍ତ ରାସ୍ତା ଡକାୟତି, ଅପହରଣ, ହତ୍ୟା ଏବଂ ବଳାତ୍କାର ଭଳି ଘଟଣା ପାଇଁ ଏହି ଚର୍ଚ୍ଚିତ।


# ବ୍ରେକ୍ ନେଲେ ଜାକିର ଖାନ୍

ମୁମ୍ବାଇ

ଲୋକପ୍ରିୟ ଷ୍ଟାଣ୍ଡ-ଅପ୍ କମେଡିଆନ ଭାବେ ପରିଚିତ ଜାକିର ଖାନ୍ ଏଣିକି ତାଙ୍କ ପ୍ରଶଂସକଙ୍କୁ ନିରାଶହେବାକୁ ପଡ଼ିବ। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ବ୍ୟକ୍ତିଗତ କାରଣ ପାଇଁ ସେ ୨୦୩୦ ପର୍ଯ୍ୟନ୍ତ ଲାଇଭ ଶୋ’ରୁ ବିରତି ନେଉଥିବା ଘୋଷଣା କରିଛନ୍ତି। ଜାକିରଙ୍କ ଟିମ୍‌ର ସୂଚନା ଅନୁଯାୟୀ, ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ମଞ୍ଚ ପ୍ରଦର୍ଶନରୁ ଦୂରେଇରହିବେ। ତେବେ ଜୁନ୍ ୨୦ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଟି ଶୋ’ ତାଙ୍କ ପାଇଁ ଏକ ଉତ୍ସବ ସଦୃଶ।

ଇନ୍‌ଷ୍ଟାଗ୍ରାମରେ ଏହି ନିଷ୍ପତ୍ତି ବିଷୟରେ ଜାକିର ଲେଖିଛନ୍ତି, ଏଥର ମୁଁ ଅଧିକ ସହରକୁ ଯାଇପାରିବି ନାହିଁ, ତେଣୁ ଆପଣମାନେ ଟିକେ କଷ୍ଟକରି ଶୋ’ ଦେଖିବାକୁ ଆସନ୍ତୁ।ଗତବର୍ଷ ଜାକିର ନ୍ୟୁୟର୍କର ପ୍ରସିଦ୍ଧ ‘ମାଡିସନ ସ୍କୋୟାର ଗାର୍ଡେନ’ରେ ହିନ୍ଦୀରେ କମେଡି ପ୍ରଦର୍ଶନକରି ପ୍ରଥମ ଭାରତୀୟ ଭାବେ ଇତିହାସ ରଚିଥିଲେ। ୬,୦୦୦ ଦର୍ଶକଙ୍କ ସମ୍ମୁଖରେ ସେ ଏହି ସଫଳତା ପାଇଥିଲେ।

୨୦୧୨ରେ ‘ଇଣ୍ଡିଆଜ୍ ବେଷ୍ଟ ଷ୍ଟାଣ୍ଡ-ଅପ୍’ ପ୍ରତିଯୋଗିତା ଜିତିବା ପରେ ଜାକିର ରାତାରାତି ଲୋକପ୍ରିୟ ହୋଇଥିଲେ। ନିଜର ‘ସକ୍ତ ଲୌଣ୍ଡା’ ଅନ୍ଦାଜ ପାଇଁ ପରିଚିତ ଜାକିରଙ୍କ ‘ହକ୍ ସେ ସିଙ୍ଗଲ’ ଏବଂ ‘କକ୍ଷା ଗ୍ୟାରଭି’ ଭଳି ଶୋ’ ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି।





ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା - ୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ଦୁର୍ଗା ପ୍ରାଇମେରୀ ଫିଶେରୀ କୋ-ଅପରେଟିଭ୍ ସୋସାଇଟିକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅଧିକାରୀମାନେ। (ଫଟୋ- ବିକାଶ ନାୟକ)

# ରାଜ୍ୟ ହରାଇଲା ୬୮୦ କୋଟି

## ବାବୁଙ୍କ ଦକ୍ଷତା ଏମିତି

ଭୁବନେଶ୍ୱର,୨୧।୧
(ରବିନାରାୟଣ ଜେନା)

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଣ କରିଛନ୍ତି। ଏହାକୁ ନେଇ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। କେଉଁଠୁ ରାଜସ୍ୱ ଆସିବ, କେନ୍ଦ୍ରୀୟ ସହାୟତା କିଭଳି ଅଧିକ ମିଳିବ ଏବଂ କେଉଁବାଟରେ ତାହା ଖର୍ଚ୍ଚହେଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ହୋଇପାରିବ, ତାହାକୁ ନେଇ ଅହରହ ଉଦ୍ୟମ ଚାଲିଛି। ଏହାକୁ ନେଇ ବଜେଟ ଅଟକଳ ପ୍ରସ୍ତୁତ ହେଉଛି। ହେଲେ ସରକାରୀ ଅଧିକାରୀମାନେ ବଜେଟରେ ହେଉଥିବା ବ୍ୟୟବରାଦ ଅର୍ଥକୁ ଠିକଣା ଢଙ୍ଗରେ ଖର୍ଚ୍ଚ କରିପାରୁନାହାନ୍ତି। ପ୍ରଶାସନିକ ଖର୍ଚ୍ଚ ବେଳେ ହାତଖୋଲା କରୁଥିବାବେଳେ ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ପଛରେ ପଡ଼ିଯାଉଛନ୍ତି, ଯେଉଁଥିପାଇଁ ରାଜ୍ୟ ଏବେ ୬୭୯.୨୦ କୋଟି ଟଙ୍କା ହରାଇଛି ବୋଲି ଜାନୁଆରୀ ୨୦ରେ ଅନୁଷ୍ଠିତ ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାପଡ଼ିଛି।

ବୈଠକର ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ନିବେଶ କ୍ଷେତ୍ରରେ ସ୍ୱତନ୍ତ୍ର ସହାୟତା (ଏସ୍‌ଏଏସ୍‌ସିଆଇ) ଯୋଜନାରେ ଯେଉଁ ବ୍ୟୟବରାଦ କରାଯାଇଥିଲା ସେହି ଟଙ୍କାକୁ ବହୁ ବିଭାଗର ପ୍ରଶାସନିକ ଅଧିକାରୀ ଖର୍ଚ୍ଚ କରିପାରିନାହାନ୍ତି। ପୁଞ୍ଜି ବ୍ୟୟରେ ମନ୍ଥର ଗତି ଯୋଗୁ ରାଜ୍ୟ ସରକାରଙ୍କୁ ୬୭୯.୨୦ କୋଟି ଟଙ୍କା ହରାଇବାକୁ ପଡ଼ିଛି। ତେବେ ଏହି ଯୋଜନାର ନିୟମ କହୁଛି, ୨୦୨୩-୨୪ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୪-୨୫ରେ ପୁଞ୍ଜି ବ୍ୟୟରେ ୧୦% ବୃଦ୍ଧି ସାଧନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରହିଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୫-୨୬ର ପ୍ରଥମ ୯ ମାସରେ ୧୦%ରୁ ଅଧିକ ବୃଦ୍ଧି ସାଧନ କରିବାକୁ ଟାର୍ଗେଟ ଥିଲା। ମାତ୍ର ପୁଞ୍ଜି ଖର୍ଚ୍ଚ ନୈରାଶ୍ୟଜନକ ହେବାରୁ ରାଜ୍ୟ ରାଜକୋଷକୁ ଶକ୍ତ ଝଟ୍‌କା ଲାଗିଛି।

ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଅନୁମୋଦିତ ବକେୟା ରାଶି ଦେବା ପାଇଁ ସଂପୃକ୍ତ ବିଭାଗକୁ କୁହାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ଏଥିରେ ଆନ୍ତରିକତା ଦେଖାଇ ନ ଥିଲେ। କେଉଁଠି ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ କାର୍ଯ୍ୟକ୍ରମ ବାବଦ ଅନୁମୋଦିତ ରାଶି ମିଳିପାରି ନ ଥିଲା। ସମ୍ପୃକ୍ତ ବିଭାଗଗୁଡ଼ିକ ଏକ୍ଷେତ୍ରରେ ଯେପରି ଦକ୍ଷତା ଓ ଆନ୍ତରିକତା ଦେଖାଇବା କଥା, ତାହା ଦେଖାଉନାହାନ୍ତି। ଫଳରେ ଏସ୍‌ଏଏସ୍‌ସିଆଇ ଅଧୀନରେ ରାଜ୍ୟ ସରକାର ଯେଉଁ କେନ୍ଦ୍ରୀୟ ସହାୟତା ପାଇବା କଥା ତାହା ମିଳୁନାହିଁ। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁଯାୟୀ, ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତ ରହିଥିଲେ ହେଁ ଆବଶ୍ୟକ ସଂଶୋଧନ ଅଭାବରୁ କେନ୍ଦ୍ରୀୟ ସହାୟତା ହରାଇବାକୁ ପଡ଼ିଛି।

ତଥ୍ୟ ଅନୁଯାୟୀ, ବିଭିନ୍ନ ପ୍ରକାର କେନ୍ଦ୍ରୀୟ ସହାୟତା (ୟୁନାଇଟେଡ୍) ଜରିଆରେ ରାଜ୍ୟକୁ ୨୯୭୧ କୋଟି ଟଙ୍କା ଅନୁମୋଦନ ହୋଇଛି। ସେଥିମଧ୍ୟରୁ ରାଜ୍ୟ ପ୍ରଥମ ପର୍ଯ୍ୟାୟରେ ୧୩୬୨ କୋଟି ପାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୦୧୦.୧୪ କୋଟି ଏବଂ ଅତିରିକ୍ତ ସହାୟତା ବାବଦକୁ ୩୧୭.୭୬ କୋଟି ଟଙ୍କା ପାଇଛି। ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ରାଜ୍ୟ ୨୨୫.୭୮ କୋଟି ଟଙ୍କା ପାଇବାକୁ ହକ୍ ରହିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଅର୍ଥ ମିଳିନାହିଁ। ଏହାବାଦ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଲାଗି କେନ୍ଦ୍ର ସରକାର ୪୩୬.୯୧ କୋଟି ଟଙ୍କା ଅନୁମୋଦନ କରିଥିଲେ ହେଁ ଏପର୍ଯ୍ୟନ୍ତ ୨୮୮.୩୬ କୋଟି ଟଙ୍କା ଅଂଶଧନ ବାବଦକୁ ମିଳିଥିବା ଜଣାଯାଇଛି।

# ଶକ୍ତି ସଚିବ, ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଘଟଣା

ଭବାନୀପାଟଣା,୨୧।୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେଲମ୍ବା ଗାଁର ବିଧବା ଆଦିବାସୀ ମହିଳା ଫୁଲ ମାଝୀ ୧୩୨ କେଭି ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶକ୍ତି ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୫ରେ କମିଶନ ପ୍ରଥମ ନୋଟିସ ଜାରି କରି ଦୁଇ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିଥିଲେ। ହେଲେ ଏହାକୁ ଅଣଦେଖା କରି ଅଧିକାରୀ ଦ୍ୱୟ କୌଣସି ରିପୋର୍ଟ ଦାଖଲ କରି ନ ଥିବାରୁ କମିଶନ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୨୦ ଜାନୁଆରୀ ୨୦୨୬ରେ ଦ୍ୱିତୀୟ ନୋଟିସ ଜାରି କରିଛନ୍ତି। ଆସନ୍ତା ୧୩ ଫେବୃଆରୀ ୨୦୨୬ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବା ପାଇଁ ଦୁଇ ଅଧିକାରୀଙ୍କୁ ଚେତାଇ ଦେଇଛନ୍ତି। କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଏହି ମାମଲା (ନଂ.୩୫୮/୧୮।୬।୨୦୨୫) ଦାଏର ହୋଇଥିଲା।

ପ୍ରକାଶ ଯେ, ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବେଲମ୍ବା ଗ୍ରାମର ବିଧବା ମହିଳା ଫୁଲ ମାଝୀ ୧୬ ଏପ୍ରିଲ ୨୦୨୫ରେ ଏକ ଗଛରୁ ଶାଗ ତୋଳୁଥିବା ସମୟରେ ଛିଣ୍ଡି ପଡିଥିବା ୧୩୨ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଫୁଲଙ୍କ ମୃତ୍ୟୁ ପରେ ତାଙ୍କର ୪ ନାବାଳକ ସନ୍ତାନଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମାନବ ଅଧିକାରୀ କର୍ମୀ ଦିଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ଶିଶୁମାନଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଟାଟା ପାୱାର କମ୍ପାନୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦଣ୍ଡବିଧାନ ପାଇଁ ଦାବି ଜଣାଇଛନ୍ତି।

# ଦୁବାଇ-ଭୁବନେଶ୍ୱର ବିମାନ ସେବା ବନ୍ଦ ନିଷ୍ପତ୍ତି ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ବିଜେଡି ସରକାର ୨୦୨୩ ମେ ୧୫ରେ ଦୁବାଇ-ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲେ। ୟୁଏଇରେ ଥିବା ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ୩ ଥର ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗକୁ ସୁରକ୍ଷିତ ରଖିବା ଲାଗି ବିଜେଡି ପକ୍ଷରୁ ରାଜ୍ୟ ଭାଜପା ସରକାରଙ୍କୁ ହସ୍ତକ୍ଷେପ କରିବା ପାଇଁ ଦାବି କରାଯାଇଛି। ଏକ ପ୍ରେସ୍ ବିବୃତି ଜରିଆରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନସେବା ବନ୍ଦକରିବା ପାଇଁ ଭାଜପା ସରକାରଙ୍କ ନିଷ୍ପତ୍ତି ନିନ୍ଦନୀୟ। ସିଧାସଳଖ ବିମାନସେବା ବନ୍ଦକରିବା ଭାଜପା ସରକାରଙ୍କ ଅଯୋଗ୍ୟତାର ଆଉ ଏକ ସଙ୍କେତ। ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ ପ୍ରଭାବିତ କରିବ। ୩୦ ମାର୍ଚ୍ଚ ୨୦୨୬ରୁ ଇଣ୍ଡିଗୋ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନକୁ ବନ୍ଦ କରିବାକୁ ଚାହୁଁଥିବାରୁ ପ୍ରବାସୀ ଓଡ଼ିଆ ବିପଦ ଏବଂ ସିଧାସଳଖ କ୍ଷତିର ସମ୍ମୁଖୀନ ହେବେ। ଇଣ୍ଡିଗୋ ଏୟାରଲାଇନ୍ସର ସେବାରେ ଯେଉଁ ଅସ୍ଥିରତା ହେଉଛି ତାହା ଓଡ଼ିଶାକୁ ସଂଯୁକ୍ତ ଆରବ ଏମିରେଟ୍ସ ସହ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଜାରି ରଖିବା ନେଇ ଅନିଶ୍ଚିତତା ସୃଷ୍ଟି ହେଉଛି। ଦୁବାଇ ଏବଂ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ଇଣ୍ଡିଗୋ ସେବା ୩୦ ମାର୍ଚ୍ଚ ୨୦୨୬ରୁ ବନ୍ଦ ହୋଇଯିବା ସମ୍ଭାବନା ରହିଛି। ଦୁବାଇ-ଭୁବନେଶ୍ୱର ରୁଟ୍ ପାଇଁ ଅନ୍‌ଲାଇନ ବୁକିଂ ବର୍ତ୍ତମାନ ଗ୍ରହଣ କରାଯାଉନାହିଁ ବୋଲି ଲେନିନ୍ କହିଛନ୍ତି।

## ସୁନା ଦେଢ଼ଲକ୍ଷ ପାରହେଲା




# ଯିଏ ଲୋକଙ୍କୁ ହଇରାଣ କରେ ତାକୁ କାଢ଼ିଦିଏ: ନବୀନ

ଭୁବନେଶ୍ୱର, ୨୧।୧
(ସୁନିତ୍ ମିଶ୍ର)

ପାଟକୁରାର ବିକାଶ ପାଇଁ ଜଣଙ୍କୁ ସୁଯୋଗ ଦିଆଯାଇଥିଲା। ସେହି ନିର୍ବାଚନମଣ୍ଡଳୀରେ ଉକ୍ତ ବ୍ୟକ୍ତି ଜଣକ ଭଲ କାମ କରିବେ ବୋଲି ଆଶା ଥିଲା। ହେଲେ ପରେ ଜାଣିବାକୁ ମିଳିଲା ସେହି ନେତା ପାଟକୁରାର ଲୋକ ଏବଂ ସେହି ନିର୍ବାଚନମଣ୍ଡଳୀର କାମ ଅଟକାଉଛି। ଏହାଦ୍ୱାରା ବହୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ସମସ୍ତେ ଜାଣନ୍ତି ଯେଉଁମାନେ ଲୋକଙ୍କୁ ହଇରାଣ କରନ୍ତି ସେମାନଙ୍କୁ ଦଳରୁ କାଢ଼ିଦିଏ ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ନବୀନ ବୁଧବାର ପାଟକୁରା ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀମାନଙ୍କ ସହ ନବୀନ ନିବାସରେ ଆଲୋଚନା କରିଥିଲେ। କିଛିଦିନ ତଳେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ବିଦାକରିବା ପରେ ପାଟକୁରାର ନେତା ଓ କର୍ମୀଙ୍କ ସହ ନବୀନଙ୍କ ଏହା ପ୍ରଥମ ଭେଟଘାଟ ଥିଲା। ତେବେ ନବୀନ ପ୍ରଥମେ ସେମାନଙ୍କୁ ପଚାରିଥିଲେ, ସମସ୍ତେ ଭଲ ଅଛନ୍ତି। ଏହାପରେ ସମସ୍ତଙ୍କୁ ଭଲ କାମ କରିବାକୁ ଆହ୍ୱାନ କରିବା ସହ ଅରବିନ୍ଦଙ୍କ ନାଁ ନ ନେଇ ତାଙ୍କୁ ଟାର୍ଗେଟ କରିଥିଲେ। ସୂଚନାଯୋଗ୍ୟ, ଅରବିନ୍ଦଙ୍କୁ ଦଳରୁ କାଢ଼ିବା ପରେ ବିଜେଡି ଭିତରେ ଏକ ପ୍ରକାର ହଟଚମଟ ଜୋର୍ ଧରିଛି। କାହିଁକି ତାଙ୍କୁ ଦଳରୁ ନିଲମ୍ବନ କରାଗଲା ତା'ର କାରଣ ଜାଣିବାକୁ ସମସ୍ତଙ୍କ ଭିତରେ ପ୍ରବଳ ଆଗ୍ରହ ରହିଥିବା ଦେଖିବାକୁ ମିଳିଥିଲା। ଅରବିନ୍ଦ ମଧ୍ୟ ବାରମ୍ବାର ଗଣମାଧ୍ୟମ ଆଗରେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯିବାର କାରଣ ପଚାରିଥିଲେ। ମଙ୍ଗଳବାର ଦଳର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡାକି କାହିଁକି ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଟାର୍ଗେଟ କରୁନ ବୋଲି କୁଆଡ଼େ କହିଥିବା ଚର୍ଚ୍ଚା ହେଉଛି।




# ହାତୀ ଆକ୍ରମଣରେ ଚାଷୀ ମୃତ

କୁଆଁରମୁଣ୍ଡା,୨୧।୧
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବାରିଲେପ୍ଟା ଗ୍ରାମ ଟୁଙ୍ଗୁରିଟୋଲାରେ ହାତୀ ଆକ୍ରମଣରେ ବୁଧବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଲବ ସିଂ(୪୯)। ଏନେଇ ବିଶ୍ରା ରେଞ୍ଜରେ ଏକ ଅପମୃତ୍ୟୁ ମାମଲା (ନଂ.୦୨/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୭ଟାରେ ଲବ କୌଣସି କାମରେ ଘରୁ ଚାଲିକି ଯାଉଥିଲେ। ଘରଠାରୁ ମାତ୍ର ୩ଶହ ମିଟର ଦୂରରେ ହଠାତ୍ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ରା ରେଞ୍ଜ୍ ଦାୟିତ୍ୱରେ ଥିବା ବୀରମିତ୍ରପୁର ରେଞ୍ଜର ସୁଦେଷ୍ଣା ପ୍ରଧାନ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ରେଞ୍ଜର ପ୍ରଧାନ ୪୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।




# ପୁଣି ବଢ଼ିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ରାଜ୍ୟ ସରକାର ପୁଣି ବୃଦ୍ଧି କରିଛନ୍ତି। ପୂର୍ବରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଏବେ ଫେବୃଆରୀ ୫ ଆବେଦନ ଲାଗି ସୁଯୋଗ ଦିଆଯାଇଛି। ଏଥିପାଇଁ www.msp.odisha.gov.inରେ ଆବେଦନ କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସରକାର ସମ୍ମାନିତ କରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯିବ। ମାଧ୍ୟମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଚାଲିଛି। ମାଧ୍ୟମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ଏବଂ ପ୍ରାଥମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିବେ। ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ଆବେଦନ କରିବେ। ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଆବେଦନ କରିପାରିବେ। ସେହିପରି ଡିଇଓ, ବିଇଓ, ସିଆର୍‌ସିସି ପୁରସ୍କାର ପାଇଁ ସମ୍ପୃକ୍ତ ଅଧିକାରୀ ଆବେଦନ କରିବେ। ଜିଲା ପୁରସ୍କାର ପାଇଁ ଜିଲାପାଳ ଓ ବ୍ଲକ ପୁରସ୍କାର ପାଇଁ ବିଡିଓ ଏବଂ ଡିଆଇଇଟି ପୁରସ୍କାର ପାଇଁ ସମ୍ପୃକ୍ତ ଡିଆଇଇଟି ଅଧକ୍ଷ ଆବେଦନ କରିବେ। ଏନେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବ୍‌ସାଇଟରେ ଅଧିକ ବିବରଣୀ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଘାଟିରୁ ୧୫ ଫୁଟ୍ ତଳକୁ ଖସି ଜଳିଗଲା ଟ୍ରେଲର

## ଗାଡ଼ିରୁ ଡେଇଁପଡ଼ି ଜୀବନ ବଞ୍ଚାଇଲେ ଡ୍ରାଇଭର

ପଟାଙ୍ଗି, ୨୧।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟାଙ୍ଗିରୁ ଆନ୍ଧ୍ରକୁ ସଂଯୋଗ କରିଥିବା ଜାତୀୟ ରାଜପଥର ରାଲେଗଡ଼ା ପଞ୍ଚାୟତ ନିକଟସ୍ଥ ଯୋଡିମାଦିଲି ଘାଟିରୁ ବୁଧବାର ଏକ ଟ୍ରେଲର ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାପରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଆନ୍ଧ୍ରର ଆରାକୁ ଅଞ୍ଚଳରୁ ଏକ ଟ୍ରେଲର (ଏପି୩୯-ୟୁଏମ୍-୬୧୮୩) କିଛି ଯନ୍ତ୍ରାଂଶ ଲୋଡ୍‌କରି ନନ୍ଦପୁର, ସେମିଳିଗୁଡ଼ା ହୋଇ ପଟାଙ୍ଗି ଦେଇ ବିଶାଖାପାଟଣା ଯାଉଥିଲା। ଯୋଡ଼ିମାଦିଲି ଘାଟିର ଗଡାଣିଆ ରାସ୍ତାରେ ଓହ୍ଲାଉ ଥିବାବେଳେ ଟ୍ରେଲର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହା ପ୍ରାୟ ୧୫ଫୁଟ୍ ତଳକୁ ଗଡି ଚାଲିଯାଇଥିଲା। ଏହି ସମୟରେ ବଡ଼ ବଡ଼ ପଥର ସହ ଧକ୍କାହୋଇ ପ୍ରେସର ପାଇପ୍ ଫାଟିଯିବା ଫଳରେ ଟ୍ରେଲରରେ ନିଆଁ ଲାଗିଯାଇଥିଲା। ଜୀବନ ବଞ୍ଚାଇବାକୁ ଡ୍ରାଇଭର ଜୟ ପ୍ରକାଶ ବର୍ମା ଟ୍ରେଲରରୁ ଡେଇଁ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣାସ୍ଥଳରେ ପହଞ୍ଚି ଦମକଳ ଗାଡ଼ି ଡକାଇଥିଲେ। ଅଗ୍ନିଶମ ବାହିନୀ ଟ୍ରେଲରରେ ଲାଗିଥିବା ନିଆଁ ଲିଭାଇବାକୁ ଚେଷ୍ଟା କରିଥିବାବେଳେ ତାହା ସମ୍ପୂର୍ଣ୍ଣ ଜଳିଯାଇଥିଲା। ପଟାଙ୍ଗି ପୋଲିସ ଖବରପାଇ ପ୍ରାଥମିକ ତଦନ୍ତ କରିଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।



ଜଳିଯାଇଥିବା ଟ୍ରେଲର।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶୀ ଆର୍ଟିଷ୍ଟ ସୁସ୍ମିତା ପତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସକ୍ଲବ, ମ୍ୟାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀ ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ହନୁମାନ ମନ୍ଦିର, ୟୁନିଟ୍ ୮, ସମୟ: ସନ୍ଧ୍ୟା ୫ଟା ।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା ।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଜଳ ଅର୍ପଣ ଦିବସ, ସ୍ଥାନ: ମହେଶପୁର ପଞ୍ଚାୟତ ଝାଟିଆବାଡ଼ି ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା ।
- ବିଗ୍ରେଡ୍ ସ୍କୁଲରେ ବାର୍ଷିକ ଉତ୍ସବ, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡିଆ ସମ୍ମୁଖ, ଭୋଗରାଇ, ସମୟ: ଅପରାହ୍ନ ୨ଟା ୩୦ ।
- କମର୍ଦ୍ଦା ସୁରେନ୍ଦ୍ରନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: କମର୍ଦ୍ଦା, ଭୋଗରାଇ, ସମୟ: ଅପରାହ୍ନ ୩ଟା ।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ଏକ୍ସପୋ ଓଡ଼ିଶା–୨୦୨୬ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- କବି ଡ. ମହେଶ୍ୱର ଦାସଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଅନନ୍ତ ଆଶ୍ରମ, ଈଶାଣପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶିବ ମନ୍ଦିର ପଡ଼ିଆ, ଚାରିତରଫ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ଶିକ୍ଷଣ ସହାୟତା ଉପକରଣ ପ୍ରସ୍ତୁତି କର୍ମଶାଳା, ସ୍ଥାନ: ମିଶ୍ରପୁର, ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ରାଷ୍ଟ୍ରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆକୁଳିକଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ରଜତ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ:ନିମାପଡ଼ା, ବନ୍ତ, ସମୟ:ପୂର୍ବାହ୍ନ ୧୦ଟା ।
- ଜାତୀୟ କନ୍ୟା ଶିଶୁ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିଶାଳ ହିନ୍ଦୁ ସମ୍ମିଳନୀ,ସ୍ଥାନ: ଦକ୍ଷିଣକୁରୁଆ, ଖଡ଼ିପଦା,ଧାମନଗର,ସମୟ: ପୂର୍ବାହ୍ନ ୧୧ଟା ।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଓଡ଼ାବାଲି ଦ୍ୱୀପ, ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଜିଲା ମହୋତ୍ସବ ଭଦ୍ରାୟଣୀର ୫ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା ।
- ମାଛ ମାର୍କେଟ କମ୍ପ୍ଲେକ୍ସ ଶିଳାନ୍ୟାସ, ମିଶନଶକ୍ତି ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ, ସ୍ଥାନ: ନନ୍ଦପୁର ବଜାର, ତିହିଡ଼ି, ସମୟ : ଅପରାହ୍ନ ୪ଟା ।
- ମା' ବୀଣାପାଣି ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଅଚକ ମହାଜନ ସାହି, ତିହିଡ଼ି, ସମୟ: ଅପରାହ୍ନ ୫ଟା ।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା ।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା,ସ୍ଥାନ:କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୧ଟା ।
- ମୋରଡ଼ା ପ୍ରିମିୟର ଲିଗର ଉଦ୍‌ଯାପନୀ ଦିବସ, ସ୍ଥାନ:ଷ୍ଟାଡିୟମ ପଡିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା ।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି,ସମୟ: ଅପରାହ୍ନ ୫ଟା ।

## ବ୍ରହ୍ମପୁର

- ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଆଇଇସି ହଲ, ସମୟ: ମଧ୍ୟାହ୍ନ ୧୨ଟା ।

## ଗଞ୍ଜାମ

- ବୁଦ୍ଧଗିରି ବିଦ୍ୟାପୀଠରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବିରଧନଞ୍ଜୟପୁର (ବୁଗୁଡ଼ା), ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ଢେଙ୍କାନାଳ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ–ସନ୍ଧ୍ୟା ୬ଟା ।

## ଅନୁଗୋଳ

- ସ୍ୱଦେଶୀ ସପ୍ତାହ ପାଳନ ଉପଲକ୍ଷେ ସହର ପରିକ୍ରମା, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ଜଗତ୍‌ସିଂହପୁର

- ପରୀକ୍ଷା ପେ ଚର୍ଚ୍ଚା (ପିପିସି)ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ ଟା ।

## ଯାଜପୁର

- ଇଭିଏମ୍ ଏବଂ ଭିଭିପିଏଟି ୱେର ହାଉସ ନିରୀକ୍ଷଣ, ସ୍ଥାନ : ୱେର ହାଉସ ପରିସର, ସମୟ : ପୂର୍ବାହ୍ନ ୧୦ଟା୩୦ ।
- ଡିଏମ୍‌ଏଫ୍ ଅଡିଟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।

## ନୟାଗଡ଼

- ଖଣ୍ଡପଡା ବିଧାୟକଙ୍କ ଜନ ଶୁଣାଣି, ସ୍ଥାନ:ଖଣ୍ଡପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ପୂର୍ବାହ୍ନ ୧୦ଟା ।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ନୟାଗଡ଼ ସହରାଞ୍ଚଳସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ ମ୍ୟାଚ ଘଣାଶାଳିଆ ବନାମ ବଡବାଣପୁର କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଏକାଦଶ ଦିବସର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବରହମପୁରା ବନାମ ପଦାମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ ପ୍ରଥମ ସେମି ଫାଇନାଲ ଏସଜେସି ଫୁଟବଲ, କାଲିକୁଟେ କେରଳ ବନାମ ମାର୍ଥା ଇଲେଭେନ ଭଞ୍ଜନଗର, ସ୍ଥାନ:ନୟାଗଡ, ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ପରିବେଶ ସୁରକ୍ଷା ସହ ସୁରକ୍ଷିତ ଜୀବିକା ସମ୍ପର୍କିତ କର୍ମଶାଳା, ସ୍ଥାନ: ରାୟଗଡା ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ନୋଡାଲ ହାଏର ସେକେଣ୍ଡାରୀ ସ୍କୁଲ, ମୁନିଗୁଡା, ସମୟ–ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ।
- ରକ୍ତଦାନ ଶିବିର, ସ୍ଥାନ: ଗୁଣପୁର ରକ୍ତ ଭଣ୍ଡାର ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୨ଟା ।
- ବଂଶଧାରା ବସନ୍ତ ମହୋତ୍ସବ ନିମନ୍ତେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଘୁଆ ଦେଉଳ ପଛପଟ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ ଟା ।

## ନବରଙ୍ଗପୁର

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ : ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପନୀ ଦିବସ, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦

## କୋରାପୁଟ

- ମା ଶୀତଳା ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନି ଦିବସ, ସ୍ଥାନ: କୋଟପାଡ଼ ନୁଆଁଗୁଡା ପଡ଼ିଆ, ସମୟ: ଅପରାହ୍ନ ୨ଟା ।

## ମାଲକାନଗିରି

- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ଅକ୍ରୁରଙ୍କ ଆଗମନ, କୃଷ୍ଣ ଓ ବଳରାମଙ୍କୁ ବିଦାୟ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ଚେରୁଆପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା ।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୭ଟା ।
- ସମ୍ବଲପୁରୀ ଧନୁଯାତ୍ରାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ ରାତି ୯ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲୋକସଙ୍ଗୀତ ପରିବେଷଣ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା ।
- ସାଂସ୍କୃତିକ ସଭା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା

- ରାମମନ୍ଦିର ସ୍ଥାପନ ବାର୍ଷିକ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ, ସମୟ: ସକାଳ ୮ଟା ।
- ଗୁଣ୍ଡିଚା ମନ୍ଦିରରେ ରତ୍ନମୁଦ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ ମନ୍ଦିର, ସମୟ: ସକାଳ ୮ଟା ୩୦ ।

## ବରଗଡ଼

- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଜାପାଲି (ଗୋଡଭଗା), ଅତାବିରା,ସମୟ: ସକାଳ ୮ଟା ।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:କୁମ୍ଭାରୀ, ବରପାଲି,ସମୟ:ସକାଳ ୮ଟା ।
- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ:ସକାଳ ୮ଟା ୩୩ ।
- ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ।
- ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ରାସ୍ତା ଉନ୍ନତିକରଣର ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ: ଥାନାଛକ, ବରଗଡ଼,ସମୟ:ସନ୍ଧ୍ୟା ୫ଟା ।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼, ସମୟ:ସନ୍ଧ୍ୟା ୬ଟା ।

## କଳାହାଣ୍ଡି

- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।

## ବୌଦ୍ଧ

- ନବମ ଗଡଜାତ ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ଉତ୍ସବ ପ୍ରଧାନପାଟ–୨୦୨୬ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ନିକଟରେ ମନକଥା କହିପାରିବେ ନାହିଁ। ସାମାନ୍ୟ ଭୁଲ୍‌ରୁ ଆଜିର କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବ। ଅବଶ୍ୟ ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବାରେ ସଫଳତା ପାଇବେ।

**ବୃଷ** ରବି ନିଜଭାବରୁ ଷଷ୍ଠସ୍ଥ ହେତୁ କୌଣସି ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସ୍ଥିତି ବିଡ଼ମ୍ବିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ଅଷ୍ଟମଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗର ଫଳ ସ୍ୱରୂପ ଆରୋଗ୍ୟ, ଋଣପରିଶୋଧ କରାଇବେ। ଶନି ବିଭିନ୍ନ ସମସ୍ୟା ମାଧ୍ୟମରେ କାମକୁ ବିଳମ୍ବିତ କରାଇ ଅର୍ଥନୈତିକ ପ୍ରଗତିକୁ ରୋକି ଦେଇପାରେ। ବହୁପ୍ରତୀକ୍ଷିତ ଖବରଟି ଆଜି ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିପାରେ।

**କର୍କଟ** ଦୁଃସ୍ଥାନସ୍ଥ ଚନ୍ଦ୍ର ପାପଯୁକ୍ତ ହୋଇ ଦୈହିକ ଓ ମାନସିକ ସ୍ତରକୁ କଳୁଷିତ କରିପାରେ। ଆଜିର ଆଲୋଚନା ପରିସରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଅଧସ୍ତନ କର୍ମଚାରୀଙ୍କ ସହାୟତା ନେଇ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ଆଜିର ଚତୁର୍ଥାଧିପତି ଷଷ୍ଠସ୍ଥ ଯୋଗୁ ଦୈନିକ ଚର୍ଯ୍ୟାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ। ଈର୍ଷାପରାୟଣ ହୋଇ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସ୍ୱାଭିମାନୀ ଓ କର୍ମଠ କାରଣରୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**କନ୍ୟା** ଆଜି ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ସହକର୍ମୀଙ୍କ ସହ ଆଜିର ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ। ନୂତନ ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ, ସରକାରୀ କାର୍ଯ୍ୟ, ଇଣ୍ଟରଭ୍ୟୁ, ଯାତ୍ରାରେ ଅଭିଳାଷ ପୂରଣ ହୋଇପାରିବ।

**ତୁଳା** କେନ୍ଦ୍ରସ୍ଥ ଗ୍ରହମାନେ ଆପଣଙ୍କ କର୍ମଭାବ ଓ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବେ। କିନ୍ତୁ ହସ୍ତା ନକ୍ଷତ୍ର କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ଭିନ୍ନାର୍ଥରେ ଗ୍ରହଣ କରି ଅପପ୍ରଚାର କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜିର ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣତାର ସହ କଷ୍ଟପ୍ରଦ ଯାତ୍ରା କରାଇପାରେ। ପରିବାରରେ ନିଜର ଲୋକଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ସ୍ଥାନସ୍ଥିତିରୁ ଆଜି ଗୃହ, ଜମିବାଡ଼ି, ଯାନବାହନ କ୍ରୟ ପାଇଁ ଯୋଜନା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ। ଅଯାଚିତ ଭାବେ କାମ ହାସଲ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର** ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଅସମ୍ଭବ ମନେହେବ। ରାଶିରେ ଚାରୋଟି ଗ୍ରହ ଅବସ୍ଥାନ କରିଥିବାରୁ କୌଣସି ବ୍ୟକ୍ତି ଶତ୍ରୁତା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। କର୍ମାରମ୍ଭ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**କୁମ୍ଭ** ରାଶିରେ ରାହୁ ଏବଂ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଆପଣଙ୍କୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗିରହି ପାରେ।

**ମୀନ** କର୍ମାଧିପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଘଟିବ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବାହାର ଲୋକ ଯେତେ ଭଲ କହୁଥିଲେ ମଧ୍ୟ ଘରେ ଆଦର ପାଇବେ ନାହିଁ। ମକଦ୍ଦମା, ପରିବହନରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ଜାନୁଆରୀ ୨୨ ତାରିଖ, ମାଘ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଶତଭିଷା/କୁମ୍ଭ। ଦିବା ଘ. ୦୨।୨୬ ମି. ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୪୩ ମି. ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାହାକୁ ନ ରୁଚେ ଖିରି ଖିରିସା,**
**କିଏ ପାଉ ନାହିଁ ପଣସ ଖୋସା ।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି । କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବା ଦେଖିବାକୁ ମିଳିଥାଏ । କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କେତେ ଶଚୀ ଗଲେଣି**
**ସେଇ ଇନ୍ଦ୍ର ଅଛି**
**କେତେ ଥାନେଦାର ଗଲେଣି**
**ସେଇ ଫାଣ୍ଡି ଅଛି ।**

ପଦ ଓ ଆସନ ଖାଲି ପଡ଼େନାହିଁ । ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଙ୍କୃତ କରିଥାନ୍ତି। ପଦବୀଧାରୀ ପରିବର୍ତ୍ତିତ ହୁଅନ୍ତି, କିନ୍ତୁ ପଦାସନ ଯେମିତି ଅଛି ସେମିତି ପଡ଼ିରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ

## 'ଇସିଆଇ'ଙ୍କୁ ତଥ୍ୟଦେଲା 'ସିଇଓ'

ଭୁବନେଶ୍ୱର,୨୧।୧(ରବିନାରାୟଣ ଜେନା)

ଦେଶର ୧୦ଟି ରାଜ୍ୟରେ ଖାଲି ହେବାକୁଥିବା ୩୭ ରାଜ୍ୟ ସଭା ଆସନ ଲାଗି ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏ ସଂକ୍ରାନ୍ତରେ ଇସିଆଇଙ୍କ ସଚିବ ସୁମନ କୁମାର ଦାସ ୧୦ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସଚିବ ସୁମନ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ରିଟର୍ନିଂ ଅଫିସର(ଆରଓ), ସହାୟକ ରିଟର୍ନିଂ ଅଫିସର(ଏଆରଓ), ଭୋଟ୍ ଗ୍ରହଣ ସ୍ଥାନ ଏବଂ ବାଲଟ୍ ବକ୍ସ ସମ୍ପର୍କରେ ତଥ୍ୟ ତୁରନ୍ତ ପ୍ରଦାନ କର। ଏହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ବିଧାନସଭାଠାରୁ ତଥ୍ୟ ଲୋଡ଼ାଯାଇଥିଲା। ବିଧାନସଭା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନିକଟରେ ସିଇଓଙ୍କ ପକ୍ଷରୁ ଇସିଆଇଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଇସିଆଇ ସଚିବ ସୁମନ କୁମାର ଚଳିତମାସ ୫ରେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ୧୦ଟି ରାଜ୍ୟର ୩୭ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଯାଉଛି। ସେଥିମଧ୍ୟରେ ଓଡ଼ିଶାର ରାଜ୍ୟର ୪ଟି ଆସନ ୨୦୨୬ ଏପ୍ରିଲ ୨ରେ ଖାଲିହେବାକୁ ଯାଉଛି। ଏହାସହିତ ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ଟି ଆସନ ଉକ୍ତ ଅବଧି ମଧ୍ୟରେ ଶେଷହେବାକୁ ଯାଉଛି। ଏହାସହିତ ତେଲଙ୍ଗାନାର ୨, ଆସାମର ୩, ବିହାରର ୫, ଛତିଶଗଡ଼ର ୨, ହରିୟାଣାର ୨ ଏବଂ ହିମାଚଳ ପ୍ରଦେଶର ଗୋଟିଏ ରାଜ୍ୟ ସଭା ଆସନ ଏପ୍ରିଲ ୯ରେ ଖାଲିହେବାକୁ ରହିଛି। ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ନିଂ ଅଫିସର ଏବଂ ସହାୟକ ରିଟର୍ନିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମଗାଯାଇଛି। ଏହି ପ୍ରସ୍ତାବରେ ଅଧିକାରୀମାନଙ୍କର ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଏବଂ ଇ–ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏହାସହିତ ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟବହାର ହେବାକୁ ଥିବା ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଏହି ପ୍ରସ୍ତାବସବୁ ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ପାଇଥିବାରୁ ନିର୍ବାଚନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ଖାଲି ହେବାକୁଥିବା ୪ଟି ରାଜ୍ୟ ସଭା ଆସନ ମଧ୍ୟରେ ଭାଜପାର ସୁଜିତ୍ କୁମାର ଓ ମମତା ମହନ୍ତ ରହିଥିବାବେଳେ ବିଜୁ ଜନତା ଦଳ(ବିଜେଡି)ର ମୁଜିବୁଲ୍ଲା ଖାଁ (ମୁନା) ଏବଂ ନିରଞ୍ଜନ ବିଶି ରହିଛନ୍ତି।

# ୫୩ ନୁହେଁ, ୧୦୦% ଖର୍ଚ୍ଚ କର

## ବିଭାଗୀୟ ଅଧିକାରୀଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୧(ରବିନାରାୟଣ ଜେନା)

ପଞ୍ଚାୟତିରାଜ ବିଭାଗର କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ଯେପରି ମାର୍ଚ୍ଚ ୩୧ ସୁଦ୍ଧା ଶତପ୍ରତିଶତ ହେବ ସେଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ବିଭାଗ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସହ ଅନ୍ୟାନ୍ୟ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନାୟକ ୨୦୨୭ ସୁଦ୍ଧା ୧୫୦ ଜନସଂଖ୍ୟାବିଶିଷ୍ଟ ସମସ୍ତ ଗାଁକୁ ରାସ୍ତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ୨୦୨୭ ସୁଦ୍ଧା ୭୫ ହଜାରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ ଅଦ୍ୟାବଧି ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟସୀମା ଭିତରେ ସବୁ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗତ ସରକାରରେ ୯୨ଟି ବ୍ରିଜ୍‌କୁ ଆପ୍ରୋଚ୍ ରୋଡ୍ ନ ଥିଲା। ମାତ୍ର ଭାଜପା ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଏବେସୁଦ୍ଧା ୫୩ ପ୍ରତିଶତ ବଜେଟ ଖର୍ଚ୍ଚ ସରିଛି ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାଜପାକୁ ଶିନ୍ଦେଙ୍କ ...

୪ ଜଣ କର୍ପୋରେଟର ମଧ୍ୟ ଶିନ୍ଦେଙ୍କ କ୍ୟାମ୍ପକୁ ସମର୍ଥନ ଦେଇଥିବା ଜଣାପଡ଼ିଛି। ଏହା ଫଳରେ ଶିନ୍ଦେଙ୍କ ସଂଖ୍ୟା ୬୨ ଛୁଇଁଛି, ଯାହା ମେୟର ପଦ ହାସଲ ପାଇଁ ଯଥେଷ୍ଟ। ଏହି ଘଟଣାରେ ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ଝଟକା ଲାଗିଛି। କାରଣ ନିର୍ବାଚନ ପୂର୍ବରୁ ଦୀର୍ଘଦିନର ପାରିବାରିକ ଶତ୍ରୁତାକୁ ଭୁଲି ଉଦ୍ଧବ ଓ ତାଙ୍କ କାକା ପୁଅ ଭାଇ ରାଜ୍ ଠାକ୍‌ରେ ଏକାଠି ହୋଇଥିଲେ ଏବଂ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। ଏହି ଏକାଠିକୁ ମାସେ ନ ପୂରୁଣୁ ରାଜ୍ ଠାକ୍‌ରେ କରଛଡ଼ା ଦେଇ ଉଦ୍ଧବଙ୍କ ସାମ୍ପ୍ରତିକ ରାଜନୈତିକ ଶତ୍ରୁ ଏକନାଥ ଶିନ୍ଦେଙ୍କ ସହ ହାତ ମିଳାଇଛନ୍ତି। ଏହି ମେଣ୍ଟ ଜରିଆରେ ରାଜ୍ ଠାକ୍‌ରେ ପୁଣିଥରେ କଲ୍ୟାଣ–ଡୋମ୍ବିଭଲି ରାଜନୀତିରେ ନିଜର ଗୁରୁତ୍ୱ ପ୍ରମାଣିତ କରିଛନ୍ତି।

ଅନ୍ୟପକ୍ଷରେ ରାଜନୀତିର ଘୋଡ଼ା ବେପାର ଭୟ ଥିବା ନିଜ କର୍ପୋରେଟରମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଶିନ୍ଦେ ସେନା ସେମାନଙ୍କୁ ବିଭିନ୍ନ ଗୁପ୍ତ ସ୍ଥାନ ବା ହୋଟେଲକୁ ପଠାଇ ଦେଇଛି। ତେବେ ଭାଜପା ଏହି ଘଟଣାକୁ ନେଇ କିପରି ପ୍ରତିକ୍ରିୟା ଦେଉଛି ଏବଂ ଆଗାମୀ ମେୟର ନିର୍ବାଚନ ଦିନ କ'ଣ ଘଟିବାକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଆଜି ୪,୫୭,୬୮୧ ...

ପ୍ରୟାସ ଜାରି ରହିଛି। ଯେପରି ଜଣେ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକ ଯାଞ୍ଚ ପରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବା ସହ ଯୋଗ୍ୟ ତଥା ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉଛି। ତେବେ ସହାୟତା ପାଇବାକୁ ଥିବା ଏହି ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ମଧ୍ୟରୁ ପୂର୍ବରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ଗତ ନଭେମ୍ବର ମାସରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ୫ହଜାର ଲେଖାଏ ସୁଭଦ୍ରା ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି।

### ବାଲେଶ୍ୱର: ସୋସିଆଲ୍...

ଜଣାପଡ଼ିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଭ୍ରମାତ୍ମକ ଓ ଅନୁଚିତ ପୋଷ୍ଟ କରିବା ସହ ସେସବୁକୁ ମାତ୍ରାଧିକ ଶେୟାର କରୁଛନ୍ତି ଏବଂ କମେଣ୍ଟ ଦେଉଛନ୍ତି। ଯେଉଁମାନେ ଏପରି ତଥ୍ୟ ବା ପ୍ରମାଣ ନ ଥିବା ଭ୍ରମାତ୍ମକ ପୋଷ୍ଟ କରିବେ କିମ୍ବା ଶେୟାର କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# କୃଷି ଓଡ଼ିଶା: ରାଜ୍ୟର କୃଷି ପ୍ରଗତିକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଗତିଶୀଳ ମଞ୍ଚ



କନକ ବର୍ଦ୍ଧନ ସିଂହଦେଓ

'କୃଷି ଓଡ଼ିଶା' ହେଉଛି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟର ପ୍ରଗତିକୁ ପ୍ରଦର୍ଶିତ କରିଥାଏ। ଏହି ବିଶାଳ ସମାବେଶ ଆଧୁନିକ, ସମସାମୟିକ, ପାରମ୍ପରିକ କୃଷି ଏବଂ ନବସୃଜନ ସହିତ ସମନ୍ୱୟ ରଖି ବର୍ଷ ବର୍ଷ ଧରି କୃଷି ପଦ୍ଧତିର ସଫଳତା ଓ ବିକାଶକୁ ପ୍ରଦର୍ଶନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାର୍ଯ୍ୟ କରିଆସୁଛି।

ଚଳିତ ବର୍ଷର ବିଷୟବସ୍ତୁ "ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି" ରହିଛି। ଯାହା ରାଜ୍ୟରେ ଚାଷୀଙ୍କ ଉନ୍ନତି, ଅଗ୍ରଗତି, ସମ୍ପ୍ରଦାୟର ବିକାଶ ଏବଂ ଏକାଧାରରେ ସମୃଦ୍ଧ କୃଷି ଐତିହ୍ୟ, ଜୈବ ବିବିଧତା ସଂରକ୍ଷଣ ସହିତ ଲିଙ୍ଗଗତ ଓ ପୁଷ୍ଟି ସମ୍ବେଦନଶୀଳ କୃଷି କଲ୍ୟାଣ ଭବିଷ୍ୟତ ଓ ରଣନୀତି ନିର୍ମାଣ ଉପରେ ପର୍ଯ୍ୟବସିତ।

ମୁଁ ରାଜ୍ୟରେ ବର୍ତ୍ତମାନ କୃଷିର ସ୍ଥିତି ଓ ଏହାର ପ୍ରଗତିକୁ ଅନୁଧ୍ୟାନ କରି ଦେଖିଛି ଯେ ଏହି କ୍ଷେତ୍ର ଏକଦା ଖାଦ୍ୟଶସ୍ୟରେ ନିଅଣ୍ଟିଆ ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ଖାଦ୍ୟଶସ୍ୟରେ ବଳକା ରାଜ୍ୟଭାବେ ପରିଗଣିତ। କେବଳ ସେତିକି ନୁହେଁ ବର୍ତ୍ତମାନ ଓ ବିଦେଶକୁ ମଧ୍ୟ ଚାଉଳ, ପନିପରିବା ଓ ଫଳମୂଳ ରପ୍ତାନି କରି ଅନ୍ନଦାତାଙ୍କୁ ସଶକ୍ତ କରିପାରୁଛି। ଏହି ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ଆମ ମାଟିର କୃଷକମାନେ ହିଁ। ଯେଉଁମାନେ ନିଜ ଜମିରେ ସୁନାର ଫସଲ ଫଳାଇ କେବଳ ନିଜ ଆବଶ୍ୟକକୁ ପୂରଣ କରୁନାହାନ୍ତି ବରଂ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ପ୍ରଦାନ ଏବଂ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଭଳି ବିରାଟ ସମସ୍ୟା ପ୍ରତିରୋଧ ପ୍ରଭାବଶାଳୀ ରୂପେ କରି ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସୁସ୍ଥ, ସ୍ଥିର କୃଷି ଭବିଷ୍ୟତ ନିର୍ମାଣ କରୁଛନ୍ତି।

ରଣନୈତିକ ନୀତି ପଦକ୍ଷେପ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଜଳବାୟୁ-ପ୍ରତିରୋଧୀ କୃଷି ଅଭ୍ୟାସ, ଡିଜିଟାଇଜେସନ ଏବଂ ସ୍ଥାୟିତ୍ୱ ଉପରେ ଧ୍ୟାନ ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଅନୁଭବ କରୁଛି। ରାଜ୍ୟ ଜନସଂଖ୍ୟାର ଏକ ସିଂହ ଭାଗର, ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ପାଇଁ କୃଷି କ୍ଷେତ୍ର ଜୀବନରେଖା ହୋଇରହିଛି। ଆମ ସମସ୍ତେ ମିଳିମିଶି ଏହି ସକାରାତ୍ମକ ପରିବର୍ତ୍ତନକୁ ସ୍ୱୀକାର କରିବା ଏବଂ ସଶକ୍ତୀକରଣକୁ ଆଗେଇ ନେବା।

ବର୍ତ୍ତମାନ, କୃଷି କ୍ଷେତ୍ର ଏକ ଗତିଶୀଳ ପରିବର୍ତ୍ତନ ଦେଇ ଗତି କରୁଛି, ଯାହା ରେକର୍ଡ ପରିମାଣର ଉତ୍ପାଦନ, ପ୍ରଯୁକ୍ତିରେ ନିବେଶ ଏବଂ ଏକ ଅନ୍ତର୍ଭୁକ୍ତ ପଥ ଆଡ଼କୁ ପରିବର୍ତ୍ତନ ଦ୍ୱାରା ବର୍ଣ୍ଣିତ। ରାଜ୍ୟ ଏହାର ବଜେଟ ଆବଣ୍ଟନ, ଅଭିନବ ଯୋଜନା ଓ କୃଷି କ୍ଷେତ୍ରରେ ଏକ ଅନ୍ତର୍ଭୁକ୍ତ ଏବଂ ସମଗ୍ର ସମାଜ ଆଭିମୁଖ୍ୟ ଉପରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଓଡ଼ିଶା ଡିଜିଟାଲ କୃଷିରେ ଏକ ବିପ୍ଳବ ଆଣିଛି ଯାହାକୁ ଅନ୍ୟ ରାଜ୍ୟମାନେ ପରିବର୍ତ୍ତନ ପାଇଁ ଏକ ବ୍ଲୁପ୍ରିଣ୍ଟ ଭାବରେ ବ୍ୟବହାର କରିପାରିବେ।

ଅଦ୍ୟାବଧି ରାଜ୍ୟର ପ୍ରାୟ ୪୯ ପ୍ରତିଶତ ଜନସଂଖ୍ୟା ସିଧାସଳଖ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି।

ଓଡ଼ିଶା ଅର୍ଥନୈତିକ ସର୍ଭେ-୨୦୨୪-୨୫ ଅନୁଯାୟୀ, ସମୟ ସହିତ ତାଳଦେଇ, ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଲ୍ଲେଖନୀୟ ହାରରେ ବୃଦ୍ଧି ପାଉଛି। ଓଡ଼ିଶାରେ ୬୧.୮୦ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଉପଯୋଗୀ ଜମି ଏବଂ ପ୍ରାୟ ୪.୫ କୋଟି ଜନସଂଖ୍ୟା ରହିଛି, ଏହା ସହିତ ଏକ ବିପୁଳ ଏବଂ ଗତିଶୀଳ ଯୁବ ଶ୍ରମଶକ୍ତି ଅଛି ଯାହାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ଅଧୀନରେ ସାହାଯ୍ୟ କରାଯାଉଛି, ଯାହା ନିଯୁକ୍ତି ସୃଷ୍ଟି କରୁଛି ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି।

ବର୍ତ୍ତମାନର ସରକାର ରାଜ୍ୟର କୃଷି ପରିସ୍ଥିତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏହି ଜୀବିକା କ୍ଷେତ୍ରର ଅଭିବୃଦ୍ଧି ଉପରେ ଧ୍ୟାନ ଦେଉଛି। ରାଜ୍ୟରେ ଏକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ କୃଷି ଭବିଷ୍ୟତ ପାଇଁ କୃଷିକୁ ଅଧିକ ଲାଭଦାୟକ କରିବା ଏବଂ ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଲାଗି ବର୍ତ୍ତମାନର ସରକାରଙ୍କ ଦ୍ୱାରା କିଛି ଭବିଷ୍ୟବାଦୀ, କୃଷକ ହିତୈଷୀ ନିଷ୍ପତ୍ତି ଏବଂ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା ଓ ପଦକ୍ଷେପ ନିଆଯାଇଛି।

ରାଜ୍ୟର ଧାନ ଚାଷୀଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଓ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ତଦନୁଯାୟୀ, ୨୦୨୫ ଖରିଫ ଋତୁଠାରୁ ସରକାର ଚାଷୀଙ୍କଠାରୁ ପ୍ରତି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି, (ଯାହାକି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ମଧ୍ୟ ଅଧିକ) ଏବଂ ତତ୍ ସଙ୍ଗେସଙ୍ଗେ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ ଇନ୍‌ପୁଟ୍ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି।

ଶ୍ରୀ ଅନ୍ନ ଅଭିଯାନର ଲକ୍ଷ୍ୟ ହେଉଛି ଜଳବାୟୁ-ଅନୁକୂଳ ତଥା ପୁଷ୍ଟିକର ଖାଦ୍ୟ ମାଣ୍ଡିଆ, ଯଅ, ବାଜରା ଇତ୍ୟାଦିକୁ ପୁନରୁଦ୍ଧାର କରି ଦୈନନ୍ଦିନ ଜୀବନରେ ଲୋକଙ୍କ ଖାଦ୍ୟରେ ସାମିଲ କରିବା। ଏହି ଜଳବାୟୁ-ଅନୁକୂଳ ଫସଲଗୁଡ଼ିକ ସ୍ଥାୟୀ କୃଷି ଓ ପୁଷ୍ଟିକର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଶୁଷ୍କ ଭୂମି ପାଇଁ ଉପଯୁକ୍ତ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଉନ୍ନତିରେ ମୁଖ୍ୟ ବାହକ ସାଜିଛି।

ସିଏମ୍ କିଷାନ ହେଉଛି ଏକ କୃଷକ କଲ୍ୟାଣ ଯୋଜନା, ଯାହା ରାଜ୍ୟର କୃଷି ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ କରାଯାଇଛି। ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାରକୁ ଚାଷକାର୍ଯ୍ୟ ନିମନ୍ତେ ବର୍ଷକୁ ୨ଟି କିସ୍ତିରେ ୪୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହା ପ୍ରଗତିଶୀଳ, ଅନ୍ତର୍ଭୁକ୍ତ, କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାର ଉଭୟଙ୍କୁ ସଶକ୍ତ କରୁଛି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯେଉଁଥିରେ କୃଷକଙ୍କୁ, କୃଷି ଉତ୍ପାଦନ ଖର୍ଚ୍ଚ ପୂରଣ ପାଇଁ ସୁନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବାର୍ଷିକ ୩ଟି କିସ୍ତିରେ ମୋଟ ୬୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ, ରାଜ୍ୟ ଏବଂ ଜାତୀୟ ସ୍ତରର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିଷାନ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୭୨ ହଜାରରୁ ଅଧିକ ଛାତ୍ରୀଛାତ୍ର କୃଷି ବିଦ୍ୟା ନିଧି ଯୋଜନାରେ ଉପକୃତ ହୋଇଛନ୍ତି, ଯାହା ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପ୍ରସାରକୁ ଦର୍ଶାଉଛି।

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ହେଉଛି ଭାରତୀୟ କୃଷିକୁ ଅଧିକ ଉତ୍ପାଦନକ୍ଷମ, ସ୍ଥାୟୀ ଏବଂ କୃଷକଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ସରକାରୀ ପଦକ୍ଷେପ। ଜଳସେଚନ, ମୃତ୍ତିକା ସଂରକ୍ଷଣ, ଋଣ, ତାଲିମ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହାୟତା ପ୍ରଦାନ କରି, କୃଷକଙ୍କ ଆୟ ବୃଦ୍ଧି, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରି ଆତ୍ମନିର୍ଭରଶୀଳ ଭାରତ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ଅଧୀନରେ, ଓଡ଼ିଶାକୁ ଡାଲି ଓ ତୈଳବୀଜ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡ଼ିବ।

ଖାଇବା ବେଳେ ଭାତ ହେଉ ଅବା ରୁଟି, ଡାଲି ସବୁଥିରେ ଖୋଜାପଡ଼େ। ସେହି ମର୍ମରେ, ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ (COMPREHENSIVE RICE FALLOW MANAGEMENT) ଏକ ପ୍ରମୁଖ ପଦକ୍ଷେପ ଯାହା ଏକ ପୁନଃ-ଉତ୍ପାଦନକାରୀ କୃଷି ପଦ୍ଧତି ଭାବରେ କାର୍ଯ୍ୟକାରୀ ହେଉଛି। ରବି ଋତୁରେ ସ୍ୱଳ୍ପ ଅବଧିର ଡାଲି ଏବଂ ତୈଳବୀଜ ଚାଷ ସହିତ ବିସ୍ତୃତ ଧାନ ପଡ଼ିଆ ଜମିକୁ ଉତ୍ପାଦନକ୍ଷମରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ କେବଳ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରେ ନାହିଁ, ବରଂ ଫସଲ ବୃଦ୍ଧି ତୀବ୍ରତା ମଧ୍ୟ ବୃଦ୍ଧି କରିଥାଏ। ତତ୍ ସହିତ ମୂଲ୍ୟ ସହାୟତା ଯୋଜନା ଅଧୀନରେ ଡାଲି ଏବଂ ତୈଳବୀଜ ଫସଲ କ୍ରୟ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରୁଛି।

ରପ୍ତାନି ସମ୍ଭାବନା / ସ୍ଥାନୀୟ ବଜାର ସହିତ ସ୍ୱଦେଶୀ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଧାନର ପ୍ରୋତ୍ସାହନ ଓଡ଼ିଶାର ଐତିହ୍ୟ ଧାନ କିସମର ଚାଷକୁ ପୁନର୍ଜୀବିତ ଏବଂ ବିସ୍ତାର କରିବା ଲକ୍ଷ୍ୟ ରଖିଛି।

ସରକାର ରାଜ୍ୟରେ 'ବଳଭଦ୍ର ଜୈବିକ ଚାଷ ମିଶନ' ମାଧ୍ୟମରେ ଜୈବିକ ଏବଂ ରାସାୟନିକ ମୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ପାଇଁ ବଡ଼ ପରିମାଣରେ ସୁଗନ୍ଧିତ ଜୈବିକ ଚାଉଳ ଚାଷର ଏକ ଉପାଦାନ "ଅମୃତ ଅନ୍ନ" ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିର ପବିତ୍ରତାକୁ ମହିମାନ୍ୱିତ କରିବ।

ଏକ ମୋବାଇଲ ଆପ୍ ମାଧ୍ୟମରେ ଠିକ୍ ଏବଂ ବାସ୍ତବ-ସମୟ ତଥ୍ୟ ସଂଗ୍ରହ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯାଇଛି। ଏହି ସର୍ଭେ ମାଧ୍ୟମରେ, ପ୍ରକୃତ ଫସଲ ବୁଣାଯାଇଥିବା କ୍ଷେତ୍ର ଆକଳନ କରାଯିବ ଯାହା କଷ୍ଟୋମାଇଜଡ୍ କୃଷି ପରାମର୍ଶଦାତା ସେବା ଏବଂ ଅନ୍ୟାନ୍ୟ ସମ୍ପର୍କିତ ସୂଚନାର ଉତ୍ତମ ପ୍ରସାରଣରେ ସାହାଯ୍ୟ କରିବ। ଏହି ଏକକ ପଦକ୍ଷେପ ରାଜ୍ୟରେ ଏକ ପରିବର୍ତ୍ତନଶୀଳ କୃଷି ପାଇଁ ସରକାରୀ ସହାୟତାର ଏକ ସ୍ୱଚ୍ଛ, ନିର୍ଦ୍ଦିଷ୍ଟ-ଫସଲ ଓ ବାସ୍ତବ-ସମୟ ବିତରଣ ଦିଗରେ ଚାଷୀଙ୍କ ତଥ୍ୟାବଳୀକୁ ଲିପିବଦ୍ଧ କରିବ।

ବିଭିନ୍ନ କୃଷି ଯନ୍ତ୍ରପାତି, ଚାଷ ଖର୍ଚ୍ଚ ହ୍ରାସ ପାଇଁ ଉପକରଣ, ବିଶେଷକରି ମହିଳା ଚାଷୀଙ୍କ ଲାଗି ଉପଯୋଗୀ କୃଷି ଉପକରଣ, ଚାଷୀ ଏବଂ ଶ୍ରମିକଙ୍କ ପାଇଁ କଠିନ ପରିଶ୍ରମ ଲାଘବ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫସଲ ଋତୁରେ ଶ୍ରମଶକ୍ତି ଅଭାବ ଦୂର କରିବା ପାଇଁ କୃଷି ଯନ୍ତ୍ରପାତି ଉପଲବ୍ଧ କରିବା ପାଇଁ ଆଞ୍ଚଳିକ ଏବଂ ଉପ-ବିଭାଗୀୟ ମେଳା ଆୟୋଜନ କରାଯାଉଛି, ଯେଉଁଠାରେ ସବ୍‌ସିଡିରେ ବିଭିନ୍ନ କୃଷି ଯନ୍ତ୍ରପାତିର ବିକ୍ରୟ ହୋଇଥାଏ।

ରାଜ୍ୟରେ ଶୀତଳ ଭଣ୍ଡାର ସୁବିଧା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟର ୫୮ଟି ଉପ-ଖଣ୍ଡରେ ଅତି କମ୍‌ରେ ଗୋଟିଏ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ଏକ ନୂତନ ଶୀତଳ ଭଣ୍ଡାର ନୀତି ପ୍ରଣୟନ କରାଯାଇଛି। ଏହା କୃଷି, ଉଦ୍ୟାନ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀର ଉତ୍ତମ ବଜାର ସୁଯୋଗ, ମୂଲ୍ୟ ସଂଯୋଜନ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବ ଏବଂ ଅମଳ ହୋଇଥିବା ଫସଲର ଅଭାବୀ ବିକ୍ରୟକୁ ରୋକିବା ସହ କୃଷକଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଓଡ଼ିଶାରୁ ୟୁଏଇ, କାତାର, ଇଟାଲୀ, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ ଏବଂ ବେଲଜିୟମ ଭଳି ଦଶଟି ଦେଶକୁ ତାଜା ଫଳ ଓ ପନିପରିବା ରପ୍ତାନି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ୧୩ଟି ଜିଲାର ୩୩ଟି ଏଫ୍‌ପିଓଙ୍କ ସମ୍ପୃକ୍ତିରେ ଆମ୍ରପାଲି ଏବଂ ଦଶେରୀ ଆମ୍ବ, ଡ୍ରାଗନ ଫଳ, ବରକୋଳି, ଭେଣ୍ଡି, ଲାଉ, ଲମ୍ବା ବିନ୍ସ, କଦଳୀ, ଅମୃତଭଣ୍ଡା ଏବଂ ସଜନା ଛୁଇଁ ରପ୍ତାନି କରାଯାଉଛି।

ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ୧୨ଟି ବୈଷୟିକ ଅଧିବେଶନ ମାଧ୍ୟମରେ ଓଡ଼ିଶାରେ କୃଷିର ବର୍ତ୍ତମାନର ସ୍ଥିତି ପ୍ରଦର୍ଶନ କରାଯିବ, ଯାହାର ବିଷୟବସ୍ତୁ, ସ୍ଥିର ଖାଦ୍ୟ ବ୍ୟବସ୍ଥା ପାଇଁ ପଥ ପ୍ରସ୍ତୁତ କରିବା, ଆଲୋଚନା, ବିତର୍କ ଆଦି ରହିଛି। ଏହି ଅଧିବେଶନ ୨୦୩୬ ବର୍ଷ ପାଇଁ ବିକଶିତ ଓଡ଼ିଶା ଏବଂ ୨୦୪୭ ବର୍ଷ ପାଇଁ ବିକଶିତ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

୧୫,୦୦୦ରୁ ଅଧିକ ଚାଷୀଙ୍କ ସମାଗମ; ପ୍ରାୟ ୬୦ ଜଣ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ ବୈଜ୍ଞାନିକ ବକ୍ତା ଭାବେ ଯୋଗଦେବେ; ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଏବଂ ଲାଇଭ୍ ପ୍ରଦର୍ଶନ; କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟପାଳନ, ପଶୁପାଳନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG), କୃଷକ ଉତ୍ପାଦକ ସଂଗଠନ (FPO) କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧନା; କୃତ୍ରିମ ବୁଦ୍ଧିମତ୍ତା-ସକ୍ଷମ ସୂଚନା ପ୍ରସାରଣ ଓ କୃଷକ ସୁବିଧା କେନ୍ଦ୍ର; କୁଇଜ, ବିତର୍କ, କାହାଣୀ କହିବା ଏବଂ ସ୍କିଟ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଏହି କୃଷି ମହାକୁମ୍ଭକୁ ରାଜ୍ୟବାସୀଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ବ୍ୟବସ୍ଥା କରାଯାଇଛି।

ଏହି ତିନି ଦିନିଆ କୃଷି ଓ ସମାବେଶ ରାଜ୍ୟର ଚାଷୀ ବର୍ଗଙ୍କ ସ୍ୱପ୍ନକୁ ସାକାର କରିବା ସହିତ ଭବିଷ୍ୟତର କୃଷି ନବସୃଜନ, ଗବେଷଣା ଏବଂ ସମ୍ପ୍ରସାରଣ ପାଇଁ ପଥ ପ୍ରଶସ୍ତ କରିବ ଏବଂ ଓଡ଼ିଶାର ଲୋକଙ୍କ ପାଇଁ ଆହୁରି ଅଧିକ ଦୃଢ଼ ଏବଂ ଭବିଷ୍ୟବାଦୀ କୃଷି ପ୍ରଗତି ପାଇଁ ପ୍ରଦର୍ଶକ ସାଜିବ ବୋଲି ମୋର ଆଶା ଓ ବିଶ୍ୱାସ।

(ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ)

# ୧୦ ବିଧାୟକଙ୍କ ସହ ନବୀନଙ୍କ ବୈଠକ



ନବୀନ ନିବାସଠାରେ ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ବିଧାୟକମାନେ।

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ନବୀନ ନିବାସଠାରେ ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେଡିର ୧୦ ଜଣ ବିଧାୟକଙ୍କୁ ଭେଟି ସେମାନଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଭାଜପା ସରକାର ବିରୋଧରେ ସୃଷ୍ଟି ହୋଇଥିବା ପ୍ରବଳ ଜନ ଅସନ୍ତୋଷକୁ ଅସ୍ତ୍ରକରି ଲୋକଙ୍କ ନିକଟତର ହେବାକୁ ସେ ପରାମର୍ଶ ଦେଇଛନ୍ତି। ସରକାରଙ୍କ ଜନବିରୋଧୀ କାର୍ଯ୍ୟ, ପ୍ରତିଶ୍ରୁତି ପୂରଣରେ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନକରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷକରି ଚାଷୀଙ୍କ ସମସ୍ୟା, ଧାନକିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଏହି ଅବସରରେ ବିଧାୟକମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ, ବିଭୂତି ଭୂଷଣ ବଳବନ୍ତରାୟ, ସାରଦା ପ୍ରସନ୍ନ ନାୟକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଯୋଗେଶ କୁମାର ସିଂହ, ଅଧୀରାଜ ମୋହନ ପାଣିଗ୍ରାହୀ, ସୁନୀଲ ମହାନ୍ତି, ରୂପେଶ ପାଣିଗ୍ରାହୀ ଓ ରୋହିତ ଜୋଶେଫ ତିର୍କୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

## ପୋଲ ତଳୁ ମିଳିଲା ଯୁବକଙ୍କ ମୃତଦେହ

ନୀଳଗିରି, ୨୧।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ସିମୁଳିଆ ଥାନା କାଇଁଶି ଗ୍ରାମର ଧୂମା ମୁର୍ମୁ(୨୫) ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ବାଇକ୍‌ରେ ବନ୍ଧୁ ଘରୁ ଫେରୁଥିବା ବେଳେ ଗରଡ଼ି ରାସ୍ତାର କୁଞ୍ଜବଣିଆ ନିକଟସ୍ଥ ପୋଲରେ ବାଡେଇ ହୋଇ ତଳକୁ ଖସି ପଡିଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକେ ପାଣିରେ ଏକ ବାଇକ୍ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ପ୍ରଥମେ ବାଇକ୍ ଏବଂ ପରେ ଯୁବକ ଧୂମାଙ୍କ ମୃତଦେହ ପାଣି ଭିତରେ ଥିବା ଜାଣିବାକୁ ପାଇଥିଲା। ନୀଳଗିରି ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେବ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୭୮୦ ତାରିଖ:- ୧୪।୦୧।୨୦୨୬
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୧୩୭୭୬୩ | ୟୁ୬୮୨୦୦ଓଡି୨୦୨୪ପିଟିସି୦୪୪୭୭୯ | କେଏଲ୍‌ଜି ଶ୍ରୀ ମହାବୀର ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୦୯୨୩୦୦୪ | ୟୁ୨୭୧୦୯ଓଆର୍୨୦୨୧ପିଟିସି୦୩୬୮୪୬ | ପତିତପାବନ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୯୫୦୯୧୪୩ | ୟୁ୪୫୩୦୯ଓଆର୍୨୦୧୬ପିଟିସି୦୨୫୯୪୫ | ଚିରଞ୍ଜିଲାଲ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।
ଇର୍କନ ତିର୍କୀ, ସହକାରୀ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0618/2526

OFFICE OF THE SUPERINTENDING ENGINEER
PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH
निविदा निरस्तीकरण सूचना
इस कार्यालय के निविदा आमंत्रण सूचना क्रमांक 434 दिनांक 02.12.2025 को अपेन्डिक्स 2.10 की कंडिका 4.6 के तहत् अपरिहार्य कारणवश निरस्त किया जाता है।
स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर
G-252606157/3

Specialised Adoption Agency
NISSAN SHALOM CHILDREN HOME
At/P.O.: Ranipeta, Via: Paralakhemundi, Dist.: Gajapati, Odisha - 761201
Ph.: (+91) 8763593023, 7751811798, E-Mail: saa.nissan.gajapati@gmail.com
Letter No. 05/SAAGPT/2026 Date: 18.01.2026
ADVERTISEMENT
Specialised Adoption Agency (SAA), Gajapati is running by NISSAN Shalom Children Home intends for recruitment of 3 numbers of vacant Ayahs posts under Mission Vatsalaya Scheme. Applications softcopies complete in every aspect should reach through e-mail only to saa.nissan.gajapati@gmail.com on or before 05.02.2026 mentioning post applied for in subject line and addressed to the undersigned. Details and application forms may be downloaded from the district website https://gajapati.odisha.gov.in.
Sd./- Secretary
Specialised Adoption Agency
NISSAN Shalom Children Home
OIPR-33001/33024/1/25-26/0027

FAKIR MOHAN UNIVERSITY
Vyasa Vihar, Nuapadhi, Balasore, Odisha, PIN - 756089
No. FMU-DEV-CONV.-482/2026/516 Date: 21.1.2026
NOTIFICATION
It is notified for information of all concerned that as per the kind consent of her excellency. The President of India, the 12th Convocation of Fakir Mohan University, Balasore is scheduled to be held on 3rd February 2026 in New Campus of the University at Nuapadhi Campus.
For details please visit the University website https://fmuniversity.nic.in.
By order of the Vice-Chancellor
Sd./- Registrar

ZILLA SWASTHYA SAMITI, RAYAGADA
(UNDER NATIONAL HEALTH MISSION)
In-House Advertisement
Advt. No. 01/NHM/2026 Date: 20.01.2026
No. 33: Walk-in-Interview will be conducted to fill-up the vacancies under Zilla Swasthya Samiti (ZSS), Rayagada from the in-house contractual employees of NHM working in same post under OSH&FWS Society in other district and desiring to be posted in Rayagada district. Candidate who wish to appear at Walk-in-Interview against the vacancies (as per details given in the official website: www.rayagada.odisha.gov.in) will appear at the office of the CDM&PHO, Rayagada, At: Barijhola, P.O.: Rayagada, PIN - 765002 on 11.02.2026 & Registration timing will be from 10.30 A.M. to 12 Noon only. Number of vacancies under this advertisement is provisional which may increase or decrease depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.
Sd./- CDMPHO-cum-DMD, Rayagada
OIPR: 10001/10035/1/25-26/0002

GOVERNMENT OF ODISHA No. 47
DEPARTMENT OF WATER RESOURCES
OFFICE OF THE ADDL. CHIEF ENGINEER
MECHANICAL CIRCLE, BHUBANESWAR
Email Address: semechcircle104@gmail.com
e-Procurement Notice - Bid Identification No. ACEM/MDC-49/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/NSIC/MSME for Irrigation Shutters/Hydro Mechanical Gates
4. Bid Identification No. : ACEM/MDC-49/2025-26
5. Estimated Cost : Rs.10,72,646/-
6. Period of Completion : 01 (One) Calendar Month
7. Date & time of availability of bid documents in the portal : From Dt.22.01.2026 (10.00 A.M.) to Dt.03.02.2026 (5.30 P.M.)
8. Last date/time for receipt of bid in the portal : Dt.03.02.2026 (upto 5.30 P.M.)
9. Date and place of opening of Bid : Dt.04.02.2026 (12.00 Noon onwards in the O/o. the undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32001/32405/1/25-26/0003

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
No.CAD-3076
OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007
NOTIFICATION
No.Sr.GM(TP&C)\Publication\Gaz\08\(Vol.V)/117 Dated : 15.01.2026
In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The tentative estimated cost of the project is **Rs. 5.81 Crores**. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr. General Manager (Project) – I, Tech Tower (7th floor), Odisha Power Transmission Corporation Limited, Janpath, Saheed Nagar, Bhubaneswar-751007 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division, Bhubaneswar as mentioned against the work, on any working day during office hours.
**Name of the Work:** Construction of 220kV Transmission LILO line from existing 220kV Mendhasal-Bhanjanagar D/C line to 220/33kV GSS at Hatabasta.
**Name of the Village in which the line will Pass: Tahasil:** Bolagarh, **R.I Circle:** Pichukuli, **Revenue Village:** Pichukuli, Puania.
**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Bolagarh command area of Khurdha district & overall development of Odisha State in general.
FIPR-90/2025-26
OIPR-
ER. SUNIL KUMAR DANDSENA
Sr. General Manager (Projects- I)
/optcl.odisha /optcl_odisha

❝ ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। **-ଶ୍ରୀମା**



# ଆକାଶରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ମଣିଷ ଆଭ୍ୟନ୍ତରୀଣ ଉପତ୍ୟକାରୁ ଉପକୂଳ, ଜଙ୍ଗଲରୁ ପର୍ବତ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିବାରୁ ତାହା ବିଭିନ୍ନ କାହାଣୀ ଓ ସଙ୍କେତ ବହନ କରିଥିଲା। ସେମାନଙ୍କ ସହ ଆକାଶ ଲଗାତର ଅନୁରକ୍ଷକ ମାର୍ଗସାଥୀ ହୋଇ ରହିଥିଲା। ତଥାପି ଆକାଶର ସ୍ଥିତି ସ୍ଥିର ରହୁ ନ ଥିଲା। ଅନେକ ପିଢ଼ି ଧରି ଲୋକମାନେ ଅନୁଭବ କରିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଋତୁରେ ଗୋଟିଏ ସ୍ଥାନରେ ତାରାମଣ୍ଡଳ ଦୃଶ୍ୟମାନ ହେଉ ନ ଥିଲା। ଏକଦା ବସନ୍ତ ଋତୁ ଗୋଟିଏ ନକ୍ଷତ୍ର ଗୁଚ୍ଛ ଦ୍ୱାରା ଚିହ୍ନିତ ହେଉଥିଲା, କିନ୍ତୁ ପରେ ଆଉ ଗୋଟିଏ ଦ୍ୱାରା ଏହା ହେଲା। ଏହିଭଳି ଆକାଶରେ ଘଟୁଥିବା ପରିବର୍ତ୍ତନ ପୁରାତନ ଗବେଷକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଅତୀତରେ ପ୍ରତ୍ନତତ୍ତ୍ୱବିତ୍‌ମାନେ କଶ୍ମୀରରେ ଏକ ଶିଳାଲେଖ ପାଇଥିଲେ। ଏଥିରେ ଶିକାରୀ, ପ୍ରାଣୀମାନେ ଓ ସେମାନଙ୍କ ଉପରେ ଦୁଇଟି ସୂର୍ଯ୍ୟର ଛବି ରହିଥିଲା। ହେଲେ ଏବକାର ପୃଥିବୀରେ ଗୋଟିଏ ସୂର୍ଯ୍ୟ। ପାଖାପାଖି ଖ୍ରୀଷ୍ଟପୂର୍ବ ୪୩୦୦ରେ ଏକ ସୁପରନୋଭା ବିସ୍ଫୋରଣ ହୋଇ କିଛି କ୍ଷଣ ପାଇଁ ଆକାଶରେ ଦୁଇଟି ଉଜ୍ଜ୍ୱଳ ବସ୍ତୁ ଦୃଶ୍ୟମାନ ହୋଇଥିଲା। ସେହି ସମୟରେ ବସନ୍ତ ଋତୁର ଭୋର ସମୟରେ ଜଣେ ଧନୁର୍ଦ୍ଧର ଏକ ଷଣ୍ଢକୁ ତୀରବିଧ କରିବା ଭଳି ଦୃଶ୍ୟ ଦେଖାଯାଇଥିଲା। ସେହି ଧନୁର୍ଦ୍ଧର ଥିଲା ଶିକାରୀ ତାରାମଣ୍ଡଳ ବା ମୃଗ ନକ୍ଷତ୍ରମଣ୍ଡଳ। ସେହି ଷଣ୍ଢ ଥିଲା ବୃଷ ରାଶି। ଏହା ସୂଚିତ କରୁଛି ଯେ, ଏହି ଶିଳା ଚିତ୍ର ସମ୍ଭବତଃ ୬୦୦୦ ବର୍ଷରୁ ଅଧିକ ସମୟର। ସେହି ସମୟରେ ମିଥୁନ ରାଶିର ନକ୍ଷତ୍ରଗଣ ସହ ବସନ୍ତର ବିଷୁବ (ମାର୍ଚ୍ଚ ୨୧ରେ ସୂର୍ଯ୍ୟ ବିଷୁବରେଖା ଉପରେ ରହନ୍ତି ଓ ଦିନରାତି ସମୟ ସମାନ ରହେ) ସମୟ ଠିକ୍ ରହିଥିଲା ଏବଂ ପରେ ବୃଷରାଶିକୁ ଚାଲିଯାଇଥିଲେ। ଏହିଭଳି ଭାବେ ଆକାଶ ବିନା କ୍ୟାଲେଣ୍ଡରରେ ସମୟକୁ ଧାରଣ କରିଥିଲା।

ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବରୁ ହରପ୍ପା ସଭ୍ୟତାର ଲୋକମାନେ ଏହି ସମାନ ପ୍ରକାରର ବ୍ରହ୍ମାଣ୍ଡୀୟ ବା ଆକାଶ ସମ୍ବନ୍ଧୀୟ ପରିବର୍ତ୍ତନ ଅନୁଭବ କରିଥିଲେ। ବସନ୍ତ ବିଷୁବ ରାଶିଚକ୍ରର ବୃଷରେ ରହିଥିଲା। କିନ୍ତୁ ହରପ୍ପାର ଲୋକମାନେ ଆକାଶକୁ ରାଶିଚକ୍ରରେ ଭାଗ କରି ନ ଥିଲେ। ବୃଷର ତାରାମଣ୍ଡଳ ମଧ୍ୟରେ ଏକ କ୍ଷୁଦ୍ର ନକ୍ଷତ୍ର କୃତ୍ତିକା ଉପରେ ଜାଣିବା ପାଇଁ ସେମାନଙ୍କ ଆଗ୍ରହ ରହିଥିଲା। ଏହି ୬ଟି କିମ୍ବା ୭ଟି ତାରା ବସନ୍ତର ଭୋର ସମୟରେ ଦୃଶ୍ୟମାନ ହେଉଥିଲେ। ତାହାକୁ ଦେଖି ବସନ୍ତ ଋତୁର ଆଗମନ ଜାଣି ପାରୁଥିଲେ। ପରେ ବ୍ରାହ୍ମଣ ଭଳି ବୈଦିକ ଶାସ୍ତ୍ର ସେମାନଙ୍କ ମହତ୍ତ୍ୱକୁ ଲିପିବଦ୍ଧ କରିଥିଲେ। ଏବେ ୪୦୦୦ ବର୍ଷ ପରେ ସେହି ସମାନ ପ୍ରକାର ନକ୍ଷତ୍ରଗୁଡ଼ିକ ଶରତ ଋତୁର ପୂର୍ବାକାଶରେ ଦେଖାଯାଉଛନ୍ତି ଏବଂ ଶୀତଦିନିଆ



ଫସଲ କରିବାର ସମୟ ସୂଚିତ କରୁଛନ୍ତି। ଦେଖିବାକୁ ଗଲେ, ପ୍ରକୃତି ଧୈର୍ଯ୍ୟର ସହ ସମୟକୁ ଧରି ରଖିଛି।

ଖ୍ରୀଷ୍ଟପୂର୍ବ ପାଖାପାଖି ୧୫୦୦ ବେଳକୁ ଯେତେବେଳେ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ, ସେତେବେଳେ ବସନ୍ତ ବିଷୁବ ସମୟ ରାଶିଚକ୍ରର ବୃଷରୁ ମେଷକୁ ଚାଲିଯାଉଥିଲେ। ପାର୍ବତ୍ୟ ଅଞ୍ଚଳର ବାଣିଜ୍ୟପଥକୁ ନିୟନ୍ତ୍ରଣ କରିଥିବା ଗ୍ରୀକ୍ ଓ କୁଶାଣମାନେ ସେତେବେଳେ ମଧ୍ୟ ସମାନ ପ୍ରକାର ଆକାଶ ସ୍ଥିତି ଦେଖିଥିଲେ। ଖ୍ରୀଷ୍ଟପୂର୍ବ ୩୦୦ ପରେ ଯେତେବେଳେ ପୁରାଣ ରଚନା କରାଯାଇଥିଲା, ସେତେବେଳେ ବସନ୍ତ ବିଷୁବ ମୀନ ରାଶିକୁ ଚାଲିଯାଇଥିଲା। ଏହିପ୍ରକାର ଆକାଶର ସ୍ଥିତି ସହ ମୋଗଲ ଓ ଇଂରେଜମାନେ ପରିଚିତ ଥିଲେ। ଏବେ ଧୀରେ ଧୀରେ କିନ୍ତୁ ଅତି ମନ୍ଥର ଗତିରେ ଏହା କୁମ୍ଭକୁ ଚାଲିଯାଉଛି। ଆକାଶ ଏତେ ଧୀରେ ଧୀରେ ପରିବର୍ତ୍ତନ ହୋଇଛି ଯେ, କେବଳ ସଂସ୍କୃତି ବା ସଭ୍ୟତାଗୁଡ଼ିକ ହିଁ ତାହାକୁ ଜାଣିପାରିଛନ୍ତି।

ମନୁଷ୍ୟ ତାରାକୁ ଯୋଡ଼ି ଆକୃତି ଗଠନ କରି ସେମାନଙ୍କ ନାମ ଦେଇଛି। ଅତୀତରେ ଯେତେବେଳେ ଦୁଇଟି ସଂସ୍କୃତି ସମାନ ପ୍ରକାର କାହାଣୀ ଥିବା ସମାନ ତାରାମଣ୍ଡଳକୁ ସୂଚିତ କରିଛନ୍ତି, ସେତେବେଳେ ସେଥିରୁ ଜଣାପଡ଼େ ଯେ, ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା, ଅପ୍ରବାସ, ବାଣିଜ୍ୟ କିମ୍ବା ଆନ୍ତଃବିବାହ ହେଉଥିଲା। କୃତ୍ତିକା ତାରାମଣ୍ଡଳ ଏହାର ସର୍ବୋତ୍ତମ ଦୃଷ୍ଟାନ୍ତ। ଏହାର ଗଭୀର ଅର୍ଥ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୧୦,୦୦୦ରେ ଲୋକେ ୭ଟି ତାରାକୁ ଖାଲି ଆଖିରେ ସ୍ପଷ୍ଟ ଭାବେ ଦେଖିପାରୁଥିଲେ। ଖ୍ରୀଷ୍ଟପୂର୍ବ ୨୦୦୦ ସୁଦ୍ଧା, କେବଳ ୬ଟି ସ୍ପଷ୍ଟ ଭାବେ ଦେଖାଯାଉଥିଲେ, କାରଣ ଗୋଟିଏ ନକ୍ଷତ୍ର ଆଉ ଗୋଟିକର ଖୁବ୍ ନିକଟକୁ ଚାଲିଯାଇଥିଲା। ଅନେକ ପୁରାଣ ଅଦୃଶ୍ୟ ହୋଇଥିବା ସପ୍ତମ ଭଉଣୀ ବିଷୟରେ ସୂଚିତ କରିଛନ୍ତି। ପ୍ରାଚୀନ ବୈଦିକ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ସାତ ଭଉଣୀ ୭ ଜଣ ଋଷିଙ୍କୁ ବିବାହ କରିଥିଲେ, ଯାହା ସପ୍ତର୍ଷି ଭାବେ ଜଣାଶୁଣା। ୬ ଭଉଣୀଙ୍କ ଉପରେ ବ୍ୟଭିଚାର ଅଭିଯୋଗ ଲଗାଯାଇ ସେମାନଙ୍କୁ ନିର୍ବାସିତ କରାଯାଇଥିଲା। ସେମାନେ ଏବେ ଅଲଗା ଭାବେ କୃତ୍ତିକା ନକ୍ଷତ୍ରମଣ୍ଡଳ ଭାବେ ରହିଛନ୍ତି। କେବଳ ବିଶ୍ୱସ୍ତ ଅରୁନ୍ଧତୀ ତାଙ୍କ ସ୍ୱାମୀ ବଶିଷ୍ଠଙ୍କ ସହିତ ଧ୍ରୁବତାରା ପାଖରେ ରହିଛନ୍ତି। ତେବେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ତାରାମଣ୍ଡଳକୁ ଭିନ୍ନ ଭାବେ ଦେଖିଥିଲେ। ବଞ୍ଜାରାମାନେ (ଯାଯାବର ଗୋଷ୍ଠୀ) ଏହାକୁ ରତ୍ନ ଭାବେ ବିଚାର କରୁଥିଲେ। କୋଲାମ୍‌ମାନେ ପକ୍ଷୀ ସମୂହ ବୋଲି ଭାବୁଥିଲେ। ନିକୋବରିଜ୍ (ନିକୋବର ଦ୍ୱୀପରେ ଥିବା ଆଦିମ ଆଦିବାସୀ) ତାହାକୁ ସେମାନଙ୍କ ପୂର୍ବପୁରୁଷ ଭାବେ ଦେଖୁଥିଲେ। କୋର୍‌କୁ କଟାଯାଇଥିବା ଟୁକୁଡ଼ା ମାଂସ ଖଣ୍ଡ ବୋଲି କଳ୍ପନା କରୁଥିଲେ। ଗୋଣ୍ଡ ସମ୍ପ୍ରଦାୟ ତାରାମଣ୍ଡଳକୁ ପକ୍ଷୀଙ୍କୁ ମରାଯାଉଥିବା ପଥର କିମ୍ବା ଫସଲ ଜଗୁଥିବା କୃଷି ଯନ୍ତ୍ରପାତି ମଣୁଥିଲେ। ସାନ୍ତାଳମାନେ କହନ୍ତି ଯେ, ବାଘମୁହଁରୁ ଭଉଣୀଙ୍କୁ ରକ୍ଷା କରିବା ପାଇଁ ଭାଇମାନେ ମୃତ୍ୟୁବରଣ କରିଛନ୍ତି। ଭିଲମାନେ କଳ୍ପନା କରନ୍ତି ଯେ, ଜଣେ ଆକ୍ରମଣକରୀ ବ୍ୟକ୍ତିଙ୍କଠାରୁ ରକ୍ଷାପାଇବା ସକାଶେ ଭଉଣୀମାନେ ଦୌଡୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଭୟରେ ଅଟକିଯାଇଛି।

ଆକାଶର କାହାଣୀଗୁଡ଼ିକ ସାଂସ୍କୃତିକ ଭାବନାକୁ ପ୍ରକାଶ କରେ। ସେଗୁଡ଼ିକ ଦର୍ଶାଇଥାନ୍ତି କିଭଳି ସମ୍ପ୍ରଦାୟଗୁଡ଼ିକ ସମାନ ବାସ୍ତବତାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରନ୍ତି। ରାମାୟଣ ଓ ମହାଭାରତ ନକ୍ଷତ୍ରକୁ ସୂଚିତ କରିଛନ୍ତି, ହେଲେ ରାଶିଚକ୍ର ନକ୍ଷତ୍ରମଣ୍ଡଳକୁ ନୁହେଁ। ଏହା ଏକ ପୁରୁଣା ଆକାଶ ବିଜ୍ଞାନକୁ ସୂଚିତ କରେ। ଋଗ୍‌ବେଦ କୃତ୍ତିକା ଏବଂ ରୋହିଣୀ ଭଳି ନକ୍ଷତ୍ରଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଛି। ଯଜୁଃ ଓ ଅଥର୍ବ ବେଦରେ ଅଧିକ କିଛି ଉଲ୍ଲେଖ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୮୦୦ରେ ବ୍ରାହ୍ମଣ ଶାସ୍ତ୍ରରେ ୨୭ ନକ୍ଷତ୍ରର ସମ୍ପୂର୍ଣ୍ଣ ତାଲିକା ଦେଖାଯାଏ। ନକ୍ଷତ୍ରର ନାମାନୁସାରେ ମାସଗୁଡ଼ିକର ନାମକରଣ କରାଯାଇଥିଲା, ଯେଉଁଥିରେ ପୂର୍ଣ୍ଣମୀ ଥିଲା। କିନ୍ତୁ ଏବେ ପୂର୍ଣ୍ଣିମା ସମୟ ସେହିସବୁ ନକ୍ଷତ୍ର ସହ ଠିକ୍ ନାହିଁ। ଜ୍ୟୋତିର୍ବିଜ୍ଞାନ ପ୍ରକାଶ କରେ ଯେ, ଏଭଳି ତାଳମେଳ କେବଳ ପାଖାପାଖି ଖ୍ରୀଷ୍ଟପୂର୍ବ ୩୦୦୦ରେ ଘଟିଥିଲା। ଏହା ହରପ୍ପା ସହର ଓ ଇଜିପ୍ଟ ପୀରାମିଡ୍ ସମୟଠାରୁ ମଧ୍ୟ ଅଧିକ ପୁରୁଣା।

ପୁରାତନ ଭାରତୀୟମାନେ କୁଶଳୀ ଜ୍ୟୋତିର୍ବିଦ୍ ଥିଲେ। ସେମାନେ ନକ୍ଷତ୍ରକୁ ଠାବ କରୁଥିଲେ, ଋତୁ ଜାଣିପାରୁଥିଲେ, ମାସ ଗଣନା କରିପାରୁଥିଲେ ଏବଂ ଆଧ୍ୟାତ୍ମିକତା ଅନୁଯାୟୀ ରୀତିନୀତି ଠିକ୍ କରୁଥିଲେ। ସେମାନେ ବିଷୁବ ଅଗ୍ରଗମନ ସମ୍ପର୍କରେ ଜାଣି ନ ଥିଲେ। ପ୍ରତି ୨୦୦୦ ବର୍ଷରେ ବିଷୁବ ଧୀରେ ଧୀରେ ରାଶିଚକ୍ର ସହ ସମ୍ବନ୍ଧିତ ନକ୍ଷତ୍ରକୁ ପରିବର୍ତ୍ତନ କରିଥାଏ। ଏହି କାରଣରୁ ଏବେ ପର୍ବପର୍ବାଣିର ସମୟ ସ୍ୱାଭାବିକ ପାଳନ ତୁଳନାରେ ୩ ସପ୍ତାହ ଅନ୍ତର ରହୁଛି। ମକରସଂକ୍ରାନ୍ତି, ମେଷସଂକ୍ରାନ୍ତି, କର୍କଟସଂକ୍ରାନ୍ତି ଏବଂ ତୁଳାସଂକ୍ରାନ୍ତି ୧,୫୦୦ ବର୍ଷ ପୂର୍ବେ ଥିଲା। ସେତେବେଳେ ହିନ୍ଦୁ କ୍ୟାଲେଣ୍ଡର ତିଆରି କରାଯାଇଥିଲା, ଯେଉଁଥିରେ ଦକ୍ଷିଣାୟନ, ବସନ୍ତ ବିଷୁବ, ଉତ୍ତରାୟଣ, ଶରଦ ବିଷୁବ ସମୟ ସମନ୍ୱିତ ରହିଥିଲା। ସେଥିରେ ଆଉ ଅଧିକ କିଛି ନ ଥିଲା। ଏବେ ୩ ସପ୍ତାହର ଅନ୍ତର ରହିଛି। ପରମ୍ପରା ଆକାଶକୁ ସ୍ମରଣ କରେ, ଯାହା ଏବେ ଆଉ ନାହିଁ। ମାନବଜାତି ଭୁଲିଯାଏ, କିନ୍ତୁ ଆକାଶ ଭୁଲେ ନାହିଁ। ଶାସ୍ତ୍ର, ସାମ୍ରାଜ୍ୟ, ପ୍ରବାସନ ଏବଂ ପୁରାଣ ପରେ ବି ଏହା ସବୁବେଳେ ସ୍ମୃତି ବହନ କରିଥାଏ। ଆକାଶ ବା ସ୍ୱର୍ଗର ଅନୁଧ୍ୟାନ କରିବା ହିଁ ମାନବତାର ଆତ୍ମକଥାକୁ ପଢ଼ିବା ସହ ସମାନ।

-devduttofficial@gmail.com

## ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣରେ ଅସଙ୍ଗତି



ଗଜାନନ ମିଶ୍ର

ନାଗରିକଙ୍କ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ ଏକ ଆବଶ୍ୟକତା। ଆମ ଗଣତାନ୍ତ୍ରିକ ସରକାର ୧୯୬୯ ମସିହାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଆଇନ ତିଆରି କରିଛନ୍ତି। ଯେଉଁଠି ସନ୍ତାନଟିଏ ଜନ୍ମଗ୍ରହଣ କରୁଛି ୨୧ ଦିନ ଭିତରେ ରିପୋର୍ଟ ଦିଆଯିବ ଆଉ ସମ୍ପୃକ୍ତ ଅଧିକାରୀ ତିରିଶ ଦିନ ମଧ୍ୟରେ ପଞ୍ଜୀକୃତ କରି ପ୍ରମାଣପତ୍ର ଦେବେ। ଏହାଦ୍ୱାରା ଠିକ୍ ଜନଗଣନା ହୋଇପାରିବ। ବହିରାଗତ ସବୁ ଅଲଗା ବାରି ହୋଇପଡ଼ିବେ। ଧାରା ୧୩ ଅନୁସାରେ ଯଦି କେହି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଜନ୍ମମୃତ୍ୟୁ ପଞ୍ଜୀକୃତ କାର୍ଯ୍ୟାଳୟରେ ଜଣାଇ ନ ପାରିଲେ ତେବେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶପଥପାଠ ମାଧ୍ୟମରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ। ସ୍ୱଚ୍ଛ ଓ ପ୍ରାଞ୍ଜଳ ନିୟମ ଜନଗଣଙ୍କ ପାଇଁ ରହିଛି। କିନ୍ତୁ ଖଳପ୍ରବୃତ୍ତିର ଲୋକେ ମନ୍ଦ ଉଦ୍ଦେଶ୍ୟରେ ଏହାର ଅସଦ୍ ବ୍ୟବହାର କରିବାକୁ ପଛାଉ ନ ଥିବାର ପ୍ରମାଣ ରହିଛି। ଏଥିପାଇଁ ଧାରା ୧୫ ଅନୁସାରେ ସଂଶୋଧନ ବା ନାକଚ କରିବାର ବ୍ୟବସ୍ଥା ରଖାଯାଇଛି। ଯଦି ଭୁଲ୍‌ବଶତଃ କିଛି ତ୍ରୁଟି ରହିଯାଇଛି ତେବେ ସଂଶୋଧନ କରାଯାଇ ପାରିବ। ଯଦି ଠକାମି କରି ଜନ୍ମଗତ ପ୍ରମାଣପତ୍ର ନିଆଯାଇଛି ତେବେ ତାହାକୁ ନାକଚ ବା କ୍ୟାନସେଲ୍ କରାଯାଇ ପାରିବ। ଆମ ଆଇନରେ ଦଣ୍ଡ ବିଧାନ ରହିଛି। ଛୁଆଟିଏ କଲିକତାରେ ଜନ୍ମ ହୋଇଥିଲେ ବି, ସେଠାକାର ଜନ୍ମଗତ ପ୍ରମାଣପତ୍ର ଥିଲେ ମଧ୍ୟ, ଟିଟିଲାଗଡରୁ ଆଉ ଏକ ମିଛ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କ୍ୟାନସେଲ କରାଇବାକୁ ନାକେଦମ୍ ହେବାକୁ ପଡ଼ିଛି ବର୍ଷେକାଳ। ଦୋଷୀ ଦଣ୍ଡ ପାଇନି ଏ ଯାଏ। ଆମର ବିଚାର ବ୍ୟବସ୍ଥା!

ବେଳେବେଳେ ଦେଖାଯାଉଛି ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ସକାଶେ ମିଛଖଚ ମିଶାଇ ଛୁଆର ମୂଳ ଜନ୍ମସ୍ଥାନର ପ୍ରମାଣପତ୍ର ଥାଇ ବି, ଜନ୍ମଗ୍ରହଣ କରି ନ ଥିବା ସ୍ଥାନରୁ ପ୍ରମାଣପତ୍ର ହାସଲ କରାଯାଉଛି ବହୁତ କିଛି ତଥ୍ୟ ବଦଳାଇ, ଆଉ ଅସଦ୍ ଉପାୟରେ ନାନାଦି ସରକାରୀ ବେସରକାରୀ ଫାଇଦା ଉଠାଯାଉଛି। ଏହା ଦ୍ୱାରା ଆଇନର ମୂଳ ଉଦ୍ଦେଶ୍ୟ ବ୍ୟାହତ ହେବା ସହିତ ଫୌଜଦାରି ମାମଲାକୁ ଆକର୍ଷଣ କରୁଛି। ମିଛ ଶପଥପାଠ, ମିଛ ତଥ୍ୟ, ମିଛ ପ୍ରୟୋଗ ପାଇଁ ଜେଲ ଜରିମାନା ହେବା ନିଶ୍ଚିତ ହୋଇପଡୁଛି। ମିଛ ଜନ୍ମ ପ୍ରମାଣପତ୍ରକୁ ଜାତୀୟ ଅପରାଧ ଭାବରେ ଗଣନା କରାଯାଇ କଠୋର ଦଣ୍ଡ ଦିଆଯିବା ବ୍ୟବସ୍ଥା ରଖାଯିବା ନିହାତି ଆବଶ୍ୟକ। କେଉଁ କେଉଁ ପଞ୍ଜୀକରଣ କାର୍ଯ୍ୟାଳୟରେ କେତେଜଣଙ୍କୁ ଏମିତି ମିଛ ପ୍ରମାଣପତ୍ର ଦିଆଯାଇଛି, କେତେଜଣଙ୍କର ପ୍ରମାଣପତ୍ର ନାକଚ କରାଯାଇଛି ଓ ଅନୈତିକ ବେଆଇନ କାର୍ଯ୍ୟ ପାଇଁ କେତେଜଣ ଦଣ୍ଡ ପାଇଛନ୍ତି ସର୍ବ ସମକ୍ଷରେ ପ୍ରକାଶିତ ହେବା ଜରୁରୀ। ଠୋସ୍ ପ୍ରମାଣ ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ କିମ୍ବା ଥାନାରେ ଏତଲା ଦେଲେ ମଧ୍ୟ ସୁଫଳ ମିଳୁ ନାହିଁ। ଉପଯୁକ୍ତ ନ୍ୟାୟାଳୟରେ ମାମଲା ଦାଏର କରାଗଲେ ମଧ୍ୟ ଲାଭ ହେଉ ନାହିଁ। ଲାଗୁଛି ଯେମିତି ଛୁଆଜନ୍ମ ପ୍ରମାଣପତ୍ର ବା ମୃତ୍ୟୁ ପ୍ରମାଣପତ୍ରର କିଛି ଅର୍ଥ ହିଁ ନାହିଁ। ଏମିତି ଚାଲିଲେ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ। ନ୍ୟାୟର ସମ୍ମାନହାନି ହେବ। ଲୋକେ ନ୍ୟାୟିକ ପ୍ରକ୍ରିୟାକୁ ଖାତିର କରିବେ ନାହିଁ।

ନ୍ୟାୟର ଅଭାବରେ ନିରାଶଭାବ ଦେଖାଯିବ ଲୋକଙ୍କ ମନରେ। କେଉଁଠି ନା କେଉଁଠି ବିଦ୍ରୋହାତ୍ମକ ହୋଇଉଠିବେ, ଠକାମିର ଶିକାର ହୋଇ, ସଦ୍ୟ ଆବିଷ୍କାର କରି ମଧ୍ୟ ଦୋଷୀ ଦଣ୍ଡ ନ ପାଇବା କାରଣରୁ। ଭାବନା ଆସିବ ଯେମିତି କୌଣସି ନ୍ୟାୟାଳୟର ଆଉ ଆବଶ୍ୟକତା ନାହିଁ। ନ୍ୟାୟାଳୟ ଅନ୍ୟାୟାଳୟରେ ପରିଣତ ହେଉନି ତ! କୁରୁସଭାର ନୀରବଦ୍ରଷ୍ଟାଙ୍କ ପରି ସମସ୍ତେ ଚୁପଚାପ। ଅଯଥାରେ ଲୋକଙ୍କ ବା ଟିକସଦାତାମାନଙ୍କ କୋଟି କୋଟି ଟଙ୍କା ବରବାଦ କରାହେଉଛି! ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ଲୋକେ ଜିଇ ଥାଇ ବି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି ଆଉ ଅନେକାନେକ ଲାଭରୁ ବଞ୍ଚିତ ହେଉଛନ୍ତି। ଅନୈତିକ ଲାଭ ଉଠାଯାଉଛି। ନିରପେକ୍ଷ ତଦନ୍ତ ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାହେବା ନିହାତି ଆବଶ୍ୟକ। ଅର୍ଥଲୋଭରେ ପଡି ଭୁଲ୍ ତଦନ୍ତ ପ୍ରଦାନ ପାଇଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ବହିଷ୍କୃତ କରାଯିବା ଉଚିତ। ଖାଲି ନିଜସ୍ୱ ଫାଇଦା ରଖି କ୍ଷମତା ଉପଭୋଗ କରି ଗାଦିରେ ବସି ଆମେ ଆଇନର ଶାସନକୁ ସମ୍ମାନ ଦେଉଛୁ କହିବାରେ କିଛି ଲାଭ ନାହିଁ। ସତ୍ୟ ପ୍ରତିଷ୍ଠା ପାଇଁ ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ନ ହେଲେ ଅଦାଲତ ଲୋକଙ୍କ ଆସ୍ଥା ବିଶ୍ୱାସ ହରାଇ ବସିବ।

**ତପୋବନ, ଟିଟିଲାଗଡ଼, ବଲାଙ୍ଗୀର**
**ମୋ:୯୪୩୭୩୬୬୬୪୪**

## ଏଇ ଭାରତରେ

କଶ୍ମୀରର କୃଷକମାନେ ଏବେ କେବଳ ଲାଭେଣ୍ଡର(ଏକପ୍ରକାର ସୁଗନ୍ଧଯୁକ୍ତ ଗଛ) ଚାଷ ସହ ପ୍ରଥମେ ଲାଭେଣ୍ଡର ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି। ପୁଲ୍‌ୱାମା ଜିଲାର ପାଖାପାଖି ୧୮୦ କୃଷକ ଏହି ଲାଭେଣ୍ଡର ଚାଷ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୫ ଜଣ ଲାଭେଣ୍ଡର ମହୁ ଉତ୍ପାଦନ କରିପାରିଛନ୍ତି। କାଉନ୍‌ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍ଆଇଆର୍)-ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରେଟିଭ ମେଡିସିନ୍(ଆଇଆଇଆଇଏମ୍)ର ବୈଜ୍ଞାନିକମାନେ ଏହି ଚାଷୀମାନଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ କୃଷକମାନଙ୍କୁ ମହୁବାକ୍ସ ଯୋଗାଇ ଦେଇଛି। ୧ କେଜି ମହୁ ୬,୦୦୦ରୁ ୧୨ ହଜାର ଟଙ୍କାରେ ବିକ୍ରି ହେଉଛି, ଯାହାକି ଅର୍ଗାନିକ୍ ମହୁ ମୂଲ୍ୟଠାରୁ ପାଖାପାଖି ୬ ଗୁଣ ଅଧିକ। ସେଥିପାଇଁ ଏହି ମହୁକୁ 'ତରଳ ସୁନା' କୁହାଯାଉଛି। ସିଏସ୍ଆଇଆର୍-ଆଇଆଇଆଇଏମ୍ କଶ୍ମୀରର ଅନ୍ୟସବୁ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ପାଇଁ ସବୁପ୍ରକାର ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଜାନୁଆରୀ ୧୯୭୭**

- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ୍ ରାୟ 'ଜନ ଅରଣ୍ୟ' ଚଳଚ୍ଚିତ୍ର ପାଇଁ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇଛନ୍ତି।
- ୪ଟି ଅଣକମ୍ୟୁନିଷ୍ଟ ଦଳ ଯଥା ଜନସଂଘ, ସୋସାଲିଷ୍ଟ, ଲୋକଦଳ ଓ ସଙ୍ଗଠନ କଂଗ୍ରେସ ମିଶି 'ଜନତା ପାର୍ଟି' ନାମରେ ନିର୍ବାଚନ ଲଢ଼ିବା ନେଇ ନିଷ୍ପତ୍ତି ନିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | 7 |
| 5 | | | 9 | | | 2 | 8 | 1 |
| 6 | | 9 | | | | | | |
| | | 6 | 2 | 4 | 7 | | | |
| | | | | 3 | | | | 6 |
| 2 | 9 | | | | | | | |
| | | | 8 | | | | | |
| | 4 | 2 | | | | | 1 | |
| 7 | | | | 5 | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 5 | 2 | 8 | 3 | 4 | 7 | 6 | 9 |
| 6 | 9 | 7 | 1 | 5 | 2 | 4 | 3 | 8 |
| 7 | 1 | 9 | 6 | 8 | 3 | 2 | 4 | 5 |
| 5 | 4 | 3 | 2 | 7 | 1 | 8 | 9 | 6 |
| 2 | 6 | 8 | 4 | 9 | 5 | 3 | 7 | 1 |
| 9 | 2 | 6 | 3 | 4 | 8 | 1 | 5 | 7 |
| 4 | 8 | 5 | 7 | 1 | 9 | 6 | 2 | 3 |
| 3 | 7 | 1 | 5 | 2 | 6 | 9 | 8 | 4 |

ଗତକାଲିର ଉତ୍ତର

# ବଞ୍ଚିବାର ସଂଘର୍ଷ




କିଶୋର ଚନ୍ଦ୍ର ବେହେରା

କ୍ଷୁଧା ବା ଭୋକକୁ ମଣିଷ ନିଜର ପ୍ରାଥମିକତା ମନେକରେ। ଚିନ୍ତା କରେ କ'ଣ କଲେ ପେଟରେ ଦାନା ପଡ଼ିବ। ନିଜେ ବଞ୍ଚିଲେ ତ ପରିବାର ମୁହଁରେ କ'ଣ ଦି'ଟା ଖାଇବାକୁ ଦେବ। ଏସବୁ ସମାଜର ଏକ ବାସ୍ତବ ଚିତ୍ର। ନିମ୍ନ ବର୍ଗର ଲୋକମାନେ ଦିନରେ ଦି' ଓଳି ଖାଇ ନ ପାରିବାର ଦୁଃଖକୁ ପ୍ରତିଟି ମୁହୂର୍ତ୍ତରେ ପାଖରୁ ଅନୁଭବ କରନ୍ତି। ଆଜି ମଧ୍ୟ ଭାରତରେ ଲୋକେ ଖାଲି ପେଟରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ଦେଶ ଜନସଂଖ୍ୟାର ଏକ ବୃହତ୍ତର ଅଂଶକୁ ପୁଷ୍ଟିକର ଖାଦ୍ୟ ମିଳିପାରୁ ନାହିଁ। ବାସ୍ତବରେ ଆମେ କୁପୋଷଣ ବା ଅପପୁଷ୍ଟି ବିରୋଧରେ ଲଢ଼େଇ କରି ବିଜୟର ନିକଟତର ହୋଇପାରି ନାହୁଁ। କ୍ଷୁଧା ପ୍ରଶ୍ନ ଉପରେ ଆମେ ଲଗାତର ଭାବରେ ପଛେଇ ଚାଲିଛୁ।

ସାମାଜିକ ଗଣମାଧ୍ୟମ, ଶିକ୍ଷାଗତ ଚାପ, ଆର୍ଥିକ ଅସୁରକ୍ଷା, ପରିଚୟ ସଙ୍କଟ ଏବଂ ନିଜକୁ ପ୍ରମାଣ କରିବାର ନିରନ୍ତର ଆବଶ୍ୟକତା ଯୋଗୁ ଏପରି ଏକ ପରିବେଶ ସୃଷ୍ଟି ହୋଇଛି, ଯେଉଁଠାରେ ଯୁବପିଢ଼ି ପ୍ରତିଦିନ ନୀରବର ଯୁଦ୍ଧ ଲଢୁଛି। ଯଦିଓ ସେମାନେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିଜର କୌଶଳ ପ୍ରକଟ କରିପାରନ୍ତି, ତଥାପି ଏକାକୀ ଅନୁଭବ କରନ୍ତି। ସେମାନଙ୍କ ମନରେ ଚିନ୍ତା, ଆତ୍ମସନ୍ଦେହ ଉପୁଜୁଛି। ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଛି। ସାଧନଠାରୁ ଅଧିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ତେବେ ଯୁବପିଢ଼ି ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରାୟତଃ ସମାଜ ଦ୍ୱାରା ଅଣଦେଖା କରାଯାଇ ଏଡ଼ାଇ ଦିଆଯାଏ। ମାନସିକ ସ୍ୱାସ୍ଥ୍ୟ, ଭୟ କିମ୍ବା ସୁରକ୍ଷିତ ସ୍ଥାନର ଅଭାବ ସେମାନଙ୍କୁ ନୀରବରେ କଷ୍ଟ ଭୋଗିବାକୁ ବାଧ୍ୟ କରୁଛି। ଫଳରେ ମାନସିକ ଅବସାଦ, ଆତ୍ମହତ୍ୟା, ନିଶା ସେବନ, ଅସାମାଜିକ କାର୍ଯ୍ୟ କଳାପକୁ ଆପଣେଇ ନେଉଛି। ବିଳାସପୂର୍ଣ୍ଣ ହେଉ ବା ଲୋକଦେଖାଣିଆ ଜୀବନ ବିତାଇବା ପାଇଁ ସେମାନେ ଅଧିକ ଆଗ୍ରହୀ। କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବା ପାଇଁ ମଧ୍ୟ ଟଙ୍କା ରୋଜଗାରର ମାଧ୍ୟମ ଖୋଜି ଥାନ୍ତି। ଏଭଳି ସ୍ଥଳରେ ଅନଲାଇନ ଲୋନ ଆପ୍ ହାବୁଡ଼ରେ ପଡିଥାନ୍ତି। ସହଜରେ ଲୋନ ପାଇବା ଆଶାରେ ଋଣର ଶିକାର ହୋଇଥାନ୍ତି। ବିନା କଷ୍ଟରେ, ବିନା କାଗଜ ପତ୍ରରେ କିମ୍ବା ବ୍ୟାଙ୍କକୁ ଧାଁଦଉଡ ନ କରି ମୋବାଇଲ ଆପ୍ ମାଧ୍ୟରେ ଲୋନ ମିଳିଯାଏ। ପରବର୍ତ୍ତୀ ସମୟରେ ସୁଧ ଗଣୁ ଥିଲେ ମଧ୍ୟ ମୂଳ ସହଜରେ ଶୁଝିହୁଏ ନାହିଁ। ଏକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ୧୫-୩୪ ବର୍ଷ ବୟସ ବର୍ଗର ପ୍ରାୟ ୩୬% ଭାରତୀୟ ବିଶ୍ୱାସ କରନ୍ତି ଯେ ବେକାରି ହେଉଛି ଦେଶର ସବୁଠାରୁ ବଡ଼ ସମସ୍ୟା। ୩୦%ରୁ ଅଧିକ ଭାରତୀୟ ଯୁବତୀ ଯୁବକ ବେକାର ଏବଂ କୌଣସି ଶିକ୍ଷା କିମ୍ବା ତାଲିମରେ ଜଡ଼ିତ ନୁହନ୍ତି।

ଖାଦ୍ୟ ଅପଚୟ ରୋକିବା ପାଇଁ ପୃଥିବୀର କୌଣସି ଦେଶରେ କଠୋର ଆଇନ ପ୍ରଣୟନ କରାଯାଇ ନାହିଁ। ଭାରତରେ ବିବାହ, ବ୍ରତ ଆଦି ସାମାଜିକ ଉତ୍ସବରେ ଯେତିକି ଖାଦ୍ୟ ନଷ୍ଟ ହୁଏ, ତାହା ଲକ୍ଷ ଲକ୍ଷ ଲୋକଙ୍କର ଭୋଜନ ଚାହିଦା ପୂରଣ କରିପାରନ୍ତା। ମାତ୍ର ଏ ଦିଗରେ କଠୋର ଆଇନ କିମ୍ବା ବିଶେଷ କିଛି ସଚେତନତା ସୃଷ୍ଟି କରାଯାଇନାହିଁ। ଦୈନିକ ସମଗ୍ର ମନୁଷ୍ୟ ଜାତି ଯେତିକି ଖାଦ୍ୟ ନଷ୍ଟ କରେ, ତାହା ଅତି କମ୍‌ରେ ୧୦ ଲକ୍ଷ ଲୋକଙ୍କ ଭୋକ ମେଣ୍ଟାଇପାରିବ। ଫଳରେ ଖାଦ୍ୟ ନଷ୍ଟ



ହେଉଛି, ଭୋକିଲା ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଖାଦ୍ୟ ଅପଚୟ ରୋକିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଳ୍ପ କିଛି ସଙ୍ଗଠନ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ଭୂମିକା ନଗଣ୍ୟ। ଏକ ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରତିବର୍ଷ ୧୦୦ ଏକରରୁ ଅଧିକ ଚାଷ ଜମିରେ କୋଠାବାଡି ନିର୍ମାଣ ହେବା ଯୋଗୁ ସେହି ଅଞ୍ଚଳର ପାରମ୍ପରିକ ଚାଷ ପ୍ରଭାବିତ ହେଲାଣି। ଚାଷ ପ୍ରତି ଲୋକଙ୍କ ଅନାଗ୍ରହ ଭାବ ଦୂର କରି ଅଧିକ ଯୁବଶକ୍ତିକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା, ଏହି କ୍ଷେତ୍ରରେ ଅଧିକ କର୍ମ ସଂସ୍ଥାନ ସୃଷ୍ଟି କରିବା ଏବଂ ଚାଷ ଜମିକୁ ଅଣକୃଷି କାର୍ଯ୍ୟରେ ବ୍ୟବହାର ନିରୁତ୍ସାହିତ କରିବା ପାଇଁ ଉଦ୍ୟମ ହେବା ଆଜିର ଆବଶ୍ୟକତା ହେଲାଣି। ବଞ୍ଚିବା ପାଇଁ ଖାଦ୍ୟ ଓ ଜଳ ନିତାନ୍ତ ଆବଶ୍ୟକ। ମାତ୍ର ଈଶ୍ୱର ଓ ପ୍ରକୃତିଦତ୍ତ ଏହି ୨ଟି ଉତ୍ସକୁ ବିକାଶ ନାମରେ ବିନାଶ କରିବାରେ ଲାଗିପଡିଛି ମନୁଷ୍ୟ ଜାତି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଭିନ୍ନ ଦେଶର କ୍ଷୁଧାର୍ତ୍ତଙ୍କ ସ୍ଥିତିକୁ ଯଦି ପର୍ଯ୍ୟବେକ୍ଷଣ କରିବା ତେବେ କ୍ଷୁଧାରେ ଜର୍ଜରିତ ଲୋକଙ୍କ ଅସଲ ଚିତ୍ର ପ୍ରଦାନ କରିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ ସେହି ଦେଶଗୁଡ଼ିକର ବିକାଶର ଅସଲ ଚେହେରାକୁ ପ୍ରକଟ କରିବାରେ ସହାୟକ ହୋଇଛି।

ଯଦି ଭାରତ ଉପରେ ନଜର ପକାଇବା, ତେବେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ କ୍ଷୁଧାର୍ତ୍ତଙ୍କ ବିଶ୍ୱର ରାଜଧାନୀ କୁହାଯିବ। ୨୦୨୫ ବିଶ୍ୱ ଭୋକିଲା ଦେଶ ତାଲିକାରେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମ୍ୟାନମାର ଭଳି ଛୋଟ ଛୋଟ ଦେଶ ପଛରେ ପଡିଛି ଭାରତ ଦେଶ। ଏଭଳି କି ଗୃହଯୁଦ୍ଧ ଓ ଏକଛତ୍ରବାଦ ଶାସନାଧୀନ ରାଷ୍ଟ୍ର ଉତ୍ତରକୋରିଆ, ରୁଆଣ୍ଡା, ସିଏରାଲିଓନ, ଆଫଗାନିସ୍ତାନ ଓ ହାଇତି ଭଳି ଦେଶ ତୁଳନାରେ ମଧ୍ୟ ଭାରତର ସ୍ଥିତି ଖରାପ। ସାଧାରଣତଃ ୪ଟି ବିଭାବକୁ ଭିତ୍ତିକରି ପ୍ରସ୍ତୁତ ହୁଏ ବୈଶ୍ୱିକ କ୍ଷୁଧାସୂଚୀ। ସେଗୁଡ଼ିକ ହେଲା ପୁଷ୍ଟିହୀନତା ବା କୁପୋଷଣ, ଶିଶୁ ଅପଚୟ ବା ଚାଇଲ୍ଡ ୱେଷ୍ଟିଂ, ଶିଶୁ ଗେଡାହେବା ବା ଚାଇଲ୍ଡ ଷ୍ଟଣ୍ଟିଂ ଓ ଶିଶୁ ମୃତ୍ୟୁ ହାର। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭିନ୍ନ ଭିନ୍ନ ବିଭାଗଭୁକ୍ତ କରାଯାଇଛି ଓ ବିଭିନ୍ନ ଦେଶକୁ ସର୍ବନିମ୍ନ କ୍ଷୁଧା ବିଭାଗ, ମଧ୍ୟମ ଧରଣ, ଗୁରୁତର, ଉଦ୍‌ବେଗଜନକ ଏବଂ ଅତ୍ୟନ୍ତ ଉଦ୍‌ବେଗଜନକ କ୍ଷୁଧା ବିଭାଗ ସନ୍ନିବେଶିତ କରାଯାଇଛି। ଭାରତ ଗୁରୁତର କ୍ଷୁଧା ବିଭାଗ ମଧ୍ୟରେ ବିଶ୍ୱର ୪୭ଟି ଦେଶ ସହିତ ରହିଛି। ୟୁନିସେଫ, ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଙ୍ଗଠନ ତଥା ଜାତିସଂଘ ଓ ଅନ୍ୟାନ୍ୟ ବହୁ ଦେଶୀୟ ସଙ୍ଗଠନରୁ ସଂଗୃହୀତ ତଥ୍ୟାବଳୀ ଆଧାରରେ ଶିଶୁର ଶାରୀରିକ ବିକାଶ ଓ ମୃତ୍ୟୁ ହାରକୁ ଅଧ୍ୟୟନ କରି ସାବ୍ୟସ୍ତ ହୁଏ ପୁଷ୍ଟିହୀନତାର ସ୍ତର। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ବିଶ୍ୱବ୍ୟାପୀ ବିଭିନ୍ନ ଦେଶ ଭୋକିଲାଙ୍କ ସଂଖ୍ୟା ହ୍ରାସ କରିବାରେ ଅସମର୍ଥ ରହୁଛନ୍ତି।

ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ଯୋଗୁ ପ୍ରତ୍ୟେକ ବ୍ୟକ୍ତିର ଆୟର ହାରରେ ବୃଦ୍ଧି ଘଟିଥାଏ। ଏହା ସାଙ୍ଗକୁ ଦେଶର ସାଧାରଣ ରାଜସ୍ୱରେ ମଧ୍ୟ ବୃଦ୍ଧି ଲକ୍ଷ୍ୟ କରାଯାଇଥାଏ। ଏହାର ଉପଯୋଗ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ହିଁ ହୋଇଥାଏ। କିନ୍ତୁ କ୍ଷୁଧା ସୂଚକାଙ୍କ ରିପୋର୍ଟ ପ୍ରକାଶ ପରେ ଚିନ୍ତାର ବିଷୟ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ତଥା ସାମାଜିକ ପ୍ରଗତି ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ସେ ବିଷୟରେ ଦୀର୍ଘକାଳ ଧରି ଗଭୀର ବିଶ୍ଳେଷଣ କରିବାରରେ ଭାରତୀୟ ରାଜନୀତି ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

## ପାଠକ ଶ୍ରେଷ୍ଠ ବିଚାରକ

### ଦୂଷିତ ଜଳ ବନାମ ବଞ୍ଚିବାର ଅଧିକାର

ମହାଶୟ,

ପଞ୍ଚଭୂତରେ ଗଠିତ ମାନବଶରୀର ଦୀର୍ଘଜୀବୀ ହେବାରେ ବିଶୁଦ୍ଧ ଜଳ(ପାନୀୟଜଳ) ବିଶେଷ ଭୂମିକା ତୁଲାଏ। କଥାରେ ଅଛି, ଯେମିତି ପାଣି ସେମିତି ବାଣୀ ; ପାଣି ପିଇବ ଛାଣି ପଇସା ନେବ ଗଣି। କହିବା ବାହୁଲ୍ୟ ଯେ, ଇନ୍ଦୋରରେ ଦୂଷିତପାଣି ପିଇ ସଂଖ୍ୟାଧିକ ମୃତ୍ୟୁରେ ସ୍ଥାନୀୟ ମଧ୍ୟପ୍ରଦେଶ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକାଶିତ ଖବର ଅନୁସାରେ, ପାଣି ଦୂଷିତ ହେବାର ପ୍ରମୁଖ କାରଣ ପାଇପ୍ ଲିକ୍। ଯେଉଁ ରାଜ୍ୟ ଜଳଉତ୍ସ ସୁରକ୍ଷାରେ ଅସମର୍ଥ ସେହି ରାଜ୍ୟ ଧାରା ୨୧ ଅନୁସାରେ ବଞ୍ଚିବାର ଅଧିକାର ସୁରକ୍ଷିତ ରଖିପାରିଥିବା ଦାବି ରଖିପାରିବ କି? ଏ ନେଇ ସୁପ୍ରିମକୋର୍ଟ ବହୁବାର ଅଭିମତ ରଖିଛନ୍ତି ଯେ, ଅଧିକାର ମଧ୍ୟରେ ସ୍ୱଚ୍ଛ ଜଳ ଓ ନିର୍ମଳ ପରିବେଶ ଅନ୍ତର୍ଭୁକ୍ତ ଓ ଏଥିପାଇଁ ପାଣି ଲାଗି ହୀନସ୍ତା ହେବା ସାମ୍ବିଧାନିକ ଗ୍ୟାରେଣ୍ଟିର ପରିପନ୍ଥୀ।

**- ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ନାହିଁ ଜନପ୍ରାଣୀ,
ଅଶୋକ-ପଲ୍ଲବେ ଜାଗେ
ମଧୁ ମୃଦୁ ବାଣୀ। -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଦାଳ ବେଣ୍ଟରେ ପିଟି ପିଉସାଙ୍କୁ ହତ୍ୟା

## ଅଭିଯୁକ୍ତ ଗିରଫ

ବଲାଙ୍ଗୀର, ୨୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ଅଧୀନ ତୁଳସୀନଗର ପଡ଼ାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଏକ କୋଦାଳ ବେଣ୍ଟରେ ପିଟି ତାଙ୍କ ପିଉସାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଯଦୁମଣି ବଗର୍ତ୍ତୀ(୬୦)। ବୁଧବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ଏବଂ ବେଣ୍ଟ ଜବତ କରିଥିବାବେଳେ ଅଭିଯୁକ୍ତ ଅଜୁ ବିଶିଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଅଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏପରି କି ଉତ୍କ୍ଷିପ୍ତ ହୋଇ ତାଙ୍କ ଛୋଟଛୁଆକୁ କଚାଡ଼ି ଦେଇଥିଲେ। ଏହି ଘଟଣାରେ ଯଦୁମଣି ହସ୍ତକ୍ଷେପ କରିବା ସହ ପ୍ରଥମେ ଅଜୁଙ୍କ ସ୍ତ୍ରୀ ଓ ଛୁଆଙ୍କୁ ସେଠାରୁ ଅନ୍ୟତ୍ର ଚାଲିଯିବାକୁ କହିଥିଲେ। ଏହାପରେ ସେ ଅଜୁଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଜୁ ପିଉସାଙ୍କ କୌଣସି କଥାକୁ ଗ୍ରହଣ ନ କରି ଆହୁରି ଉତ୍କ୍ଷିପ୍ତ ହୋଇ ଘରେ ଥିବା ଏକ କୋଦାଳ ବେଣ୍ଟରେ ଯଦୁମଣିଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଘର ସମ୍ମୁଖରେ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ଖବରପାଇ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଯଦୁମଣିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯଦୁମଣିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ଅଭିଯୁକ୍ତ ଅଜୁଙ୍କୁ ଗିରଫ କରିଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି। ପାରିବାରିକ କଳହ ଏବଂ ନିଶାସେବନରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଯଦୁମଣିଙ୍କ ପୁତୁରା ଜ୍ୟୋତିପ୍ରକାଶ ବଗର୍ତ୍ତୀ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ଜଣାପଡିଛି।



ମୃତ ଯଦୁମଣି ବଗର୍ତ୍ତୀ।



ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।



ଜବତ କୋଦାଳ, ବେଣ୍ଟ।

# ନିଜକୁ ଗୁଳିକରି କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

ସୋନପୁର, ୨୧।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ରାଜେଶ କୁମାର ମିଶ୍ର ଓରଫ ରାଜା (୪୨) ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତି ୧ଟା ୧୫ମିନିଟ୍‌ରେ ରାଜେଶ ସୁବର୍ଣ୍ଣପୁର ସହର ଭଗବତୀପ୍ଲଟସ୍ଥିତ ବାସଭବନରେ ହିଁ ନିଜକୁ ଗୁଳି କରିଛନ୍ତି। ତାଙ୍କ ଗୁଳିବିଦ୍ଧ ଶରୀରକୁ ପୋଲିସ ଜବତ କରିଛି। ଜଣେ ଯୁବ ସଙ୍ଗଠକଭାବେ ପରିଚିତ ରାଜେଶ ପୂର୍ବରୁ ସୋନପୁର କଲେଜ ଛାତ୍ର ସଂସଦ ସଭାପତି ଥିଲେ। କଂଗ୍ରେସ ଦଳରେ ସେ ଖୁବ୍ ସକ୍ରିୟ ଥିଲେ। ତେବେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ପାରିବାରିକ କଳହ କି ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି ତାହା ଅସ୍ପଷ୍ଟ ରହିଛି। ଆତ୍ମହତ୍ୟା କାରଣକୁ ନେଇ ନାନା ଆଲୋଚନା ହେଉଛି। ତାଙ୍କ ବାପା ବିନୋଦ ବିହାରୀ ମିଶ୍ରଙ୍କ ଅଭିଯୋଗକ୍ରମେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରାଜେଶ ଘରର ପ୍ରଥମ ମହଲାରେ ଥିଲେ। ରାତି ୧ଟା ପରେ ସେ ପିସ୍ତଲ ଧରି ବେଡ୍‌ରୁମ୍‌ରୁ ଏକୁଟିଆ ତଳ ମହଲାକୁ ଓହ୍ଲାଇଥିଲେ। ତଳ ମହଲାରେ ନିଜ ପିସ୍ତଲରୁ କାନ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ଏହା ପରିବାର ଲୋକେ ଜାଣି ପାରି ନ ଥିଲେ। ବେଡ୍‌ରୁମ୍‌କୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତଳ ମହଲାକୁ ଯାଇ ଖୋଜାଖୋଜି କରିଥିଲେ। ତଳ ମହଲାର ଏକ ଗଳିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜା ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ସୂଚନା ପାଇବା ପରେ ବାସଭବନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବୁଧବାର ତଦନ୍ତ କରିଛି। ବ୍ୟବହୃତ ପିସ୍ତଲରେ ଆଉ ଗୁଳି ଭର୍ତ୍ତି ହୋଇଛି କି ନାହିଁ ଆର୍ମସ ହାବିଲଦାର ତନଖି କରିଥିଲେ। ପିସ୍ତଲକୁ ଜବତ କରାଯିବା ସହ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଷ୍ଟେଟ୍ ଫୋରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯିବ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ରାମେଶ୍ୱରସ୍ଥିତ ଶ୍ମଶାନରେ ରାଜେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି।



ରାଜେଶ କୁମାର ମିଶ୍ର

# ଲିଭ୍ ଇନ୍ ରିଲେଶନରେ ରହି ଯୁବତୀଙ୍କୁ ବଳାତ୍କାର

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)

- ଯୁବତୀଙ୍କୁ ମାଡ଼ ମାରି ଘର ଭିତରେ ବନ୍ଦୀ କରି ରଖିଥିଲେ
- ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫକଲା ପୋଲିସ

ପରସ୍ପରକୁ ଭଲ ପାଇଲେ। ସାଙ୍ଗ ହୋଇ ଗୋଟେ ଘରେ ଲିଭ୍ ଇନ୍ ରିଲେଶନରେ ମଧ୍ୟ ରହିଲେ। ହେଲେ ୫ମାସ ରହଣି ମଧ୍ୟରେ ଯୁବତୀଙ୍କ ସହ ଯୁବକଜଣକ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଲେ। ମନା କରିବାରୁ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତ ବଳାତ୍କାର କଲେ। ଏପରି କି ଯୁବତୀ ଗର୍ଭବତୀ ହେବା ପରେ ଗର୍ଭପାତ ପାଇଁ ବାଧ କରି ଔଷଧ ଖାଇବାକୁ ଦେଇଥିଲେ। ପୀଡ଼ିତା ନ ଖାଇବାରୁ ତାଙ୍କୁ ମାଡ଼ମାରି ଜବରଦସ୍ତି ଗର୍ଭପାତ ପାଇଁ ଔଷଧ ଖୁଆଇଲେ। ଏଭଳି ଏକ ସଙ୍ଗିନ ଅଭିଯୋଗ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଆଣିଛନ୍ତି ଜଣେ ଯୁବତୀ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ବାପିନ ସାବତଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁସାରେ, ଯୁବତୀଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ସେ ରାଜଧାନୀକୁ ଆସି ଅନ୍ୟ ଘରେ ରୋଷେୟା ଭାବେ କାମ କରନ୍ତି। ଏହି ସମୟରେ ବାପିନ ସହ ତାଙ୍କର ପରିଚୟ ହେବା ପରେ ବନ୍ଧୁତା ବଢିଥିଲା। ବାପିନ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ। ଉଭୟେ ମିଳାମିଶା କରିବା ପରେ ଲକ୍ଷ୍ମୀସାଗର ବୃନ୍ଦନଗରରେ ଏକ ଘର ଭଡ଼ା ନେଇ ଉଭୟ ଲିଭ ଇନ୍‌ରେ ରହୁଥିଲେ। ୫ମାସ ଲିଭ୍ ଇନ୍‌ରେ ରହିବା ମଧ୍ୟରେ ବାପିନ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତି ବଳାତ୍କାର କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ୩ ମାସ ଧରି ତାଙ୍କ ଘର ଭିତରେ ନଜର ବନ୍ଦୀ କରି ରଖିବା ପରେ କୌଶଳକ୍ରମେ ଯୁବତୀ ଖସି ଆସି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭଯୋଗ ଆଧାରରେ ଯୁବତୀଙ୍କ ବୟାନ ଗ୍ରହଣ କରିବା ପରେ ମାମଲା ରୁଜୁକରି ଅଭିଯୁକ୍ତ ବାପିନଙ୍କୁ ଗିରଫ କରିଥିଲେ।

# ଦେଖା ହୋଇପାରିଲାନି, ଯୁବତୀଙ୍କ ଘର ଆଗରେ ଦେହକୁ କାଟି ପକାଇଲେ



ଆହତ ଯୁବକଙ୍କୁ ଚିକିତ୍ସା କରାଯାଉଛି।

ଢେଙ୍କିକୋଟ, ୨୧।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନମସିଣାବିଲା ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯୁବତୀଙ୍କୁ ଦେଖିବାରେ ବିଫଳହୋଇ ଜଣେ ଯୁବକ ଉକ୍ତ ଯୁବତୀଙ୍କ ଘର ଆଗରେ ଶରୀରକୁ ବ୍ଲେଡ୍‌ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଯୁବକଜଣଙ୍କ ଯୋଡ଼ା ଅଞ୍ଚଳର ଆକାଶ କୁମାର(୨୧) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯୁବତୀଙ୍କ ଘର ସାନମସିଣାବିଲା ଗ୍ରାମରେ ହୋଇଥିବାବେଳେ ସେ ପିଉସୀଙ୍କ ଘର କୋଇଡ଼ାରେ ରହୁଥିଲେ। କୋଇଡ଼ାରେ ଆକାଶଙ୍କ ସହ ଦେଖା ସାକ୍ଷାତ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ହେଲା ଯୁବତୀ ନିଜ ଗ୍ରାମ ମସିଣାବିଲାକୁ ଚାଲି ଆସିଥିଲେ। ପରେ ଘର ଲୋକଙ୍କ କଡ଼ା ତାଗିଦ ପରେ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରି ନ ଥିଲା। ଯୁବକ ବୁଧବାର ଅପରାହ୍ନରେ ସାନମସିଣାବିଲାରେ ପହଞ୍ଚି ଯୁବତୀଙ୍କୁ ଦେଖାକରିବା ପାଇଁ ଚାହିଁଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ସାଙ୍ଗରେ ଆଣିଥିବା ଏକ ବ୍ଲେଡ୍‌ରେ ନିଜ ଦେହର ବିଭିନ୍ନ ସ୍ଥାନକୁ କାଟି ଚାଲିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ୧୧୨ ପୋଲିସ ହେଲ୍ପଲାଇନକୁ ଫୋନ୍‌କରି ଡାକିଥିଲେ। ଘଟଗାଁ ପୋଲିସ ପହଞ୍ଚି ଆକାଶଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସା କରାଇ ପୋଲିସ ଯୁବକଙ୍କୁ ଥାନାରେ ରଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ଖବର ଲେଖାହେବା ଯାଏ ପରିବାର ଲୋକେ ଘଟଗାଁ ଥାନାରେ ପହଞ୍ଚି ନ ଥିଲେ। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ଏ ସମ୍ପର୍କରେ ଏକ ମାମଲା(ନଂ.୨୭/୨୬) ରୁଜୁ ହୋଇଛି। ପରିବାର ଲୋକ ଆସିବା ପରେ ଆକାଶଙ୍କୁ ହସ୍ତାନ୍ତର କରାଯିବ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଅନୁଗୋଳ, ୨୧।୧ (ଜ୍ୟୋତିରଞ୍ଜନ ସାହୁ)

ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ସୌମ୍ୟାଶ୍ରୀ ଶୁଭଦର୍ଶିନୀ ବୁଧବାର ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ଅଭିଯୁକ୍ତ ଏନ୍‌ଟିପିସି ଥାନା ଅଞ୍ଚଳର ବିଶ୍ୱାସ ନାଏକ (୨୨)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୩ ସେପ୍ଟେମ୍ବର ୩ରେ ଏନ୍‌ଟିପିସି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୧୩ ବର୍ଷୀୟା ନାବାଳିକାଙ୍କୁ ଅପରାହ୍ନରେ ଘର ସମ୍ମୁଖରୁ ଅଭିଯୁକ୍ତ ବିଶ୍ୱାସ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଏନ୍‌ଟିପିସି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରାୟ ଏକମାସ ପରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରୁଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଆଉ ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଥିଲା। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲୀପ ଦାସ ମାମଲା ପରିଚାଳନା କରିଥିଲେ।

# ରିମାଣ୍ଡ ସରିଲା, ଠାବ ହୋଇପାରିଲାନି ମୃତଦେହ

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)

**ବ୍ୟବସାୟୀ ବଳରାମ ଅପହରଣ ମାମଲା**

ମିଛ ଧରା ପରୀକ୍ଷା ପାଇଁ ରିମାଣ୍ଡରେ ଆଣିବ ପୋଲିସ

୨୦୧୯ରେ ବ୍ୟବସାୟୀ ବଳରାମ ସାହାଣି ନିଖୋଜ ରହସ୍ୟ ଘଟଣାରେ ପୋଲିସକୁ ନାକେଦମ କଲେଣି ଅଭିଯୁକ୍ତା ରଶ୍ମିତା ସ୍ୱାଇଁ। ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ ମୃତଦେହ କେଉଁଠି ଫିଙ୍ଗିଛନ୍ତି ଦେଖାଇ ପାରୁନାହାନ୍ତି। ଗଞ୍ଜାମ ଠାରୁ ଆରମ୍ଭ କରି ରାଜଧାନୀର ଏକାଧିକ ସ୍ଥାନ ପୋଲିସକୁ ବୁଲାଇଥିଲେ ମଧ୍ୟ ଶବ ମିଳୁନି। ୭ ବର୍ଷ ବିତିଯାଇଥିବାରୁ ମୃତଦେହ କଙ୍କାଳ ରୂପ ନେଇଥିବ। ତେଣୁ ପୋଲିସକୁ କଙ୍କାଳ ଜବତ କରିବା ଏବେ ଅପରିହାର୍ଯ୍ୟ ହୋଇପଡ଼ିଛି। ନ ହେଲେ ବ୍ୟବସାୟୀ ବଳରାମଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ କରିବା କଷ୍ଟକର ହେବ। ତେଣୁ ପୋଲିସ ରଶ୍ମିତାଙ୍କ କହିବା ଅନୁସାରେ ଏକାଧିକ ସ୍ଥାନରେ ଛାନ୍‌ଭିନ କରୁଛି। ସେପଟେ ମଙ୍ଗଳବାର ରଶ୍ମିତାଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରି ଝାରପଡ଼ା ଜେଲକୁ ପଠାଇ ଦେଇଛି। ରଶ୍ମିତା ପୋଲିସକୁ ଏକାଧିକ ମିଛ କହିଥିବାରୁ ସତ ଜାଣିବା ସହ କଙ୍କାଳ ଜବତ ପାଇଁ ପୋଲିସ ପୁଣି ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଆହୁରି ମଧ୍ୟ ରଶ୍ମିତାଙ୍କୁ ମିଛ ଧରା ପରୀକ୍ଷା କରିବା ପାଇଁ ମଧ୍ୟ କୋର୍ଟରୁ ଅନୁମତି ଆଣିବେ। ଏହି ମିଛ ଧରା ପରୀକ୍ଷାରେ ରଶ୍ମିତା ସତ ଉଗାଳିବ ବୋଲି କୁହାଯାଉଛି।

# ମମତା ଯୋଜନା ନାଁରେ ଠକିନେଲେ ୭ ହଜାର

ବାରଙ୍ଗ, ୨୧।୧ (ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତ ଅଧୀନ ଜୁଝଗଡ଼ ପାଟଣାସାହିର ସୋନି ସ୍ୱାଇଁ ସାଇବର ଠକେଇର ଶିକାର ହୋଇଛନ୍ତି। ମମତା ଯୋଜନାରେ ଟଙ୍କା ଆସିଥିବା କହି ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା ଦୁର୍ବୃତ୍ତମାନେ ହଡ଼ପ କରିନେଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି।

ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ତାଙ୍କ ପାଖକୁ ଏହି ପଞ୍ଚାୟତର ଜଣେ ଆଶା କର୍ମୀ ଫୋନ କରି ଡାକ୍ତର କଥା ହେବେ ବୋଲି କହିଥିଲେ। ପରେ ଏକକାଳୀନ ୩ଜଣ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ମମତା ଯୋଜନାରେ ଟଙ୍କା ମିଳିଛି କି ନାହିଁ ଏବଂ ପଇସା ପାଇଛ କି ନାଇଁ ବୋଲି ନିଜକୁ ଡାକ୍ତର କହୁଥିବା ବ୍ୟକ୍ତି ପଚାରିଥିଲେ। ଏହାପରେ ସୋନି ତାଙ୍କ ସ୍ୱାମୀ ଶତ୍ରୁଘନଙ୍କୁ ମୋବାଇଲ ଦେଇ କଥା ହେବାକୁ କହିଥିଲେ। ସମ୍ପୃକ୍ତ ଡାକ୍ତର ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ଅନ୍‌ଲାଇନ୍ ୱାଲେଟ୍ ଚେକ୍ କରିବାକୁ କହିଥିଲେ। ଏନେଇ ଶତ୍ରୁଘ୍ନ ମୋବାଇଲ ଥିବା ୱାଲେଟ୍ ଖୋଲୁ ଖୋଲୁ ସୋନିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା କଟିଯାଇଥିଲା। ଏହାପରେ ସମ୍ପୃକ୍ତ ଆଶାଦିଦି ଓ ଡାକ୍ତର ଧରାଦେଉନାହାନ୍ତି ବୋଲି ସୋନି ଅଭିଯୋଗରେ ଦର୍ଶାଇଛନ୍ତି।


# Classified Everyday
0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




All types of physiotherapy and massage contact 9556924059 / 7656969134. D-3166

**LOST**

ମୁଁ, ତ୍ରିଲୋକ୍ୟ କୁମାର ବଳ, ଜଗତପୁର, କଟକ, ବାସିନ୍ଦା ଗତ ତା.୧୨।୦୧।୨୦୨୬ ରେ ଜଗତପୁର ବସ୍‌ଷ୍ଟାଣ୍ଡରେ B.Tech ସର୍ଟିଫିକେଟ୍ ଓ ୩ଟି ଗ୍ରେଡ୍‌ଶିଟ୍ ହରାଇଛି। ମିଳିଲେ ଦୟାକରି ସମ୍ପର୍କ କରନ୍ତୁ। ଯୋଗାଯୋଗ: 9040555828. D-3167

**AFFIDAVIT**

By virtue of an affidavit sworn before the Executive Magistrate, Cuttack, vide No. 415 dtd. 20.01.2026, I, Siba Prasad Sahoo, Son of Babaji Charan Sahoo, At- Dolamandapsahi, Bidyadharpur, P.O.- Nuabazar, P.S.-Chauliaganj, Dist.- Cuttack declared as my daughter's actual name is Swoyongshree Sahoo as per her birth certificate (Regd. No. 17268/2009, dtd.- 20.10.2009). But in the Aadhaar card bearing No. xxxx xxxx 4536 name was wrongly mentioned/written as Swayamshree Sahoo. Henceforth, she shall be known as Swoyongshree Sahoo in the Aadhaar and educational certificate for all purpose. D-3168

By virtue of an affidavit sworn before Executive Magistrate, Tangi-Choudwar, dated-16.01.2026, I, Ranjan Kumar Behera, aged 46 years, S/o.- Jaladhar Behera, resident of Imfa Colony, P.O.- Kapaleswar, P.S.- Choudwar, Dist.- Cuttack- 754071 declare that I have changed my name from Ranjan Ku Behera to Ranjan Kumar Behera, also my wife name changed from Chumuki Behera to Chumki Behera. Henceforth, we shall be known as Ranjan Kumar Behera and Chumki Behera for all purposes. D-3169

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Notary Public, Titilagarh, dtd. 20.01.2026, I, Mahana Thela, S/o.- Late Araksita Thela, R/o. Village- Lathakenda, P.O.- Karamtala, P.S.- Saintala, Dist.- Balangir, Odisha, (Odisha), PIN-767032 declare that now I have changed my name from Padmalochana Thela to Mahana Thela. Henceforth, I shall be known as Mahana Thela for all purposes.

Mahana Thela D-3170

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା। ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଶୋକ କୁମାର ମିଶ୍ର**
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଘର)
ଖଲିକୋଟ, ଗଞ୍ଜାମ
ଆବିର୍ଭାବ- ୦୧।୦୭।୧୯୬୭
ତିରୋଧାନ- ୦୧।୦୨।୨୦୨୫
ମାଘ ଶୁକ୍ଳପକ୍ଷ ଚତୁର୍ଥୀ

ଭାଇନା, ତୁ ଯିବାର ବରଷେ ବିତିଗଲା କିନ୍ତୁ ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ତୋର ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି, ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶ୍ରଦ୍ଧାଞ୍ଜଳି:-
ଭାଇ- ବୁଲୁ, ସ୍ତ୍ରୀ- ମିତା, ପୁଅ- ସିତୁନୁ, ଗୁଗୁନ୍, ବଡ଼ଭାଇ- ଆଦିକନ୍ଦ, ଭଉଣୀ- ସନ୍ଧ୍ୟା, ଜ୍ୱାଇଁ- ଜିତୁ, ଭଣଜା- ଲିପୁନ୍, ଚିକୁନ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ।
D-3171

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ | Bhubaneswar, Thursday, January 22/ 2026




# ତୃତୀୟ ରାଉଣ୍ଡରେ ଅଲ୍‌କାରାଜ, ଜେଭରେଭ୍

**ମେଲ୍‌ବୋର୍ନ, ୨୧।୧**

**ଅଷ୍ଟ୍ରେଲିଆନ ଓପନ୍ ଟେନିସ୍**

ଟପ୍ ସିଡ୍ କାର୍ଲୋସ ଅଲ୍‌କାରାଜ, ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କ ସମେତ ଅନ୍ୟ କେତେଜଣ ସିଡେଡ୍ ଖେଳାଳି ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନ୍‌ର ଅଲ୍‌କାରାଜ ୭-୬ (୭-୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନିକ ହାନ୍‌ଫମାନ ଓ ଜର୍ମାନୀର ଜେଭରେଭ୍ ୬-୩, ୪-୬, ୬-୩, ୬-୪ ସେଟ୍‌ରେ ଫ୍ରାନ୍ସର ଆଲେକ୍‌ଜାଣ୍ଡର ମୁଲରଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬ଷ୍ଠ ସିଡ୍ ମିନାଉର ୬-୭ (୫-୭), ୬-୨, ୬-୨, ୬-୧ ସେଟ୍‌ରେ ହାମଦ ମାଡେଜୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ୧୦ମ ସିଡ୍ ଆଲେକ୍‌ଜାଣ୍ଡର ବୁବଲିକ ୭-୫, ୬-୪, ୭-୫ ସେଟ୍‌ରେ ମାର୍ଟନ ଫୁକ୍‌ସୋଭିକ୍ସ, ୨୯ତମ ସିଡ୍ ଫ୍ରାନ୍ସେସ ଟିଆଫୋ ୬-୪, ୬-୩, ୪-୬, ୬-୨ ସେଟ୍‌ରେ ଫ୍ରାନ୍ସିସ୍କୋ କୋମେସନା, ୨୫ତମ ସିଡ୍ ଲର୍ନର ଟିଏନ୍ ୬-୨, ୫-୭, ୬-୧, ୬-୦ ସେଟ୍‌ରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ୨୬ତମ ସିଡ୍ କାମେରନ ନୋରି ୬-୧, ୭-୬ (୭-୩), ୪-୬, ୭-୬ (୭-୫) ସେଟ୍‌ରେ ଇମିଲିଓ ନାଭା, ୧୧ତମ ସିଡ୍ ଡାନିଲ ମେଡ୍‌ଭେଡେଭ୍ ୬-୭ (୯-୧୧), ୬-୩, ୬-୪, ୬-୨ ସେଟ୍‌ରେ କ୍ୱେଣ୍ଟିନ ହେଲିସ, ୧୩ଶ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ ୬-୪, ୬-୩, ୪-୬, ୭-୫ ସେଟ୍‌ରେ ଜେମି ଫାରିଆ ଓ ୧୪ଶ ସିଡ୍ ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ୬-୩, ୭-୬ (୭-୩), ୫-୭, ୪-୬, ୬-୪ ସେଟ୍‌ରେ ରିଲି ଓପେଲ୍‌କାଙ୍କୁ ପରାସ୍ତ କରିଛନ୍ତି।


କାର୍ଲୋସ ଅଲ୍‌କାରାଜ


ଆରିନା ସାବାଲେଙ୍କା

**ସାବାଲେଙ୍କା, ଗଫ୍‌ଙ୍କ ସହଜ ବିଜୟ**

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍‌ଙ୍କ ସମେତ ଅନ୍ୟ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ବିଜୟ ଜାରି ରହିଛି। ସାବାଲେଙ୍କା ୬-୩, ୬-୧ ସେଟ୍‌ରେ ଝୋଜୁଆନ ବାଇଙ୍କୁ ଏବଂ ଗଫ୍ ୬-୨, ୬-୨ ସେଟ୍‌ରେ ଓଲ୍‌ଗା ଡାନିଲୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଦ୍ୱାଦଶ ସିଡ୍ ଏଲିନା ସ୍ୱେତୋଲିନା ୭-୫, ୬-୧ ସେଟ୍‌ରେ ଲିନ୍‌ଡା କ୍ଲିମୋଭିକୋଭାଙ୍କୁ ପରାସ୍ତ କରିଛନ୍ତି।

# ସେମିରେ ଭୁବନେଶ୍ୱର ବାପୁଜୀ କ୍ଲବ

**ସୋନପୁର, ୨୧।୧**
**(ମୃତ୍ୟୁଞ୍ଜୟ ଶତପଥୀ)**

**ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧବାର ତୃତୀୟ ଦିବସ ମ୍ୟାଚ୍ ମୁମ୍ବାଇର ରକେଟ୍ ଏକାଦଶ ଓ ଭୁବନେଶ୍ୱର ବାପୁଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବାପୁଜୀ କ୍ଲବ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଶିବମ୍ କୁମାର ୪୫ ରନ୍ କରିଥିଲେ। ଭୁବନେଶ୍ୱରର ପ୍ରୟାସ ସିଂହ ସର୍ବାଧିକ ୪ ଉଇକେଟ୍ ହାସଲ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ୮.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୫ ରନ୍ କରି ବିଜୟ ହାସଲ କରିଥିଲା। ଦଳର ସିଦ୍ଧାନ୍ତ ଜେନା ୪୫ ରନ୍ କରିଥିଲେ। ସେହିପରି ଟି୧୦ ମ୍ୟାଚ୍‌ରେ ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୬ ଉଇକେଟ ହରାଇ ୧୦୧ ରନ୍ କରିଥିଲା। ୟଶ୍ ରାଠୋଡ୍ ୨୨ ରନ୍ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ୬.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୦୨ ରନ୍ କରି ବିଜୟ ହାସଲ କରିଥିଲା। କ୍ଷମାସାଗର ବଳ ଅପରାଜିତ ୪୩ ରନ୍ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସତ୍ୟପ୍ରସାଦ ରଥ ଓ ଶ୍ୟାମସୁନ୍ଦର ପଣ୍ଡା। ବିଏସ୍ ରାଓ, ସଞ୍ଜୀବ ମିଶ୍ର, ପାର୍ଥସାରଥି ଦାଶ ଓ ବିନୋଦ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ଦେବାଶିଷ ପାଣିଗ୍ରାହୀ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଶ୍ରୀବନ୍ତ ମିଶ୍ର ଓ ସୁବାସ ସୁନା ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ବାପୁଜୀ କ୍ଲବର କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।


କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।




Authorised Dealers for BAJAJ Auto Ltd.: Balasore SURAJ BAJAJ 9124626001 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 / 9439008692• Baripada BALA BAJAJ 9338336111, • Chandikhole TARINI BAJAJ 9937310800 • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, January 22/2026 | Page 16 | ₹ 7.00 | BALASORE

୫୨ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 60 | ମୂଲ୍ୟ ₹୭/-



ଉତ୍ତରପ୍ରଦେଶ ପ୍ରୟାଗରାଜର ଦଳ ଭର୍ତ୍ତି ଏକ ପୋଖରି ମଧ୍ୟକୁ ବୁଧବାର ଖସିପଡ଼ିଥିବା ଇଣ୍ଡିଆନ୍ ଏୟାର ଫୋର୍ସର ଛୋଟ ଟ୍ରେନିଂ ଏୟାରକ୍ରାଫ୍ଟକୁ ଯାଞ୍ଚ କରାଯାଉଛି।

# ଜାନୁଆରୀରେ ୧.୫% ଦୁର୍ବଳ ହେଲାଣି ଟଙ୍କା

## ୧ ଡଲାର=୯୧.୬୪ ଟଙ୍କା



**ଗ୍ଲୋବାଲ ମାର୍କେଟରେ ଅନିଶ୍ଚିତତା ଓ ଟାରିଫ୍ ଯୁଦ୍ଧଜନିତ ଚାପ ଯୋଗୁ ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକ ମୁହଁ ଫେରାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଆମେରିକୀୟ ମୁଦ୍ରା ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଚାଲିଛି। ବୁଧବାର ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ କାରବାର ବେଳେ ଭାରତୀୟ ମୁଦ୍ରା ୬୭ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନ ୯୧.୬୪ ସ୍ତରକୁ ଖସିଆସିଛି। କେବଳ ଜାନୁଆରୀରେ ଟଙ୍କାର ୧.୫% ଅବମୂଲ୍ୟାୟନ ଦେଖିବାକୁ ମିଳିଲାଣି, ଯାହାକି ଦେଶର ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ମୁମ୍ବାଇ,୨୧।୧(ବ୍ଲୁମ୍‌ବର୍ଗ/ପି.ଟି.)

୨୦୨୫ ଡିସେମ୍ବର ୧୬ରେ ଭାରତୀୟ ମୁଦ୍ରା ୯୧.୧୪ ଟଙ୍କାକୁ ଖସି ସର୍ବକାଳୀନ ନିମ୍ନସ୍ତରକୁ ଛୁଇଁଥିଲା। ସେବେଠୁ ଅଦ୍ୟାବଧି ଟଙ୍କା ୧.୫% ଦୁର୍ବଳ ହୋଇଥିବା ଫରେକ୍ସ ଟ୍ରେଡର୍ସ କହିଛନ୍ତି। ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଥିବାରୁ ଭାରତର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି। ଏହାର ପ୍ରଭାବରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗକୁ ନେଇ ୟୁରୋପରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ସମ୍ଭାବ୍ୟ ଉଚ୍ଚ ଟାରିଫ୍ ଏବଂ ଘରୋଇ ବଜାରରେ ନକାରାତ୍ମକ ଟ୍ରେଣ୍ଡ୍ ଜାରି ରହିଲେ ନିବେଶକଙ୍କ ସେଣ୍ଟିମେଣ୍ଟ ଅଧିକ ପ୍ରଭାବିତ ହେବା ସହ ଟଙ୍କାର ଦୁର୍ବଳତା ଆହୁରି ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡର୍ସ ସତର୍କ କରାଇଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ କାରବାର ଆରମ୍ଭ ହେବାବେଳେ ଟଙ୍କାର ମୂଲ୍ୟ ୯୧.୦୫ ରହିଥିବାବେଳେ ପରେ ୯୧.୭୪ ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ମଙ୍ଗଳବାରର କ୍ଲୋଜିଂ ତୁଳନାରେ ୬୭ ପଇସା ଦୁର୍ବଳ ହୋଇ ୯୧.୬୪ ଟଙ୍କାରେ ସ୍ଥିର ରହିଛି। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍ ରିସର୍ଚ୍ଚ ଆନାଲିଷ୍ଟ ଦିଲୀପ ପରମାର କହିଛନ୍ତି, ୨୦୨୫ ନଭେମ୍ବର ୨୧ ପରଠୁ ଦିନକରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ହ୍ରାସ। ମଙ୍ଗଳବାର ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଥିଲା। ଭାରତ ଭଳି ବିକାଶଶୀଳ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ ପୁଞ୍ଜି ସ୍ରୋତରେ ଦୁର୍ବଳତାର ଚାପର ସମ୍ମୁଖୀନ ହେଉଛନ୍ତି ବୋଲି କୋଟାକ୍ ମହିନ୍ଦ୍ରା ଏଏମ୍‌ସିର ଅଭିଷେକ ବିସେନ୍ ମତ ଦେଇଛନ୍ତି।

ଭୂରାଜନୈତିକ ଉତ୍ତେଜନା ସହ ଗ୍ରୀନ୍‌ଲାଣ୍ଡ ବିବାଦ ଆମେରିକା-ୟୁରୋପ ସମ୍ପର୍କରେ ଫାଟ ସୃଷ୍ଟି କରିଛି। ଏଥିଯୋଗୁ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ବିଭାଜିତ ହେବା ଆଶଙ୍କା ଉପୁଜିଛି। ସେହିପରି ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ନିୟନ୍ତ୍ରଣ ସାରା ବିଶ୍ୱର ବାଣିଜ୍ୟ ☞ପୃଷ୍ଠା-୫

# ଗଛରେ ବାଇକ୍ ପିଟିହେବାରୁ ୨ ସାଙ୍ଗ ମୃତ

ପଡ଼ିଆ,୨୧।୧ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକ୍ କମାରଗୁଡ଼ା ନିକଟରେ ବୁଧବାର ସକାଳେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟିହୋଇଯିବାରୁ ଘଟଣାସ୍ଥଳରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଡ଼ିଆ ଗ୍ରାମର ସମୀର ହନ୍ତାଳ (୨୯) ଏବଂ ଦୀପକ କୁମାର ଲିମା (୨୮)।

ସୂଚନା ଅନୁଯାୟୀ, ପଡ଼ିଆ ଗ୍ରାମର ବୃନ୍ଦାବନ ହନ୍ତାଳଙ୍କ ପୁଅ ସମୀର ଓ ଦିଲୀପ ଲିମାଙ୍କ ପୁଅ ଦୀପକ ଏକ ବାଇକ୍ (ନଂ. ଏପି ៣୧ ସିଏମ ୧୨୨୨) ଯୋଗେ କୌଣସି କାର୍ଯ୍ୟରେ ମଙ୍ଗଳବାର କାଲିମେଲା ଅଭିମୁଖେ ଯାଇଥିଲେ। କାମ ସାରି ବୁଧବାର ସକାଳେ ନିଜ ଗ୍ରାମକୁ ଫେରୁଥିବା ସମୟରେ କାଲିମେଲା-ପଡ଼ିଆ ମୁଖ୍ୟରାସ୍ତାର କମାରଗୁଡା ଗ୍ରାମ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଉଭୟ ସାଙ୍ଗ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ☞ପୃଷ୍ଠା-୫





ଭଦ୍ରାୟଣୀ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।


ସୁଭଦ୍ରା ଶକ୍ତି ମାସ୍କଟ୍ ସହ ଯୁବତୀ ଫଟୋ ଉଠାଉଛନ୍ତି।

# ପାରମ୍ପରିକ ନୃତ୍ୟଗୀତରେ ଝୁମିଲେ ଦର୍ଶକ

## ଭଦ୍ରାୟଣୀ ମହୋତ୍ସବ

ଭଦ୍ରକ,୨୧।୧(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଭଦ୍ରାୟଣୀ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ପାରମ୍ପରିକ ପାଲା ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭଣ୍ଡାରିପୋଖରୀ (ବାଗ୍‌ଦେବୀ ପାଲା ପରିଷଦ) ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ପରେ ଭଦ୍ରକର ବିଭିନ୍ନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ତାପସ ଶଙ୍ଖୁଆ, ଚଳଚ୍ଚିତ୍ର ଅଭିନେତା ସୋହନ ସିଂହ ଦର୍ଶକମାନଙ୍କ ମନୋରଞ୍ଜନ କରିଥିବା ବେଳେ ଗାୟିକା ସୋହିନୀ ମିଶ୍ର ଓ ସଙ୍ଗୀତ ସରଗମ ସୁମତି ପଣ୍ଡାଙ୍କ ସୁମଧୁର ସଙ୍ଗୀତରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଝୁମିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଦ୍ୱାରା ସମସ୍ତ କଳାକାରମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ସୁଭଦ୍ରା ମାସ୍କଟ୍ ସହ ଫଟୋ ଉଠାଇବାକୁ ଆଗ୍ରହ

ଭଦ୍ରାୟଣୀ ପଲ୍ଲିଶ୍ରୀ ମେଳାରେ ସୁଭଦ୍ରା ଶକ୍ତି ମେଳା ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଉତ୍ପାଦିତ ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ଷ୍ଟଲ ପ୍ରବେଶ ପଥରେ ଥିବା ସୁଭଦ୍ରା ମାସ୍କଟ ସହ ଫଟୋ ଉଠାଇବା ଓ ସେଲ୍ଫି ନେବାରେ ଯୁବତୀ ଓ ମହିଳାମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଥିବା ପରିଲକ୍ଷିତ ହୋଇଛି।

### ଷ୍ଟଲରୁ ମନ ପସନ୍ଦ ଜିନିଷ କିଣୁଛନ୍ତି ଲୋକେ

ମେଳାରେ ୪୧୭ଟି ଷ୍ଟଲ ଖୋଲା ଯାଇଥିବା ବେଳେ ବହୁ ପାରମ୍ପରିକ ସାମଗ୍ରୀ ବିକ୍ରି ହେଉଛି। ସମ୍ବଲପୁରୀ ବସ୍ତ୍ରଠାରୁ ଆରମ୍ଭ କରି ବିଭିନ୍ନ ଆୟୁର୍ବେଦିକ ସାମଗ୍ରୀ, ଟେରାକୋଟା ସାମଗ୍ରୀ, ଧୂପ, ଝୁଣା, କଂସା, ପିତ୍ତଳର ସାମଗ୍ରୀ ବିକ୍ରି ହେଉଛି। ଏସବୁ ଘରକରଣା ଜିନିଷ କିଣିବା ପାଇଁ ଷ୍ଟଲରେ ଲୋକଙ୍କ ଭିଡ଼ ଲାଗୁଛି। ମେଳା ବୁଲିବା ସହ ଲୋକେ ଷ୍ଟଲରୁ ନିଜ ମନପସନ୍ଦର ଜିନିଷ କିଣୁଥିବା ପରିଲକ୍ଷିତ ହେଉଛି।

# ଧରିତ୍ରୀ ଷ୍ଟଲ ପରିଦର୍ଶନ କଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

ଭଦ୍ରକ,୨୧।୧(ସନାତନ ରାଉତ)

ଭଦ୍ରକ ସହର ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ମହୋତ୍ସବ 'ଭଦ୍ରାୟଣୀ ପଲ୍ଲିଶ୍ରୀ ମେଳା'ରେ ପ୍ରଥମ ଥର ପୁସ୍ତକ ମେଳା ଆୟୋଜନ ହୋଇଛି। ବୁଧବାର ସନ୍ଧ୍ୟାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁସ୍ତକ ମେଳା ଉଦ୍‌ଘାଟନ କରିବା ପରେ ଧରିତ୍ରୀ ଷ୍ଟଲ ପରିଦର୍ଶନ କରିଛନ୍ତି। ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ଲିଖିତ ଭିନ୍ନ ସ୍ୱର ପୁସ୍ତକ ସମେତ ୩ଟି ପୁସ୍ତକ ଷ୍ଟଲରୁ ସେ କିଣିଛନ୍ତି। ପୁସ୍ତକ ମେଳାରେ ଧରିତ୍ରୀ ପକ୍ଷରୁ ଷ୍ଟଲ ଖୋଲାଯିବା ନେଇ ସେ ପ୍ରଶଂସା କରିଥିଲେ। ମନ୍ତ୍ରୀଙ୍କ ସହ ଜିଲାପାଳ ଦିଲୀପ ରାଉତରାଏ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସେଠାରେ ଉପସ୍ଥିତ ଥିଲେ। ଜିଲା ପ୍ରତିନିଧି ସନାତନ ରାଉତଙ୍କ ତତ୍ତ୍ୱାବଧାନରେ ଷ୍ଟଲ ଖୋଲା ଯାଇଥିବା ବେଳେ ପ୍ରସାରଣ ବିଭାଗର ଆଲୋକ କାନୁନଗୋ, ଖବରଦାତା ଅମରେନ୍ଦ୍ର ପଣ୍ଡା, ରବିନାରାୟଣ ଖିଲାର ପରିଚାଳନାରେ ସହଯୋଗ କରିଛନ୍ତି।


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧରିତ୍ରୀ ଷ୍ଟଲରୁ ବହି କିଣୁଛନ୍ତି।


ଭିଜିଟର ବୁକ୍‌ରେ ମନ୍ତ୍ରୀ ଦସ୍ତଖତ କରୁଛନ୍ତି।

# ଡ. ରବୀନ୍ଦ୍ର ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ,୨୧।୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଚରମ୍ପା ବିଶାଣିଖରିଦାସ୍ଥିତ ବାସନ୍ତୀ ଦୁର୍ଗା ମଣ୍ଡପଠାରେ ବୁଧବାର ଡ. ରବୀନ୍ଦ୍ରନାଥ ପଣ୍ଡାଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ଜଣେ ଅମାୟିକ ବ୍ୟକ୍ତିଥିଲେ, ତାଙ୍କର ସମାଜସେବା ସବୁଦିନ ସ୍ମରଣୀୟ ହୋଇରହିବ ବୋଲି ବକ୍ତାମାନେ କହିଥିଲେ। ଖବରଦାତା ସଞ୍ଜୀବ ନାୟକଙ୍କ ସଭାପତିତ୍ୱରେ ସାମାଜିକକର୍ମୀ ସୁବାସ ପଣ୍ଡା, ଶିକ୍ଷାବିତ୍ ବାବୁଲାଲ ଦାସ, ନାରାୟଣ ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଡ. ଶଶିକାନ୍ତ ପଣ୍ଡା ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

# ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ


ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ବନ୍ତ,୨୧।୧(ହରି ନାରାୟଣ ମହାନ୍ତି)

ପିଲାମାନଙ୍କ ଭିତରେ ସଂସ୍କାର ଆଣିବାରେ ଶିଶୁ ମନ୍ଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ବୁଧବାର ଭଦ୍ରକ ଜିଲା ବନ୍ତ ବ୍ଲକ କପାଳୀକ୍ଷେତ୍ର ନିମାପଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଓଡ଼ିଶା ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଯୋଗଦେଇ କହିଥିଲେ। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ଗଣେଶ ପ୍ରସାଦ କରଶର୍ମା, ସ୍ୱତନ୍ତ୍ର ଅତିଥି ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକ, ମୁଖ୍ୟ ବକ୍ତା ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ରାଜ୍ୟ ଭାଜପା ପ୍ରବକ୍ତା ପତଞ୍ଜଳି କରଶର୍ମା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ବିଦ୍ୟାଳୟର ସଭାପତି ସୂର୍ଯ୍ୟମଣି ରାଉଳ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ହୃଷିକେଶ ମିଶ୍ର, ଆଇନଜୀବୀ ଜ୍ଞାନଦା ପ୍ରସାଦ କରଶର୍ମା, ସାମାଜିକକର୍ମୀ ରବିନ୍ଦ୍ରନାଥ ରାଉତ, ଭାଗିରଥି ସେଠୀ, ଅର୍ଜ୍ଜୁନ ଚରଣ ବାରିକ, ପୁରାତନ ଛାତ୍ର ସଂସଦର ସଭାପତି ରାଜେଶ ସାହୁ ଯୋଗ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ, ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ବେଦପାଠ ଓ ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମାଙ୍କ ସ୍ୱରଚିତ ପୁସ୍ତକ 'ଶିକ୍ଷାର ମହତ୍ୱ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବହୁ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ନୃତ୍ୟ ଗୁରୁ ଦୀଲିପ ସାହୁ ଓ ହଳଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାକର୍ମଚାରୀ, ପରିଚାଳନା କମିଟି ଓ ଷ୍ଟିୟରିଂ କମିଟିର ସଭ୍ୟ ଓ ପୁରାତନ ଛାତ୍ର ଏବଂ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭଣ୍ଡାରିପୋଖରୀ,୨୧।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଅଧ୍ୟାପକ ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଦାସ ଓ ସୁରଥ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଅନୁପମା ରାଉତଙ୍କ ସଂଯୋଜନାରେ ଶପଥ ପାଠ କରାଯାଇ ବିଭିନ୍ନ ପର୍ଯ୍ୟାୟ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସ୍କସ ଥ୍ରୋ, ଦଉଡି ଡିଆଁ, ଫୁଚି, ଜିଲାପି ଦୌଡ଼, ମ୍ୟୁଜିକ ଚେୟାର ଆଦି ବିଭାଗ କ୍ରୀଡ଼ାରେ ୫ଟି ବର୍ଗରେ ୩୧୨ ଜଣ ଛାତ୍ରଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ଦୀପ୍ତିରଞ୍ଜନ ଷେଣ୍ଡ, ପ୍ରଶାନ୍ତ କୁମାର କୁଣ୍ଡୁ, ରଞ୍ଜନ କୁମାର ମଲ୍ଲିକ, ବାସୁଦେବ ସୋରେନ, ଶେଖ ଆଫ୍ରୁଦ୍ଦିନ, ପ୍ରକାଶ ଚନ୍ଦ୍ର ସାହୁ, ଶରତ ଥାଟୋଇ, ରୀତାଞ୍ଜଳି ମହାନ୍ତି, ଆରୁଣି ବେହେରା, ରଶ୍ମିରେଖା ରାଉତ, ରମେଶ ରାଉତ, ଜୟଶ୍ରୀ ଦାସ, ବିଜୟ ସେଠୀ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବାସୁଦେବପୁର,୨୧।୧(କାଳିପଦ ରାୟ)

ବାସୁଦେବପୁର ବ୍ଲକ୍ ଅଧୀନ କରଞ୍ଜଆଡ଼ିଆସ୍ଥିତ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ମନୋରଞ୍ଜନ ପତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗିରଥି ପଲେଇ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡେଇ, କରଞ୍ଜଆଡ଼ିଆ ସରପଞ୍ଚ ମାର୍କଣ୍ଡ ତରାଇ, ସାମାଜିକକର୍ମୀ ରମେଶ ଚନ୍ଦ୍ର ମିଶ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଶ୍ୟାମସୁନ୍ଦର ବାରିକ, ବ୍ରଜସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଶୃଙ୍ଖଳା ରକ୍ଷା କରିବା ସହ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସଂଯମତା ରକ୍ଷା କରିବା ପାଇଁ ବିଧାୟକ ଦାସ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ପୁଷ୍ପିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଶ୍ରୀଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଛାତ୍ରୀଛାତ୍ର ଶିକ୍ଷା ଲାଭ କରି ଭଲ ମଣିଷ ହୁଅନ୍ତୁ'

ବାସୁଦେବପୁର,୨୧।୧(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ମହାବୀର ଉଚ୍ଚ ବିଦ୍ୟାଳୟ, ରହିମପୁରଠାରେ ବୁଧବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶଶାଙ୍କ ଶେଖର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ, ମୁଖ୍ୟ ବକ୍ତାଭାବେ ବାଇଚଢ଼େଇର ସମ୍ପାଦକ ବିକାଶ ଶତପଥୀ, ଅନ୍ୟତମ ଅତିଥିଭାବେ କବି ରଞ୍ଜନ ନାୟକ, ସରପଞ୍ଚ ମାର୍କଣ୍ଡ ତରାଇ, ସମିତିସଭ୍ୟା ସୁନୀତି ଦାସ, ପରିଚାଳନା କମିଟି ସଭାପତି ଭଗବାନ ସେନାପତି, ସିଆର୍‌ସିସି ଲଳିତ ମୋହନ ରାୟ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରି ଭଲ ମଣିଷ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ପୀତାମ୍ବର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିର୍ମଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିବି ହାଇସ୍କୁଲର ବାର୍ଷିକ ଉତ୍ସବ

ଧାମନଗର,୨୧।୧(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ପଳିକିରୀ ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅରୁଣ ଜେନାଙ୍କ ସଭାପତିତ୍ୱରେ ସହକାରୀ ଶିକ୍ଷକ ଅଶୋକ କୁମାର ନାୟକ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା, ମୁଖ୍ୟବକ୍ତାଭାବେ କୃଷି ବୈଜ୍ଞାନିକ ଭଦ୍ରକ ଅରୁଣ ପାତ୍ର ଯୋଗଦେଇ ଭଲ ମଣିଷ ହେବାକୁ ହେଲେ ନିଜକୁ ସମୟାନୁବର୍ତ୍ତିତା ସହ ଗୁରୁଜନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ତ୍ରିଲୋଚନ ନାୟକ, ନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ, ସେବା ନିବୃତ୍ତ ଶିକ୍ଷକ ଲକ୍ଷ୍ମୀଧର ଦାଶ, ଖବରଦାତା ସୁଧାକର ଦାଶ, ସିଆର୍‌ସିସି ସୁଜୟ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଗଦାଧର ଖୁଣ୍ଟିଆ, ସଙ୍ଗୀତ ଗୁରୁ ଅନନ୍ତ ସେଠୀ, ଅଭିଭାବକ ସୁରେନ୍ଦ୍ର ଜେନା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବନ୍ଦିତା ସାହୁ ଅତିଥିଙ୍କୁ ମଞ୍ଚ ଆବାହନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁଲୋଚନା ପାଲ, ଉର୍ମିଳା ଦାସ, ଗୁଞ୍ଜରୀ ରଣା, ମଞ୍ଜୁଲତା ସାମଲ, ପ୍ରଦୀପ ମହାପାତ୍ର, ଶିକ୍ଷା କର୍ମଚାରୀ କୋରେସା ଖାତୁନ ବିବି, ଲୋପାମୁଦ୍ରା ଦାସ, ଶୀତଲ ଶତପଥି, ଗୋବିନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ବିମଳ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# 'ସମସ୍ତଙ୍କୁ ଆପଣାର କରିବାରେ ନିପୁଣ ଥିଲେ ଯତୀନ୍ଦ୍ର'

## ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡି,୨୧।୧(ସଞ୍ଜିତ ବଳ)

ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଝାଡ଼ପଟା ଗ୍ରାମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ଯତୀନ୍ଦ୍ର ନାଥ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ ପୌରୋହିତ୍ୟ ଓ ଶିକ୍ଷକ ମନ୍ମଥ ଦାସଙ୍କ ସଞ୍ଚାଳନରେ ଏହା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପାଳିଆବିନ୍ଧା କଲେଜ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଚାନ୍ଦବାଲି କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ଭାଜପା ନେତା ସୁଧାଂଶୁ ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜେନା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ, ସମିତିସଭ୍ୟ ଚିନ୍ତାମଣି ଦାସ, ସାମାଜିକକର୍ମୀ ସୁରେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ଆଶିଷ ମଳିକ, ସୋମନାଥ ମିଶ୍ର, ସୁରେଶ ମହାପାତ୍ର, ଅଜୟ ପ୍ରଧାନ, ରଘୁନାଥ ମଳିକ ପ୍ରମୁଖ ଯୋଗ ଦେଇ ଜଣେ ଦକ୍ଷ ରାଜନୀତିଜ୍ଞ ଭାବେ ସୁପରିଚିତ ଯତୀନ୍ଦ୍ର ସମସ୍ତଙ୍କୁ ଆପଣାର କରିବାରେ ନିପୁଣ ଥିଲେ ବୋଲି କହିଥିଲେ। ସୌମ୍ୟରଞ୍ଜନ ମହାନ୍ତି କୃତଜ୍ଞତା ଜଣାଇଥିଲେ। କମଳାକାନ୍ତ ବଳ, ମାନସ ରଞ୍ଜନ ମହାନ୍ତି, ବସନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଲଭର୍ଟ ନିର୍ମାଣ ଆଳରେ ମାସେ ହେଲା ଭାରିଯାନ ଚଳାଚଳ ବନ୍ଦ

## ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଧୂଷୁରୀ, ୨୧।୧(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ଧୂଷୁରୀରୁ ନଦୀଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଠାକୁରପାଟଣା ନିକଟରେ ଜଣେ ଠିକାଦାର ରାସ୍ତା ତାଡି କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ରାସ୍ତା ପାର୍ଶ୍ୱରେ ଭାରିଯାନ ଚଳାଚଳ ବନ୍ଦ ସଂକ୍ରାନ୍ତୀୟ ସାଇନ ବୋର୍ଡ ଲଗାଇ ମାସେ ହେଲା ନିର୍ମାଣ କାର୍ଯ୍ୟ ସାରୁନାହାନ୍ତି। ଫଳରେ ପ୍ରତିଦିନ ଚଳାଚଳ କରୁଥିବା ୨ଟି ଘରୋଇ ଯାନ ସମେତ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ବସ୍ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାହାଘର ପାଇଁ ବଡଯାନରେ ଜିନିଷପତ୍ର ନେବା ଆଣିବା କରିବା ସହ ବିଭିନ୍ନ ଠାକୁର ପୂଜା ପାଇଁ ମୂର୍ତ୍ତି ଆଣିବାକୁ ଟ୍ରକ କିମ୍ବା ମିନିଟ୍ରକ ମଧ୍ୟ ଯା'ଆସ କରିପାରୁନି। ଏଥିଯୋଗୁ ବିଭିନ୍ନ ବର୍ଗର ଲୋକେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଠିକାଦାର ରାସ୍ତା ତାଡି ନାରଖାର କରିଥିବାରୁ ସେହି ବାଟ ଦେଇ ଛୋଟ ଗାଡି ଚାଳକ ମଧ୍ୟ ଗାଡି ଚଳାଇବାକୁ ଡରୁଛନ୍ତି। ଠିକାଦାରଙ୍କ ମନମାନିଆକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଯୁବ ବର୍ଗ ୧୫ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ନ ସରିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।


ରାସ୍ତା ତାଡି କଲଭର୍ଟ କାମ ଚାଲୁ ରହିଛି।

# ସମାଜରେ ବରିଷ୍ଠଙ୍କ ସ୍ଥାନ ସ୍ୱତନ୍ତ୍ର

## ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ସମାରୋହ

ଭଦ୍ରକ/ଚରମ୍ପା,୨୧।୧ (ସନାତନ ରାଉତ/ ଅମରେନ୍ଦ୍ର ପଣ୍ଡା)

ସମାଜରେ ବରିଷ୍ଠଙ୍କ ସ୍ଥାନ ସ୍ୱତନ୍ତ୍ର। ପରିବାର ସଦସ୍ୟମାନେ ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇଥିବା ପିଲାମାନେ ମାତାପିତାଙ୍କର ସେବା ପ୍ରଥମ କର୍ତ୍ତବ୍ୟ ବୋଲି ବରିଷ୍ଠ ନାଗରିକ ମହାସଂଘର ୬ଷ୍ଠ ବାର୍ଷିକ ଜିଲାସ୍ତରୀୟ ବାର୍ଷିକ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ମଙ୍ଗଳବାର ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଉତ୍ସବରେ ଜିଲାର ସମସ୍ତ ୨୭ଟି ବ୍ଲକ୍‌ସ୍ତରୀୟ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ଅନ୍ୟତମ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଡା. ସୁଧୀର ରଞ୍ଜନ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଯୋଗଦେଇଥିବା ବେଳେ ସମ୍ବର୍ଦ୍ଧିତ ପ୍ରତିଭା ପୂର୍ବତନମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ ହରିହର ରାଉତରାଏ, ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହାସଂଘର ବାର୍ଷିକ ମୁଖପତ୍ର ବରିଷ୍ଠ ଉନ୍ମୋଚନ କରାଯାଇଥିଲା। ବିଭୂତି ଭୂଷଣ ସେନାପତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସାଧାରଣ ସମ୍ପାଦକ କୈଳାଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଲ ଇଣ୍ଡିଆ ମେଡିକାଲ ଆସୋସିଏଶନ ଭଦ୍ରକ ଶାଖା ପକ୍ଷରୁ ଡା. ରବୀନ୍ଦ୍ର ନାୟକ ଓ ଡା. ହରେକୃଷ୍ଣ ନାୟକ ପୂର୍ବତନ ମନ୍ତ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପଦେଷ୍ଟା ଅଜୟ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଦ୍ମନ ରାୟ, ସଚିକାନ୍ତ ପଣ୍ଡା, ଶଶିକାନ୍ତ ପାଢ଼ୀ, ପର୍ଶୁରାମ ଦ୍ୱିବେଦୀ, ଲକ୍ଷ୍ମଣ ମହାନ୍ତି, ରାଧାରାଣୀ ମହାପାତ୍ର, ସଙ୍ଗୀତା ଦେ, ଇନ୍ଦ୍ରମଣି ପଣ୍ଡା, ରାମଚନ୍ଦ୍ର କର, ଗୋଲକ ସାହୁ, କୈଳାଶ ପଣ୍ଡା, ଭକ୍ତହରି ମହାପାତ୍ର, ଅଖିଳ ମୋହନ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି ମାନପତ୍ର ପାଠ କରିଥିଲେ।


ଅତିଥିମାନେ ମୁଖପତ୍ର 'ବରିଷ୍ଠ' ଉନ୍ମୋଚନ କରୁଛନ୍ତି।

# ଭଙ୍ଗା ଦଦରା ଘରେ ଭବିଷ୍ୟତ ଗଢ଼ା

ଯୋଡ଼ା,୨୧।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଖଣି ଅଞ୍ଚଳ ଯୋଡ଼ା ସହରରେ ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଭାବେ ରହିଛି। ଖଣି ସମୃଦ୍ଧ ସହର ଯୋଡ଼ାରୁ ବାର୍ଷିକ ୧୫ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଡିଏମ୍‌ଏଫ୍ ଅର୍ଥ ଆଦାୟ ହୁଏ; ଯାହାକି ନିୟମ ଅନୁଯାୟୀ କେବଳ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯିବାର ପ୍ରାବଧାନ ରହିଛି। ମାତ୍ର ଖୋଦ୍ ଖଣି ଅଞ୍ଚଳ ଯୋଡ଼ା ପୌରପାଳିକାରେ ଏବେ ବି ଜର୍ଜରିତ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ମରାମତି କରାଯାଉନାହିଁ। ଭଙ୍ଗା ଦଦରା ଘରେ ପିଲାଙ୍କ ଭବିଷ୍ୟତ ଗଠନ କରାଯାଉଛି।

ସୂଚନା ଅନୁଯାୟୀ, ଯୋଡ଼ା ସହର ୱାର୍ଡ ନଂ. ୪ ସ୍ଥିତ ଝୁମ୍ପୁଡ଼ି ହଟିଂ ଓ ୧୧ ନଂ. ୱାର୍ଡସ୍ଥିତ ମୃତେଜାହଟିଂରେ ଥିବା ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଯେକୌଣସି ସମୟରେ ଅଘଟଣ ଘଟିଯିବା ଆଶଙ୍କା ରହିଛି। ଉଭୟ ଅଙ୍ଗନୱାଡି ଗୃହଗୁଡ଼ିକର ଛାତ ଫାଟି ଆଁ କରିଥିବା ବେଳେ ଚଟାଣ ଏବଂ କାନ୍ଥ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୪ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଶିଶୁଙ୍କୁ ଅଭିଭାବକମାନେ ଏ ନେଇ ଅଭିଯୋଗକରିବା ପରେ ଶିଶୁଙ୍କୁ ରୋଷେଇକରି କେବଳ ଖାଇବାକୁ ଦିଆଯାଇ ଘରକୁ ପଠାଇଦିଆଯାଉଛି। ଯୋଡ଼ା ପୌରପାଳିକା ୧୧ ନଂ. ୱାର୍ଡ କାଉନ୍‌ସିଲର ବରୁଣ ଆପଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ୱାର୍ଡରେ ପ୍ରାୟ ୩ଟି ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଅବସ୍ଥାରେ ରହିଛି। ଏ ନେଇ ସେ କାଉନ୍‌ସିଲ ବୈଠକରେ ଜଣାଇଛନ୍ତି। ଅଙ୍ଗନୱାଡି କର୍ମୀ, ପଟିକା ଓ ଶିଶୁମାନେ ବିପଦପୂର୍ଣ୍ଣ ଭାବେ ରହୁଥିବା ନେଇ ସେ ଜଣାଇଥିଲେ। ପୌରପାଳିକ ପକ୍ଷରୁ ଏହାକୁ ଦେଖିବା ପାଇଁ ମଧ୍ୟ ଆସିଥିଲେ ହେଁ ଆଜି ପର୍ଯ୍ୟନ୍ତ କେନ୍ଦ୍ରର ମରାମତି ହୋଇପାରିନାହିଁ। ବର୍ଷାଦିନରେ ଛାତରୁ ପାଣି ଗଳୁଥିବାରୁ ଶିଶୁମାନେ ବହୁ ଅସୁବିଧାରେ କେନ୍ଦ୍ରରେ ବସିଥାଆନ୍ତି। କେନ୍ଦ୍ରର ପାଚିକା ଉର୍ମିଳା ବାରିକ କହିଛନ୍ତି, କେନ୍ଦ୍ରଟି ବିପଦପୂର୍ଣ୍ଣ ଭାବେ ରହିଛି। ଏକଦା ଛାତ ଉପରୁ ଏକ ବଡ଼ ସିମେଣ୍ଟ ଖଣ୍ଡ ତାଙ୍କ ନିକଟରେ ପଡ଼ିଥିଲା। ଏଣୁ ସେ ଶିଶୁଙ୍କୁ ବାରଣ୍ଡାରେ ବସାଉଛନ୍ତି। ଖରାଦିନରେ ଶିଶୁ ବାରଣ୍ଡାରେ ମଧ୍ୟ ବସି ପାରିବେ ନାହିଁ ବୋଲି କହିଥିଲେ। ଯୋଡ଼ା ସହରାଞ୍ଚଳ ସିଡିପିଓ ମାନସୀ ବେହେରା କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଥିବା ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ସହରାଞ୍ଚଳରେ ଥିବା ୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଅସୁରକ୍ଷିତ ଘୋଷଣା କରିବା ପାଇଁ ସେ ଲିଖିତ ଭାବେ ଜଣାଇଛନ୍ତି। ତେବେ ଅସୁରକ୍ଷିତ ଅବସ୍ଥାରେ ଶିଶୁଙ୍କୁ ପାଠ ପଢ଼ାଯାଉ ନାହିଁ, କେବଳ ସେମାନଙ୍କୁ ଖୁଆଇ ବିଦାକରି ଦିଆଯାଉଛି। ଏ ସଂକ୍ରାନ୍ତରେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି, ଅସୁରକ୍ଷିତ ଅଙ୍ଗନୱାଡି କେନ୍ଦ୍ରର ପୁନଃ ନିର୍ମାଣ ପାଇଁ ଡିଏମ୍‌ଏଫ୍‌କୁ ପ୍ରାୟ ୯ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଅର୍ଥ ରାଶି ମଞ୍ଜୁର ହେଲେ କାର୍ଯ୍ୟ ଆରମ୍ଭ କରାଯିବ।


ଅସୁରକ୍ଷିତ ଅଙ୍ଗନୱାଡ଼ି କେନ୍ଦ୍ର।


ଗୃହର ଛାତରୁ ସିମେଣ୍ଟ ଖଣ୍ଡ ଖସିଛି।

**ଖଣି ଅଞ୍ଚଳରେ ଅସୁରକ୍ଷିତ ଅଙ୍ଗନୱାଡି କେନ୍ଦ୍ର**

**ରିପୋର୍ଟ ଦିଆଯାଇଛି, ନିର୍ମାଣ ହୋଇନି**

# ମଣ୍ଡି ପରିଦର୍ଶନକଲେ ଭାଜପା ନେତା

କେନ୍ଦୁଝର,୨୧।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ହରିଚନ୍ଦନପୁର ଧାନମଣ୍ଡୀ, ବଡ଼ପଳାସପାଳ ଧାନମଣ୍ଡୀ ଓ ବକ୍ସିବାରିଗାଁ ଧାନମଣ୍ଡୀକୁ ବୁଧବାର ଭାଜପା କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଚାଷୀଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଧାନମଣ୍ଡୀରେ ଚାଷୀଙ୍କ ପାଇଁ ବିଶ୍ରାମ ଘର, ପାଣିର ବ୍ୟବସ୍ଥା, ପାଇଖାନା ବ୍ୟବସ୍ଥା ବୁଲି ଦେଖିଥିଲେ। ଧାନ କୁଇଣ୍ଟାଲ ପ୍ରତି ୪ କିଲୋ କଟ୍‌ନୀଛଟ୍‌ନୀ କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସରକାରୀ ଅଧିକାରୀ କିମ୍ବା ମିଲରମାନେ କଟନୀଛଟନୀ କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କବାଣୀ ଶୁଣାଇଛନ୍ତି। ଧାନମଣ୍ଡି ପରିଦର୍ଶନ ସମୟରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁଧାକର ସାହୁ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିଶିର ସାହୁ, ସଞ୍ଜୀବ ସାହୁ, ଜୟକୃଷ୍ଣ ମହାନ୍ତ, ଅଭିମନ୍ୟୁ ସାହୁ, ପ୍ରାଣବନ୍ଧୁ ସାହୁ, ଚତୁର୍ଭୁଜ ସାହୁ, ସତ୍ୟାନନ୍ଦ ସାହୁ, ରମେଶ ଚନ୍ଦ୍ର ସାହୁ, ଗୋଲକ ବିହାରୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ବଞ୍ଚୋ,(ପ୍ରଦୋଷ କୁମାର ବିଶ୍ୱାଳ):** ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର, ବାଉଁଶଗଡ଼ ଓ କଣ୍ଟିପାଳ ପ୍ରଭୃତି ଧାନମଣ୍ଡୀକୁ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। ଏହି ସମୟରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ବର୍ଷ ଖରିଫ ଧାନ କିଣା କାରବାରକୁ ଶୃଙ୍ଖଳିତ ଓ ସ୍ୱଚ୍ଛତାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀମାନେ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କର ଆକାଉଣ୍ଟକୁ ଟଙ୍କା ଆସିବ। ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି। ଏହି ସମୟରେ ସର୍ବଶ୍ରୀ ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ବାଇଧର ସାହୁ, ରାହାସ ବିହାରୀ ସାହୁ, ସନ୍ୟାସୀ ପାତ୍ର, ବସନ୍ତ ସାହୁ, କେଦାର ସାମଲ, ମନୋରଞ୍ଜନ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ୩ ମାସର ଭତ୍ତା ପାଇନାହାନ୍ତି ୨୦ ବୃଦ୍ଧାବୃଦ୍ଧ

ଆନନ୍ଦପୁର/ବଞ୍ଚୋ,୨୧।୧(ସୁଶାନ୍ତ କୁମାର ସାହୁ /ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କୋଳିମାଟି ପଞ୍ଚାୟତରେ ବାର୍ଦ୍ଧକ୍ୟ ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ଭତ୍ତା ଯୋଜନାରେ ଅବ୍ୟବସ୍ଥା ଦେଖାଦେଇଛି। ପଞ୍ଚାୟତର ପ୍ରାୟ ୨୦ ଜଣ ଗରିବ ବୃଦ୍ଧାବୃଦ୍ଧ ଗତ ୩ ମାସ ହେଲା ଭତ୍ତା ପାଇନାହାନ୍ତି। ଏ ନେଇ ହିତାଧିକାରୀ ଏକତ୍ରିତ ହୋଇ ଆନନ୍ଦପୁର ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେମାନେ ଶୀଘ୍ର ଭତ୍ତା ପ୍ରଦାନ ସହିତ ଦାୟୀ କର୍ମଚାରୀଙ୍କ ଅବହେଳା ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆନନ୍ଦପୁର ବିଡିଓ ମନୋଜ ମହାନ୍ତ କହିଛନ୍ତି, ସମସ୍ୟା ସମ୍ପର୍କରେ ସମୀକ୍ଷା କରାଯାଉଛି। ସପ୍ତାହ ମଧ୍ୟରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ।

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ବୁଲାଗୋରୁଙ୍କ ଆଶ୍ରୟସ୍ଥଳ


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୋରୁପଲ।

କେନ୍ଦୁଝର,୨୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଗୋରୁ, ବୁଲା କୁକୁରଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏହାର ପରିସରରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଗୋରୁ, କୁକୁର, ଛେଳିଙ୍କ ଅବାଧ ଚଳପ୍ରଚଳ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରାତିରେ ବୁଲା ଗୋରୁ ଆଶ୍ରୟ ନେଉଥିବାରୁ ଚାରିଆଡ଼େ ଗୋବର ପଡ଼ି ଗୁହାଳ ସଦୃଶ ପରିବେଶ ସୃଷ୍ଟି ହେଉଛି। ସମ୍ମୁଖ ଭାଗ ପାଚେରି ଦୀର୍ଘ ପ୍ରାୟ ୧ ମାସ ହେଲା ଭଙ୍ଗାଯାଇଥିଲେ ହେଁ ନିର୍ମାଣ ହେଉ ନ ଥିବାରୁ ଉନ୍ମୁକ୍ତ ପଡ଼ିଛି। ଫଳରେ ରାତିରେ ଗୋରୁ, କୁକୁର ସାଙ୍ଗକୁ ଅସାମାଜିକ ଲୋକ ପ୍ରବେଶ କରୁଛନ୍ତି। ରାତିରେ ସୁରକ୍ଷିତ ଭାବରେ ନିଶା ସେବନକରି ବୋତଲ ଓ ଅନ୍ୟ ବର୍ଜବସ୍ତୁ ଛାଡ଼ି ପଳାଉଥିବା ଦେଖିବାକୁ ମିଳିଛି। ସେହିପରି ତଦାରଖ ଅଭାବରୁ ପରିସରରେ ଅନେକ ଲୋକ ଗାଡି ପାର୍କିଂକରି ମାର୍କେଟ ଯାଉଥିବା ଦେଖାଯାଇଛି।

ପ୍ରକାଶ ଯେ, ଶହେ ବର୍ଷ ପୁରୁଣା ଏହି ଐତିହ୍ୟସମ୍ପନ୍ନ ଜିଲାପାଳଙ୍କ କାର୍ଯ୍ୟାଳୟ କୋଠାଟି ରାଜ୍ୟରେ ନିଆରା। ଏଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ବୋଧହୁଏ ରାଜ୍ୟରେ ନାହିଁ। ରାଜରାଜୁଡ଼ା ତଥା ବ୍ରିଟିଶ ଅମଳରୁ ଏହି କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇଥିଲା। ବିନା ସିମେଣ୍ଟରେ ନିର୍ମାଣ ହୋଇଥିବାରୁ କୋଠାର ରକ୍ଷଣାବେକ୍ଷଣ ଓ ମରାମତି ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାନରେ ହେବା କଥା। ମାତ୍ର ପୂର୍ତ୍ତ ବିଭାଗର ଅନଭିଜ୍ଞ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଓ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା ମରାମତି କରାଯାଉଥିବାରୁ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିନା ଅନୁମତିରେ ଏହାର ଗଠନକୁ ପରିବର୍ତ୍ତନ କରାଯାଇଛି। ମନଇଚ୍ଛା ଘର ନିର୍ମାଣ ଯୋଗୁ ଏହାର ସୌନ୍ଦର୍ଯ୍ୟହାନି ଘଟିବାକୁ ଲାଗିଛି। ଏକଦା ଏହି କୋଠାର ଶୀତଳ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ଏବେ ବହୁ ସଂଖ୍ୟାରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଯିବା ଫଳରେ ଏହାର ପୁରୁଣା ଐତିହ୍ୟହାନି ଘଟିବାରେ ଲାଗିଛି। ଏହାର ଚାରିପାଖରେ ବିନା ପରାମର୍ଶରେ ଏକାଧିକ କୋଠା ନିର୍ମାଣ ହୋଇଥିବାରୁ ପରିବେଶ ଉତ୍ତପ୍ତ ହୋଇ ପଡୁଛି ବୋଲି ବରିଷ୍ଠ ସାହିତ୍ୟିକ କରୁଣାକର ବାରିକ କହିଛନ୍ତି। ଏହାର ପରିସରର ସୁରକ୍ଷା ବ୍ୟବସ୍ଥା କରିବା ସହ ବଗିଚାକରି ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ବୟୋଜ୍ୟେଷ୍ଠ ନାଗରିକ ନବକିଶୋର ସାହୁଙ୍କ ସମେତ ସ୍ଥାନୀୟ ଲୋକେ କହିଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଛେନାପଦି/ବଞ୍ଚୋ,୨୧।୧(ନିରାକାର ପରିଡ଼ା/ ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆନନ୍ଦପୁର ବ୍ଲକ୍ ଛକ ପାର୍ଶ୍ୱ ଷ୍ଟାଡ଼ିୟମ ପରିସରରେ ୩ଦିନିଆ ‘ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ହାଟଡିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଘସିପୁରା ଜିଲା ପରିଷଦ (ଜୋନ ନଂ ୧୨) ସଭ୍ୟ ସଂଜୀବ ମଲ୍ଲିକ, ଜୋନ୍ ନଂ ୨ ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକସ୍ତରରେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା ଏବଂ ଉତ୍ତରାଞ୍ଚଳ ସମ୍ବଲପୁରର କୃଷି ଅଧିକ୍ଷଣ ଯନ୍ତ୍ରୀ ଇଂ. ନରେନ୍ଦ୍ର ପଣ୍ଡା ଯୋଗଦେଇ ସରକାରୀ ଯୋଜନା, ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ଉନ୍ନତ କୃଷି ଯନ୍ତ୍ରପାତି ଯଥା ଡ୍ରୋନ୍, ଟ୍ରାକ୍ଟର, ହାରଭେଷ୍ଟର ଏବଂ ସିଞ୍ଚନ ଯନ୍ତ୍ରର ପ୍ରଦର୍ଶନୀ, ରିହାତି ଦରରେ ବିକ୍ରୟ ପାଇଁ ଉପଲବ୍ଧ କରାଯାଇଛି। କୃଷି ଜିଲା ଅଧିକାରୀ ନୀଳମାଧବ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନନ୍ଦପୁର ଗୋଷ୍ଠୀ କୃଷି ଅଧିକାରୀ ଜୟନ୍ତ ଦାଶ, ଘସିପୁରା କୃଷି ଅଧିକାରୀ ଶୁଭଶ୍ରୀ ନାୟକ, ହାଟଡିହୀ ଅଧିକରୀ ଭମାଞ୍ଜରୀ ମହାନ୍ତ, ପରିଚାଳକ ହରିଓଁ ପାଣିଗ୍ରାହୀ ଏବଂ ବରିଷ୍ଠ ସହକାରୀ କୃଷି ଅଧିକାରୀ ଅମୀୟ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିଜିଟାଲ ଫସଲ ସର୍ବେକ୍ଷଣ ଓ କୃଷକ ପଞ୍ଜିକରଣ କାର୍ଯ୍ୟରେ ସଫଳ ହୋଇଥିବା ଚାଷୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଞ୍ଚଳର ସମସ୍ତ ଚାଷୀ ଭଉଣୀ, ଭାଇ ମେଳାରେ ଯୋଗଦେଇ କୃଷି ଯନ୍ତ୍ରପାତି ଓ ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇବାକୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଷ୍ଟଲ ଖୋଲାଯାଇ ତାଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରୁଛନ୍ତି।



କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି।

# ରୂପାକୁଣ୍ଡରେ ପାନୀୟଜଳ ସମସ୍ୟା

**ଉପଜିଲାପାଳଙ୍କୁ ଫେରାଦ**

ଚମ୍ପୁଆ,୨୧।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଉଚବାଲି ପଞ୍ଚାୟତର ପିକନିକ୍‌ସ୍ଥଳ ତଥା ପର୍ଯ୍ୟଟନ ମାନ୍ୟତା ପାଇ ନ ଥିବା ଦେବସ୍ଥାନ ଭାବେ ପରିଚିତ ରୂପାକୁଣ୍ଡରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଏ ନେଇ ମନ୍ଦିର କମିଟି ପକ୍ଷରୁ ଉପ ଜିଲାପାଳଙ୍କୁ ଫେରାଦ ହୋଇ ଜଳସମସ୍ୟା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପୁନତୟା ବୈତରଣୀ ନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ରୂପାକୁଣ୍ଡ ଅବସ୍ଥିତ। ଏହି କୁଣ୍ଡ ଓ ଦେବସ୍ଥାନର ସମ୍ପର୍କ ଖ୍ରିଟିଂ ସହ ରହିଥିବା ସ୍ଥାନୀୟ ଲୋକ ମତ ରହିଛି। ବର୍ଷ ସାରା ଏଠାରେ ବଣଭୋଜି ତଥା ମକର ସମୟରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥାଏ। ଏଠାରେ ରୂପେଶ୍ୱର ମହାଦେବ ମନ୍ଦିର ନିୟମିତ ପୂଜା ହୋଇ ଆସୁଥିବା ବେଳେ ସ୍ଥାନୀୟ ଲୋକ ତଥା ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ମାତ୍ର ଏଠାରେ ପାନୀୟଜଳର ସୁବ୍ୟବସ୍ଥା ନ ଥିବା ବେଳେ ବୈତରଣୀ ନଦୀ ତଟ ଦିନକୁ ଦିନ ନଦୀରେ ଲିନ ହେବାକୁ ବସିଲାଣି। ଫଳରେ ମନ୍ଦିରର ଭବିଷ୍ୟତକୁ ନେଇ ସ୍ଥାନୀୟ ଲୋକ ଚିନ୍ତା ପ୍ରକଟ କରିଛନ୍ତି। ଏହାର ସମାଧାନ ସମେତ ପାନୀୟଜଳର ସୁବ୍ୟବସ୍ଥା ନିମନ୍ତେ କମିଟି ସଭାପତି ଉମ୍ବରୁଧର ନାଏକ, ସମ୍ପାଦକ ଭଳାନାଥ ନାଏକ ଓ ସଦସ୍ୟ ହେମନ୍ତ ନାଏକ, ବୈଶାଖୁ ନାଏକ ପ୍ରମୁଖ ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଚମ୍ପୁଆ ବିଡିଓଙ୍କୁ ଅବଗତ କରାଯିବା ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।


ଉପଜିଲାପାଳଙ୍କୁ ମନ୍ଦିର କମିଟି ସଦସ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

# ପାଗଳା କୁକୁର କାମୁଡ଼ାରେ ୧୩ ଗୁରୁତର

ପାଟଣା,୨୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପାଗଳା କୁକୁର ଆକ୍ରମଣରେ ୧୩ ଗୁରୁତର ହୋଇଛନ୍ତି। ସମସ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। କୁକୁର ଆକ୍ରମଣ ଗୁରୁତର ବ୍ୟକ୍ତି ହେଲେ ପାଟଣା ଥାନା ବେଗନା ଗ୍ରାମର ସିଲୁ ନାଏକ(୩୦), କ୍ରିସ ନାଏକ(୫), ଦିବ୍ୟ ସେଠୀ(୨୦), ଜିଆଣି ସାହିର ଦୈତାରୀ ମହାନ୍ତ (୪୦), ବେଗେନାର ବନିତା ସେଠୀ(୨୫), ସାଇ ଶ୍ରଦ୍ଧା ସେଠୀ(୩), ଭରତ ସେଠୀ(୨୫), ବଲାଣିପୋଷିର କଲେଜ ଛାତ୍ରୀ ବର୍ଷାରାଣୀ ମହାନ୍ତ(୨୦), ଅସନ ପାଟର ନିରଞ୍ଜନ ଗିରୀ (୨୧), ପାଟଣାର ଅଜିତ ମୁଣ୍ଡା(୧) ଭାଲିଆ ଡାଳର ସକୁନ୍ତଳା ମହାନ୍ତ(୨୭), ନୂଆପଡ଼ାର ପପୁନ ନାଏକ (୭), ମଲ୍ଲିପୋଷିର ହିମାଂଶୁ ଶେଖର ବିଶ୍ୱାସ (୬୦) ବୋଲି ଜଣାପଡ଼ିଛି। ପାଗଳ କୁକୁରକୁ କାବୁ କରିବା ପାଇଁ ସ୍ଥାନୀୟ ପ୍ରଶାସନ କିମ୍ବା ପାଟଣା ପଶୁ ଡାକ୍ତଖାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଡା ଅଭିଷେକ ସାହୁ ଓ ଡା. ରାଧାମୋହନ ସମସ୍ତଙ୍କୁ ଚିକିତ୍ସା କରି ଘରକୁ ପଠାଇଥିବା ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଉଳା,୨୧।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଯଜ୍ଞ କମିଟିର କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ରାଉତଙ୍କ (୭୨) ପରଲୋକ ହୋଇଯାଇଛି। ସେ ଜଣେ ଅନୁଷ୍ଠାନ ପ୍ରେମୀ, ମେଳାପି, ଦୂରଦୃଷ୍ଟି ସମ୍ପର୍ଣ୍ଣ ବ୍ୟକ୍ତି ଥିଲେ। ମୃତ୍ୟୁ ଖବର ପାଇ ଭାଜପାର ବରିଷ୍ଠ ନେତା ଆଲୋକ ସେଠୀ, ଯୁଧିଷ୍ଠିର ମଲ୍ଲିକ, ବୈଲୋଚନ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ନିଜ ବାଡ଼ିରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ସୁତାର କାନ୍ତି ମୁଖାଗ୍ନି ଦେଇଥିଲେ।

# ୩ ଦିନ ବିତିଲା, ଅପରାଧୀଙ୍କ ସୁରାକ୍ ମିଳୁନି

- ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା
- ୫୧ ପ୍ୟାକେଟ୍ ସ୍ୱର୍ଣ୍ଣ ଅଳଙ୍କାର ଛାଡ଼ିଦେଲେ

ବଡ଼ବିଲ,୨୧।୧ (ଜୟନ୍ତୀ ରଣା)




କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବଡ଼ବିଲ ଶାଖା ଷ୍ଟ୍ରଙ୍ଗ୍ ରୁମ୍‌ରୁ ଗତ ସୋମବାର ଦ୍ୱିପ୍ରହରରେ ୬ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନ୍‌ରେ ସ୍ୱର୍ଣ୍ଣ ଅଳଙ୍କାର, ନଗଦ ଟଙ୍କା ଲୁଟି ନେଇଛନ୍ତି। ଘଟଣାର ତୃତୀୟ ଦିନରେ ବି ଅପରାଧୀଙ୍କ କୌଣସି ସୁରାକ୍ ମିଳିପାରିନାହିଁ। ପୋଲିସର ହାତ ଖାଲି ପଡ଼ିଥିବାବେଳେ ଅପରାଧୀମାନେ ଝାଡ଼ଖଣ୍ଡ ଆଡ଼କୁ ପଳାୟନ କରିଥିବା ନେଇ ପୋଲିସ ଆଶଙ୍କା କରିଛି।

ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଅପରାହ୍ନ ପ୍ରାୟ ୨ ଟା ୫ ମିନିଟ୍‌ରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। କର୍ମଚାରୀ, ଗ୍ରାହକଙ୍କୁ ବନ୍ଧୁକ ମୁନରେ ଭୟଭୀତକରି ବ୍ୟାଙ୍କ ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଏବଂ ୧୫୫ଟି ପ୍ୟାକେଟରେ ଥିବା ମୋଟ ୬ କିଲୋଗ୍ରାମ ୪ ଶହ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ନେଇ ୧୦ ମିନିଟ୍ ମଧ୍ୟରେ ଅର୍ଥାତ୍ ୨ଟା ୧୫ରେ ଫେରାର ହୋଇଯାଇଥିଲେ। ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମାତ୍ର ବୁଧବାର ପର୍ଯ୍ୟନ୍ତ ଖାନ୍‌ତଲାସୀ ଜାରି ରଖିଥିଲେ ହେଁ ଦୁର୍ବୃତ୍ତଙ୍କ ଟେର ପାଇବାରେ ବିଫଳ ହୋଇଛି। ଦୁର୍ବୃତ୍ତ ଖୁବ୍ କମ୍ ସମୟ ମଧ୍ୟରେ ଲୁଟ୍‌କରି ପଳାୟନ କରିବାକୁ ଯୋଜନା କରିଥିବାରୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଥିବା ଆହୁରି ୫୧ଟି ପ୍ୟାକେଟ୍‌ରେ ଭର୍ତ୍ତି (ଲୋକେ ବନ୍ଧା ରଖିଥିବା) ସ୍ୱର୍ଣ୍ଣ ଅଳଙ୍କାର ବର୍ତ୍ତିଯାଇଛି। ଘଟଣା ପରେ ବିଭିନ୍ନ ସୋସିଆଲ ମିଡିଆରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଯାଉଥିବା ଫଟୋ ଭାଇରାଲ ହୋଇଥିଲେ ହେଁ ଏହାର ସତ୍ତାକୁ ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ବ୍ୟାଙ୍କ କର୍ମଚାରୀ ଦ୍ୱୟଙ୍କ ସହ ୪ ଗ୍ରାହକଙ୍କୁ ପଚରାଉଚରା ହୋଇଛି। କାହାରିକୁ ଏ ପର୍ଯ୍ୟନ୍ତ ଅଟକ ରଖାଯାଇନାହିଁ କି ଅପରାଧୀଙ୍କ କୌଣସି ସୁରାକ୍ ମିଳିନାହିଁ। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି।

# ଆବର୍ଜନାରେ ଭର୍ତ୍ତି ଷ୍ଟାଡିୟମ

କେନ୍ଦୁଝର,୨୧।୧(ଦୀପକ ମିଶ୍ର)

କେନ୍ଦୁଝର ଖେଳ ଷ୍ଟାଡିୟମ ଆବର୍ଜନାରେ ଭର୍ତ୍ତି ହୋଇଛି। ଗୋନାସିକା ମହୋତ୍ସବ ଏବଂ ପରେ ଜଙ୍ଗଲ ବିଭାଗ ପକ୍ଷରୁ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେବା ପରେ ପଡ଼ିଆ ସଫା କରାଯାଇନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରୁଛି। କେନ୍ଦୁଝର ସହର ମଧ୍ୟସ୍ଥଳରେ ଥିବା ଷ୍ଟାଡିୟମରେ ବର୍ଷ ତମାମ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥାଏ। ପ୍ରତିଦିନ ଅନେକ ଶହ ବ୍ୟକ୍ତି ବ୍ୟାୟାମ କରିବାକୁ ଆସନ୍ତି। ଏପରିକି ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ମଧ୍ୟ ଏହିଠାରେ ପାଳନ କରାଯାଏ । ମାତ୍ର ୨ଟି ମେଳା ପରେ ପଡ଼ିଆକୁ ସଫା କରିବାକୁ ପ୍ରଶାସନ ଭୁଲିଯାଇଛି। ଇତିମଧ୍ୟରେ ମେଳା ସରିବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ କିମ୍ବା ମ୍ୟୁନିସିପାଲିଟିର ଦୃଷ୍ଟି ପଡୁନାହିଁ। ସବୁଠାରୁ ବଡ଼କଥା ହେଲା ପଡ଼ିଆ ସାରା କଣ୍ଟା ବିଛାଇ ହୋଇପଡ଼ିଛି। ଠିକ୍ ଭାବେ ସଫା ନ କଲେ ପଡ଼ିଆକୁ ବ୍ୟାୟାମ କରିବାକୁ ଆସୁଥିବା ଜନସାଧାରଣ ଓ ଖେଳାଳିଙ୍କ ଗୋଡ଼ରେ ଫୁଟିଯିବା ଆଶଙ୍କା ରହିଛି। ଆଉ କିଛିଦିନ ପରେ ସାଧାରଣତନ୍ତ୍ର ଦିବସ ଉକ୍ତ ପଡ଼ିଆରେ ପାଳନ ହେବ । ତେଣୁ ପ୍ରଶାସନ ତୁରନ୍ତ ପଡ଼ିଆରୁ ଲୁହାକଣ୍ଟା ଓ ଅନ୍ୟାନ୍ୟ ଆବର୍ଜନା ସଫା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି, ପଡ଼ିଆରୁ ଟେଣ୍ଟ ଲଗାଇଥିବା ସଂସ୍ଥା ଟେଣ୍ଟ ବର୍ତ୍ତମାନ ସୁଦ୍ଧା ଉଠାଇନାହିଁ। ଉଠାଇଲା ପରେ ପଡ଼ିଆକୁ ସଫା କରାଯିବ। ତେବେ କଣ୍ଟା ସବୁ କିପରି ଉଠାଯିବ ତାହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଥିଲେ।


ପଡ଼ିଆରେ ପଡ଼ିଥିବା ଅଇଁଠା ଖଲିପତ୍ର।

# ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ଟାଟା ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ଟାଟା ମୋଟର୍ସର ସମ୍ବଲପୁରର ପଡ଼ିଆପଲୀର ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ବୁଧବାର ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ ପୂର୍ବତନ ବିଧାୟକ ନାଉରି ନାୟକ, ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ, କଣ୍ଠଶିଳ୍ପୀ ସ୍ୱାଗତିକା ତ୍ରିପାଠୀ,ଲଙ୍କେଶ୍ୱରୀ ମୋଟର୍ସର ଡାଇରେକ୍ଟର ସରୋଜ କୁମାର ସାହୁ, ଭାଇସ୍ ପ୍ରେସିଡେଣ୍ଟ ଅଜୟ ପ୍ରସାଦ, ଜେନେରାଲ ମ୍ୟାନେଜର ରାଜ ସୁରୀ, ସେଲ୍‌ସ ମ୍ୟାନେଜର ଉପେନ୍ଦ୍ର ପୋଦ୍ଧା, ସର୍ଭିସ୍ ମ୍ୟାନେଜର ଆଶିଷ କୁମାର ଓ ସୋନାଲି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ଟାଟା ସିଏରା ଗାଡିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚର ମଧ ଅନାବରଣ କରାଯାଇଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ରହିଛି।

## ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସାଧାରଣ ବୈଠକ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜୀବ ଶେଖର ସାହୁ ପୁଣି ଥରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଏବଂ ନୀଲଞ୍ଜନା ମୁଖାର୍ଜୀ ଉପାଧ୍ୟକ୍ଷା ହୋଇଛନ୍ତି। ଓଡ଼ିଶାରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ବିଭିନ୍ନ ରାଜ୍ୟ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟକୁ ସୁଗମ କରିବା, ଶିଳ୍ପ–ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ପ୍ରଭାବଶାଳୀ ନୀତି ରଣନୀତି ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ. ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ. ପି. ପାଲ ଉପସ୍ଥିତ ଥିଲେ।

## ଅନୁ ଗର୍ଗଙ୍କୁ ଭେଟିଲେ ପରମେଶ୍ୱର ଫୁଙ୍କୱାଲ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶର ପ୍ରଗତି ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଗଠନମୂଳକ ଏବଂ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକରେ ମହାପ୍ରବନ୍ଧକ ବଡ଼ ଧରଣର ରେଳ କାର୍ଯ୍ୟ ସମ୍ପାଦନ ସମୟରେ ସାଧାରଣତଃ ଉପୁଜୁଥିବା ସମସ୍ୟାଗୁଡ଼ିକର ଏକ ସମୀକ୍ଷା ଅଂଶୀଦାର କରିଥିଲେ ଏବଂ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଭୂମି ଅଧିଗ୍ରହଣ, ଜଙ୍ଗଲ ଅଧିକାର, ଜବରଦଖଲ ଉଚ୍ଛେଦ, ଉପଯୋଗିତା ସ୍ଥାନାନ୍ତର ଏବଂ ଦୀର୍ଘଦିନ ଧରି ପଡ଼ି ରହିଥିବା ଆଇନଗତ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସମ୍ବନ୍ଧୀୟ ପ୍ରସଙ୍ଗ ଅନ୍ତର୍ଭୁକ୍ତ। ସେ ରୋଡ୍ ଓଭରବ୍ରିଜ୍ ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ଭଳି କାର୍ଯ୍ୟର ସୁଗମ ସମ୍ପାଦନ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ଉଲ୍ଲେଖ କରିଥିଲେ, ସମୟାନୁବର୍ତ୍ତୀ ନୀତିସ୍ତରୀୟ ନିଷ୍ପତ୍ତି ଏବଂ ଆବଶ୍ୟକ ପରିଚାଳନାଗତ ନିର୍ଦ୍ଦେଶନାମା ଜାରିକରିବା ପାଇଁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ପୃକ୍ତ ବିଭାଗ ଏବଂ ଜିଲା ପ୍ରଶାସନ ସହିତ ପରାମର୍ଶ କରି ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ଅନୁଧ୍ୟାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ସିଏମ୍‌ପିଡିଆଇ,ଏଚ୍‌ଏଲ୍‌ଏଲ୍ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ) ଏବଂ କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀ ମଧ୍ୟରେ ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ସିଏସ୍‌ଆର୍ ପ୍ରକଳ୍ପ ଅନିଭୃତ କାର୍ଯ୍ୟକାରୀ କରିବା ପାଇଁ ବୁଧବାର ରାଞ୍ଚିସ୍ଥିତ ସିଏମ୍‌ପିଡିଆଇ ମୁଖ୍ୟାଳୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାମଗଡ଼ ଜିଲାର ୮୫ଟି ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ କିଶୋରୀ ଛାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ମାସିକ ଋତୁଚକ୍ର ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛତା ସୁବିଧାର ଉପଲବ୍ଧତା ନିଶ୍ଚିତ କରିବା ଏବଂ ନିରାପଦ ନିଷ୍କାସନକୁ ଉତ୍ସାହିତ କରିବା। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଏଚ୍‌ଆର୍‌ଡି/ସିଏସଆର୍) ଡ. ଶିଶିର ଦତ୍ତ ଏବଂ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀର ଉପ–ଉପାଧ୍ୟକ୍ଷ ଶାମନାଦ ଶମସୁଦ୍ଦୀନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଅନିଭୃତ ପ୍ରକଳ୍ପ ଅଧୀନରେ ସିଏମ୍‌ପିଡିଆଇ ନିର୍ଦ୍ଧାରିତ ବିଦ୍ୟାଳୟଗୁଡ଼ିକରେ ସାନିଟାରି ନାପ୍‌କିନ ଭେଣ୍ଡିଂ ମେଶିନ ଏବଂ ଇନ୍‌ସିନରେଟର୍ ସ୍ଥାପନ କରିବ। ପ୍ରାୟ ୨୧,୪୭୮ ଜଣ ଛାତ୍ରୀଙ୍କୁ ୧,୭୧,୮୨୪ ପ୍ୟାକ ସାନିଟାରି ନାପ୍‌କିନ ବଣ୍ଟନ କରିବ ଏବଂ ମାସିକ ଧର୍ମ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ଅଧିବେଶନ ଆୟୋଜନ କରିବ।

## ଆଇଓବିକୁ ନରାକାସ୍ ପକ୍ଷରୁ ପ୍ରଥମ ପୁରସ୍କାର



ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସଂସ୍ଥା, ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ୍) ତରଫରୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ବିଚିତ୍ର ସେନଗୁପ୍ତା, ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକଙ୍କଠାରୁ ମୁଖ୍ୟକ୍ଷେତ୍ରୀୟ ପ୍ରବନ୍ଧକ ରାହୁଲ ଦୁବେ ଏବଂ କ୍ଷେତ୍ରୀୟ ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ବିଜିୟୁରେ ନୂଆ ପାଠ୍ୟକ୍ରମ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

BGU BIRLA GLOBAL UNIVERSITY

ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ, ଏହାର 'ଏମ୍‌ବିଏ ଇନ୍‌କମ୍ୟୁନିକେଶନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ (୨୦୨୬–୨୮) ପାଇଁ ଆବେଦନ ଜାରି ରହିଛି। ଏହି କାର୍ଯ୍ୟକ୍ରମ କର୍ପୋରେଟ୍, ମିଡିଆ, କନସଲ୍ଟିଂ ଏବଂ ପବ୍ଲିକ୍ ପଲିସି କ୍ଷେତ୍ରରେ ଦକ୍ଷ କମ୍ୟୁନିକେଶନ୍ ମ୍ୟାନେଜରଙ୍କ ଉଚ୍ଚ ଚାହିଦାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ, ଅନୁଶାସନମୂଳକ ଶିକ୍ଷା, ଅନୁଭବ ଆଧାରିତ ଶିକ୍ଷଣ ଏବଂ କ୍ଷମତା–ଆଧାରିତ ଫଳାଫଳକୁ ଗୁରୁତ୍ୱ ଦେଇ, ବିଜିୟୁ ଏହାର ପ୍ରବନ୍ଧନ ଶିକ୍ଷା ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଯେଉଁଠାରେ କମ୍ୟୁନିକେଶନ ଆଧାରିତ ନେତୃତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। 'ଏମ୍‌ବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ବ୍ରାଣ୍ଡ କମ୍ୟୁନିକେଶନ୍, କର୍ପୋରେଟ୍ କମ୍ୟୁନିକେସନ୍ ପ୍ରବନ୍ଧନ, ସମସ୍ୟାପରିଚାଳନା, ମିଡିଆ ପରିଚାଳନା ଏବଂ ଡିଜିଟାଲ କମ୍ୟୁନିକେଶନ୍ ଭଳି ଦ୍ରୁତ ବଦଳୁଥିବା କ୍ଷେତ୍ରଗୁଡ଼ିକୁ ସଫଳତାର ସହିତ ସମ୍ଭାଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।

DSPL-486

ଓଡ଼ିଶା ଶାସନ
କୃଷି ଓଡ଼ିଶା

# କୃଷି ଓଡ଼ିଶା-୨୦୨୬

ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଭିମୁଖ୍ୟ

- ଲାଭଜନକ କୃଷି ପାଇଁ ସର୍ବୋତ୍ତମ ମାନର ଉତ୍ପାଦ, ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ
- ବଜାର ସହଭାଗୀ, ସେବା ପ୍ରଦାନକାରୀ ଏବଂ କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ ସମ୍ପର୍କର ଏକ ମଞ୍ଚ ସୃଷ୍ଟି କରିବା
- କୃଷି ଶିକ୍ଷା ଶିବିର ମାଧ୍ୟମରେ ଆଲୋଚନାଚକ୍ର
- ଆଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନ

୨୨ - ୨୪ ଜାନୁଆରୀ ୨୦୨୬
ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା

OIPR-

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଯାତ୍ରା ଦେଖିବାକୁ ଯାଇ ସର୍ବସ୍ୱାନ୍ତ ହୋଇଗଲେ ପରିବାର

ଖଇରା, ୨୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୁର ଗ୍ରାମରେ ଏକ ପରିବାର ମୁନୀ ପଡିଆରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇ ସର୍ବସ୍ୱାନ୍ତ ହେବା ପରେ ଚୋର ଧରିବାକୁ ଖଇରା ଥାନା ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର କମଳା ମହାନ୍ତି ନିଜ ପରିବାର ଓ ପଡୋଶୀଙ୍କ ସହ ମଙ୍ଗଳବାର ରାତିରେ ଯାତ୍ରା ଦେଖିବାକୁ ମୁନି ପଡିଆକୁ ଯାଇଥିଲେ। ରାତି ପାଖାପାଖି ୨ଟା ୩୦ରେ ଘରକୁ ଫେରି କବାଟ ଭଙ୍ଗା ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଆଲମିରା ତାଲା ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଚୋରାଇ ନେଇଥିବା ଖଇରା ଥାନାରେ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ବିନା ଅନୁମତିରେ ଚାଲିଛି ପାଥୋଲାବ୍

କେନ୍ଦୁଝର,୨୧।୧(ଦୀପକ ମିଶ୍ର)

କେନ୍ଦୁଝର ସଦର ମହକୁମା ସମେତ ସମଗ୍ର ଜିଲାରେ ବେଧଡ଼କ ଭାବେ ବେଆଇନ ଭାବେ ପାଥୋଲାବ୍ ଖୋଲୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ଅନୁମତି ନ ନେଇ ପାଥୋଲାବ୍ ଚାଲୁଛି। ଲୋକଙ୍କ ଜୀବନ ସହ ଖେଳାଯାଉଥିଲେ ହେଁ ଜିଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯାଞ୍ଚକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ୮୫ଟି ପାଥୋଲାବ୍‌କୁ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ମିଳିଛି। ସିଡିଏମ୍‌ଓଙ୍କଠାରୁ ଅନୁମତି ମିଳିବା ପରେ ଏହି ପାଥୋଲାବ୍‌ଗୁଡ଼ିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ୱୀକୃତିପତ୍ର ଦିଆଯାଇଛି। ମାତ୍ର ବିନା ଅନୁମତିରେ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ପାଥୋଲାବ୍ ଚାଲିଛି। କେବଳ କେନ୍ଦୁଝର ସହର ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଉକ୍ତ ପାଥୋଲାବ୍ ଚାଲିଛି। ଅନେକ ଘରୋଇ ପାଥୋଲାବ୍‌ରେ ଅନଭିଜ୍ଞ ଟେକ୍ନିସିଆନ ଥିବାରୁ ଠିକ୍ ପରୀକ୍ଷା ରିପୋର୍ଟ ମଧ୍ୟ ଆସୁନାହିଁ, ଯାହାକି ରୋଗୀଙ୍କ ପାଇଁ ବିପଦର କାରଣ ହେଉଛି। ପାଥୋଲାବ୍‌ର ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ରୋଗ ଚିହ୍ନଟ ହୋଇପାରୁନାହିଁ। ଫଳରେ ରୋଗୀଙ୍କ ଜ୍ୱର, ଅନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ଭଲ ହେବା ବଦଳରେ ଅଧିକ ଜଟିଳ ହେଉଛି। ସରକାରୀ ନୀତିନିୟମ ଅନୁଯାୟୀ ଯେଉଁ ଜାଗାରେ ପାଥୋଲାବ୍ ଓ ଘରୋଇ ହସ୍ପିଟାଲମାନ ଖୋଲାଯିବା କଥା ନୁହେଁ ସେସବୁ ଜାଗାରେ ଏ ପ୍ରକାର କାରବାର ଜୋର୍‌ସୋରରେ ଚାଲିଛି। କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ନିକଟରେ ବିନା ଅନୁମତିରେ ପାଥୋଲାବ୍ ଖୋଲିଥିବାରୁ ପରୀକ୍ଷା ପାଇଁ ରୋଗୀ ଘରୋଇ ପାଥୋଲାବ୍‌କୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଡାକ୍ତରମାନେ ଘରୋଇ ପାଥୋଲାବ୍‌କୁ ପରୀକ୍ଷା ପାଇଁ ରୋଗୀଙ୍କୁ ପଠାଇ କମିଶନ ପାଉଥିବା ଅଭିଯୋଗ ହେଉଛି। ନିୟମିତ ସରକାରୀ ଯାଞ୍ଚ କରାଯାଉ ନ ଥିବାରୁ ବେଆଇନ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର କହିଛନ୍ତି, ପାଥୋଲାବ୍, ଡାଇଗ୍ନୋଷ୍ଟିକ୍ କେନ୍ଦ୍ର, କ୍ଲିନିକ୍, ଘରୋଇ ହସ୍ପିଟାଲ ଅନୁମତି ନେଇ ଚଳାଉ ନ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖୁବ୍‌ଶୀଘ୍ର ଏକ ଟିମ୍ ଗଠନ କରାଯାଇ ଏହାର ଯାଞ୍ଚ କରାଯିବ। ପଞ୍ଜୀକରଣ ନ ଥିଲେ ଆଇନ ଅନୁଯାୟୀ ସିଲ୍ କରାଯିବ।

## ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

ଆଗରପଡ଼ା,୨୧।୧(ସୁଶାନ୍ତ ଦାସ)

ଭଦ୍ରକ ଜିଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବକଳେବର ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦୀର୍ଘଦିନ ଧରି ସମ୍ମୁଖ ପାର୍ଶ୍ୱରେ ଜବରଦଖଲ କରି କେତେକ ଦୋକାନୀ ବ୍ୟବସାୟ କରୁଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରଟିର ସମ୍ମୁଖ ଭାଗରେ ଜବରଦଖଲ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ମୁକ୍ତ କରିବାକୁ କିଛି ଦିନ ପୂର୍ବରୁ ତହସିଲ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ କ୍ଷୁଦ୍ର ବ୍ୟବସାୟୀମାନେ ସେଠାରୁ ନ ହଟିବାରୁ ବୁଧବାର ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତି, ଆଗରପଡ଼ା ଭାରପ୍ରାପ୍ତ ଥାନାଧିକାରିଣୀ ସୁଜାତା ଖମାରି, ରାଜସ୍ୱ ନିରୀକ୍ଷକ ସଞ୍ଜୟ ଗୁଡୁଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ଦୋକାନୀମାନେ ବ୍ୟବସାୟ କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କୁ ଉଚ୍ଛେଦ କରାଯାଇଥିବାରୁ ଥଇଥାନ କରାଇବାକୁ ସାଧାରଣରେ ଦାବି ହେଉଛି।

## ଧରିତ୍ରୀ ଏଜେଣ୍ଟ ଆରିଫ ଖାନ୍‌ଙ୍କ ପିତୃବିୟୋଗ

ସୋର, ୨୧।୧(ଜନ୍ମେଜୟ ମିଶ୍ର)

ସୋରର ଧରିତ୍ରୀ ଏଜେଣ୍ଟ ଆରଫ ଖାନ୍‌ଙ୍କ ପିତା ମହମ୍ମଦ ଜରଜିସ ଖାନ୍ (୮୫) ଙ୍କ ବୁଧବାର ସକାଳ ୮ ଟାରେ ପଠାଣମହଲା ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଜରଜିସ ଖାନ ଜଣେ ମିଷ୍ଟଭାଷୀ ନ୍ୟାୟପରାୟଣ ବ୍ୟକ୍ତି ଥିଲେ। ଗତ କିଛିଦିନ ହେଲା ଅସୁସ୍ଥ ଥିବା ବେଳେ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ମାତ୍ର ସକାଳେ ହଠାତ୍ ତାଙ୍କର ପରଲୋକ ଘଟିଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କର ୫ ପୁଅ ଏବଂ ୨ ଝିଅ ନାତୁଣୀନାତି ବନ୍ଧୁବାନ୍ଧବ ଗ୍ରାମବାସୀଙ୍କ ସହିତ ଶୋଭାଯାତ୍ରାରେ ନିକଟସ୍ଥ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବିଦ୍ୟାଳୟ ଆଗରେ ଆମରଣ ଅନଶନ



ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଉଛି।

ଜଳେଶ୍ୱର, ୨୧।୧(ନବୀନ ସାହୁ)

ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତର ଥିବା ହାତୀଗଡ଼ ଉଚ୍ଚ ବିଦ୍ୟାଳୟରେ ୩ ଦଫା ଦାବି ପୂରଣ ପାଇଁ ଅଭିଭାବକମାନେ ବୁଧବାର ଆମରଣ ଅନଶନରେ ବସିଥିଲେ। ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟ କମିଟି ଗଠନ, ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜା ପାଳନ ନେଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଏହି ଅନଶନ କରାଯାଇଥିଲା। ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଆଇଆଇସି ଅଶୋକ ବାରିକ ପ୍ରମୁଖ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ ୧୯୬୫ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୧୯୯୪ରେ ଏହା ସରକାରୀ ମାନ୍ୟତା ପାଇଥିଲା। ଚଳିତ ଶିକ୍ଷାବର୍ଷରେ ୧୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘ ୩୦ ବର୍ଷ ଧରି କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ। କେବଳ ଜଣେ ମାତ୍ର ଇଂଲିଶ ଶିକ୍ଷୟିତ୍ରୀ ଏବଂ ୩ ଜଣ ଅତିଥି ଶିକ୍ଷକଙ୍କୁ ନେଇ ଚାଲିଛି ବିଦ୍ୟାଳୟ। ତେଣୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକ ମହଲରୁ ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମାଇନରିଟି ଦର୍ଶାଯାଇ ବିଦ୍ୟାଳୟରେ ପୂଜା ଉତ୍ସବ ପାଳନ ହେଉନି। ଅଭିଭାବକ ପ୍ରଫୁଲ୍ଲ ସୁର୍, ଚିତ୍ତରଞ୍ଜନ ବିଶ୍ୱାଳ, ତରୁଣ ପଟ୍ଟନାୟକ, ସତ୍ୟନାରାୟଣ ବିଶ୍ୱାଳ, ଚନ୍ଦନ ଦାସ, ପ୍ରାକ୍ତନ ସରପଞ୍ଚ ଗଙ୍ଗାଧର ଦାସ ଓ ବସନ୍ତ ସାମଲ ପ୍ରମୁଖ ଆମରଣ ଅନଶନରେ ସାମିଲ ଥିଲେ।

## ଓଡ଼ିଶା ପୋଲିସ ଅବସରପ୍ରାପ୍ତ କର୍ମଚାରୀ ସଂଘ ଶାଖା ଉଦ୍‌ଘାଟିତ

କେନ୍ଦୁଝର,୨୧।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ପୋଲିସ ଅବସରପ୍ରାପ୍ତ କର୍ମଚାରୀ ସଂଘର କେନ୍ଦୁଝର ଶାଖା ବୁଧବାର ରିଜର୍ଭ ପୋଲିସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ରିଜର୍ଭ ପୋଲିସ ପରିସରରେ ଅନୁଷ୍ଠିତ ସମାରୋହରେ ଏସ୍‌ପି ନୀତିନ କୁଶଲକର ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥି ଭାବରେ ଅତିରିକ୍ତ ଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା, ରିଜର୍ଭ ଇନ୍ସପେକ୍ଟର ମାନସ ମହାନ୍ତିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଘର ସଭାପତି ରମେଶ ଚନ୍ଦ୍ର ଜେନା, ସମ୍ପାଦକ ମାୟାଧର ବାରିକ, ଦୁଷ୍ମନ୍ତ ବେହେରା, ଅଯୋଧ୍ୟା ମାଟିଆ, ସୁରେନ୍ଦ୍ର ସେଠୀ, ହୃଷୀକେଶ ମହାନ୍ତି, ସୁବାଷ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୧୪୦ ଜଣ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଧାମନଗର ପ୍ରେସ କ୍ଲବର ବନ୍ଧୁମିଳନ, ସାଧାରଣ ସଭା

ଧାମନଗର, ୨୧।୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ପ୍ରେସ କ୍ଲବ ପକ୍ଷରୁ ନବବର୍ଷ ଉପଲକ୍ଷେ ବନ୍ଧୁ ମିଳନ ଓ ସାଧାରଣ ସଭା ବୁଧବାର ଫଳପୁର ଗ୍ରାମ୍ୟ ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି କିଷାନ ରାଉତଙ୍କ ସଭାପତିତ୍ୱରେ ଉପଦେଷ୍ଟା ଅନୀଲ କୁମାର ବାରିକ, ବାସୁଦେବ ତ୍ରିପାଠୀ, କୈଳାଶ ଗୁପ୍ତା, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଲବ ପୂର୍ବତନ ସଭାପତି ବୈକୁଣ୍ଠନାଥ ସାହୁ ଓ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା, ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ସୁଧାକର ଦାସ, ପ୍ରଦୀପ କୁମାର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ , ଗୋଲାମ ଜିଲାନି ହବିବି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଧାମନଗର ପ୍ରେସ କ୍ଲବ ସଭାପତି ରାଉତ ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ନୂତନ ଭାବେ ନିଯୁକ୍ତି ପାଇଥିବାରୁ କ୍ଲବ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସଦସ୍ୟ ଏକତା ଓ ଗୌରବ ବଜାୟ ରଖିବା ସହ ନିରପେକ୍ଷ ଖବର ପ୍ରସାରଣ ନେଇ ଆଲୋଚନା ହୋଇଥିଲା। ଏଥିସହ ଖବରଦାତା କୃଷ୍ଣଚନ୍ଦ୍ର ଜେନାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବା ନେଇ ଗ୍ରାମ୍ୟ ଜଙ୍ଗଲ ପରିସରରେ ସଦସ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ମହାନ୍ତି, ସୁଦୀପ୍ତ ଖଟୁଆ, ସନ୍ଦୀପ ସ୍ୱାଇଁ, ସେକ ହାମିଦ, ବିଶ୍ୱଜିତ ପଲାଇ, ବାସୁଦେବ ପାତ୍ର, ଦେବାଶିଷ ରଥ, ତାପସ ରଞ୍ଜନ ସାହୁ, ଗୌରାଙ୍ଗ ଦାଶ, ଜଗନ୍ନାଥ ବେହେରା, ସରୋଜ ଖୁଣ୍ଟିଆ, ମାନଗୋବିନ୍ଦ ଜେନା, ବିଭୂତି ଭୂଷଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୂତନ କାର୍ଯ୍ୟକାରୀ ସଭାପତି ଜେନା ଧନ୍ୟବାଦ ଦେଇଥିଲେ।




ପ୍ରେସ କ୍ଲବର ବନ୍ଧୁମିଳନ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ପାଟଣା,୨୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ୍ କୃଷି ବିଭାଗ ତରଫରୁ ଏରେଣ୍ଡେଇ ଭାରତ ସଂସ୍ଥା ପରିସରରେ ଶ୍ରୀ ବଳଭଦ୍ର ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ ଓ ଏରେଣ୍ଡେଇ ଭାରତ ସଂସ୍ଥା ସାହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୩ ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗ୍ରୁପର ମହିଳା ଓ ଏପିଓ ମେମ୍ବର ଉପସ୍ଥିତ ଥିଲେ।ଆୟୋଜିତ ସଭାରେ ଭାଷ୍ୟକାର ପାର୍ଥ ସାରଥୀ ବେଜଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ଜିଲାପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ସରପଞ୍ଚ ଭାମାମଣି ଦାସ, ଜିଲା କୃଷି ଅଧିକାରୀ କବିତା ବେହେରା, ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ଯୋଗାଣ ଅଧିକାରୀ ଦିବ୍ୟରାଜ ଭୋଇ, ନବ କିଶୋର ମିଶ୍ର, ଶିବନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃଷି ଅଧିଦର୍ଶକ ଦୁର୍ଗା ଚରଣ ତ୍ରିପାଠୀ, ଅଭୟ ରାଉତ, ବଳଭଦ୍ର ଏଗ୍ରିକଲଚର ଫାର୍ମର ପ୍ରଡ୍ୟୁସ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିନକୃଷ୍ଣ ମହାନ୍ତ, ରଣଜିତ ମହାନ୍ତ, ଶ୍ରୀ ଅନ୍ନ ଅଭିଯାନର ସଂଯୋଜକ ତ୍ରିଲୋଚନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ପାଟଣା ବ୍ଲକ୍‌ରେ ମୋଟ ୧୬ଶହ କୁଇଣ୍ଟାଲ ମାଣ୍ଡିଆ ଅମଳ ହୋଇଥିବା ବେଳେ କୃଷି ବିଭାଗ ତରଫରୁ ୮ଶହ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯିବାର ଧାର୍ଯ୍ୟ ହୋଇଛି। ପ୍ରଥମ ଦିନରେ ୧୭ କୁଇଣ୍ଟାଲ ୫୦କିଗ୍ରା ମାଣ୍ଡିଆ କ୍ରୟ ହୋଇଥିବା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ କହିଛନ୍ତି।

## ଆଞ୍ଚଳିକ ପ୍ରତିଭାକୁ ପରିଚିତ କରିବା ମହୋତ୍ସବର ଲକ୍ଷ୍ୟ: ମନ୍ତ୍ରୀ




ମନ୍ତ୍ରୀ ସୁଜାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଦ୍ରକ,୨୧।୧(ସନାତନ ରାଉତ)

ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଓ ଆଞ୍ଚଳିକ ପ୍ରତିଭାଙ୍କୁ ସମାଜରେ ପରିଚିତ କରାଇବା ମହୋତ୍ସବର ଲକ୍ଷ୍ୟ। ଭଦ୍ରାୟଣୀ ମହୋତ୍ସବରେ ବୁଧବାର ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ମତ ରଖିଛନ୍ତି। ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳା, ସ୍ୱଦେଶୀ ମେଳା, ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟାରେ ମନ୍ତ୍ରୀ ଯୋଗଦେଇ ଆହୁରି କହିଛନ୍ତି, ପ୍ରତି ଜିଲାରେ ସ୍ୱଦେଶୀ ମେଳା ଆୟୋଜନ କରିବାକୁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି। ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥିଭାବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଯୋଗଦେଇ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବାର ମାଧ୍ୟମ ମହୋତ୍ସବ ବୋଲି ମତ ରଖିଥିଲେ। ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁଜାତା ମହାପାତ୍ରଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଭିନ୍ନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇ ଥିଲା।

## ବ୍ରାଉନସୁଗାର ଜବତ, ୩ ଗିରଫ

ଯୋଡ଼ା,୨୧।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କଣ୍ଡରା ଛକ ନିକଟରୁ ବୁଧବାର ପୋଲିସ ବ୍ରାଉନସୁଗାର ଜବତ କରିଛି। ୩ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଝାଡ଼ଖଣ୍ଡ ରାଜ୍ୟର ସାହିବଗଞ୍ଜ ଜିଲାର ରିତୁ ଆନ୍‌ସାରୀ, କେନ୍ଦୁଝର ଜିଲା ଗୁଆଲି ଅଞ୍ଚଳର ଦେବବ୍ରତ ବାରିକ, ଲୋଇଡ଼ାପଦା ଗ୍ରାମର ସିରପାଣି ମୁଣ୍ଡା। ସେମାନଙ୍କ ନିକଟରୁ ବୋଲେରୋ, ନଗଦ ଟଙ୍କା ଜବତ ହୋଇଛି। ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ ସାମଲଙ୍କ ସୂଚନା ଅନୁଯାୟୀ, ପାଟ୍ରୋଲିଂ ସମୟରେ ଏକ ବୋଲେରୋ (ଓଡି ୦୯ ଏଇ ୦୦୮୯)ରେ ୩ ଜଣ ଯୁବକଙ୍କୁ ବୁଲୁଥିବାର ଦେଖି ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ପ୍ରାୟ ୨ ଗ୍ରାମର ବ୍ରାଉନ୍‌ସୁଗାର ମିଳିଥିଲା। ସେମାନଙ୍କୁ ଗିରଫ କରିବା ସହ ବୋଲେରୋ, ୩ ମୋବାଇଲ, ରିତୁ ଅନ୍‌ସାରୀଙ୍କଠାରୁ ୮୨୦୦ଟଙ୍କା, ଦେବବ୍ରତ ବାରିକଙ୍କଠାରୁ ୫୫୦୦ଟଙ୍କା ଓ ସିରପାଣି ମୁଣ୍ଡାଙ୍କଠାରୁ ୪୪୦୦ ଟଙ୍କା ଜବତ କରିଛି। ଯୋଡ଼ା ଥାନାରେ ଏକ ମାମଲା(ନଂ. ୨୨/୨୦୨୬) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ କେଉଁଠାରୁ ବ୍ରାଉନସୁଗାର ଅଣାଯାଉଥିଲା, ଏଥିରେ କେଉଁମାନେ ସମ୍ପୃକ୍ତ, ଏହାକୁ ନେଇ ଅଧିକ ତଦନ୍ତ ଚାଲିଥିବା ଅଧିକାରୀ କହିଛନ୍ତି।


ସୁବର୍ଣ୍ଣ ସୁଯୋଗ
ବିଶେଷ ରିହାତି

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦%
ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।


## ସବ୍‌ପୋଷ୍ଟ ମାଷ୍ଟରଙ୍କୁ ଆକ୍ରମଣ

ବଉଳା,୨୧।୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଧନୁର୍ଜୟପୁର ସବ୍‌ପୋଷ୍ଟ ମାଷ୍ଟର ବିଶିକେସନ ନାୟକଙ୍କୁ ପୋଷ୍ଟ ଅଫିସ କାର୍ଯ୍ୟାଳୟରେ ପଶି ଆକ୍ରମଣ କରାଯାଇଛି। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିବା ଅଭିଯୋଗ ହୋଇଛି। ସବ୍‌ପୋଷ୍ଟ ମାଷ୍ଟର ବିଶିକେସନଙ୍କ ଅଭିଯୋଗ ଅନୁଯାୟୀ, ବାଙ୍ଗୋର ଗ୍ରାମର ୨ ଯୁବକ ଓ ଜଣେ ମହିଳା ଆଇପିପିର କେଓ୍ୱାଇସି କରିବାକୁ କହିଥିଲେ। କିନ୍ତୁ ଏହି ସବ୍‌ପୋଷ୍ଟ ଅଫିସରେ କେଓ୍ୱାଇସି ସୁବିଧା ନ ଥିବା ସବ୍‌ପୋଷ୍ଟ ମାଷ୍ଟର କହିଥିଲେ। ଏହାକୁ ନେଇ ୨ ଯୁବକ ଯୁକ୍ତିତର୍କ କରିବା ସହିତ ଅଫିସ କାର୍ଯ୍ୟାଳୟର କବାଟ ପେଲି ପଶି ପେଲାଠେଲା କରିବା ସହିତ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟି ଦେଇଥିଲେ। ଫଳରେ ସବ୍‌ପୋଷ୍ଟ ମାଷ୍ଟରଙ୍କ ମୁଣ୍ଡରୁ ରକ୍ତ ବାହାରିବା ଦେଖି ୨ ଯୁବକ ମହିଳାଙ୍କୁ ଧରି ପଳାଇଥିଲେ। ସୋସୋ ଥାନା ଏସ୍‌ଆଇ କହିଛନ୍ତି, ସବ୍‌ପୋଷ୍ଟ ମାଷ୍ଟର ଆହତ ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଛି । ଖୁବ୍‌ଶୀଘ୍ର ଦୁଇ ଯୁବକଙ୍କୁ ଗିରଫ କରାଯିବ।

# ବାଙ୍କଟିରା ପ୍ରକଳ୍ପ ସ୍ଥଳ ପରିଦର୍ଶନ କଲେ ଏମ୍‌ପି

ବାଲେଶ୍ୱର, ୨୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୁଧବାର ବାଙ୍କଟିରା ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ସେମାନଙ୍କର ଚିନ୍ତା, ଆଶା ଆଶଙ୍କା ଏବଂ ପରାମର୍ଶଗୁଡ଼ିକୁ ଧ୍ୟାନର ସହିତ ଶୁଣିଛନ୍ତି। ୫୦୫.୯ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ସହିତ ଏହି ପ୍ରକଳ୍ପ ଜଳସେଚନ ସୁବିଧାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ପୂର୍ଣ୍ଣ ହେବା ପରେ ପ୍ରାୟ ୭ହଜାର ହେକ୍ଟର କୃଷିଜମି ସେଚିତ ହେବ। ଯାହା ଚାଷୀମାନଙ୍କୁ ବହୁଳ ଭାବରେ ଲାଭଦାୟକ ହେବା ସହ ଅଞ୍ଚଳରେ କୃଷି ଉତ୍ପାଦନ ବୃଦ୍ଧି ହେବ।

ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାରେ ଥିବା ବାଧାବିଘ୍ନ ଏବଂ ଅସୁବିଧାଗୁଡ଼ିକୁ ବୁଝିବା ପାଇଁ ଏକ ବ୍ୟାପକ ସମୀକ୍ଷା ମଧ୍ୟ କରିଛନ୍ତି। ଯାହାଦ୍ୱାରା ସମୟୋଚିତ ସମାଧାନ ସୁନିଶ୍ଚିତ କରାଯାଇପାରିବ। ଏହି ଗସ୍ତରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ଏବଂ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କ କଲ୍ୟାଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ସୁଗମ ଭାବରେ କାର୍ଯ୍ୟକାରୀ କରିବାରେ ସାମୂହିକ ପ୍ରୟାସ ଏବଂ ସମନ୍ୱୟ ଜରୁରୀ ବୋଲି ଏମ୍‌ପି ଆଶାବ୍ୟକ୍ତ କରିଛନ୍ତି।



ପ୍ରକଳ୍ପର ନକ୍ସା ଦେଖୁଛନ୍ତି ଏମ୍‌ପି।


Directorate of Technical Education & Training, Odisha
At-Killamaidan, Po- Buxibazar, Cuttack-753001
Phone No.-0671 2301061, e-mail: dtetorissa@gmail.com

NIT No.DTET/2025-26/1223 Date:19.01.2026

NOTICE INVITING REQUEST FOR PROPOSALS (RFP)

From the OEMs/authorised Channel Partners for the following tenders.

1. Centre of Excellence in Additive Manufacturing at 3 Govt. ITIs of Odisha.
2. Centre of Excellence in Advanced CNC Machining and Manufacturing at 3 Govt. ITIs of Odisha.
3. Procurement of AI Lab equipment for 9 Govt. ITIs of Odisha.

Directorate of Technical Education and Training (DTE&T), Odisha invites both Technical & Financial proposals from the eligible OEMs/authorised channel partners for the above mentioned tenders through Odisha Government e-Procurement System (https://tendersodisha.gov.in). Please refer to the RFP documents for details.

The RFP documents shall be available from 22/01/2026 onwards in the Odisha Government e-Procurement Portal (https://tendersodisha.gov.in) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

No.KK-331

OIPR- Sd./- DTE&T, Odisha, Cuttack

# କନ୍ଧମାଳ-ରାୟଗଡ଼ା ଜିଲା ସୀମାନ୍ତରେ ମାଓବାଦୀ ପୋଷ୍ଟର

ବାଲିଗୁଡ଼ା,୨୧।୧
(ସଞ୍ଜୟ କୁମାର ପାଣିଗ୍ରାହୀ)

କିଛି ଦିନର ନୀରବତା ପରେ ପୁଣି ମାଓବାଦୀମାନେ ବ୍ୟାନର୍ ମାରି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। କନ୍ଧମାଳ-ରାୟଗଡ଼ା ଜିଲା ସୀମାନ୍ତ କୋଟଗଡ ବ୍ଲକ ନିକଟସ୍ଥ ତେଲେଙ୍ଗା ପଦର ଛକରେ ମାଓବାଦୀ ବ୍ୟାନର ଲାଗିଥିବା ବୁଧବାର ସକାଳେ ଦେଖିବାକୁ ମିଳିଛି। ବ୍ୟାନରରେ ଆନ୍ଧ୍ର ଓଡ଼ିଶା ସ୍ପେଶାଲ ଜୋନାଲ କମିଟି ବୋଲି ଉଲ୍ଲେଖ କରାଯାଇଛି। ରାୟଗଡ଼ା ଜିଲା ଅଞ୍ଚଳ ବଂଶଧାରା ଘୁମୁସର ନାଗାବଳୀ (ବାହୁନା) ଅଧୀନରେ ଆସୁଥିବା ବେଳେ ଆନ୍ଧ୍ର ଓଡ଼ିଶା ସ୍ପେଶାଲ ଜୋନାଲ କମିଟି ଉଲ୍ଲେଖ ଥିବା ବ୍ୟାନରକୁ ନେଇ ପୋଲିସ ଚିନ୍ତାରେ ପଡିଛି। ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲା ସୀମାନ୍ତ କନ୍ଧମାଳ ଜିଲାରେ ଏବେ ମାଓବାଦୀ ଦମନ କରିବାରେ ଉଲେଖନୀୟ ସଫଳତା ପାଇଥିବା ବେଳେ କେତେଜଣ ମାଓବାଦୀ ରାୟଗଡ଼ା ଜିଲାର ଚନ୍ଦ୍ରପୁର, ମୁନିଗୁଡ଼ା ଅଞ୍ଚଳରେ ନିଜର ସୁରକ୍ଷା ପାଇଁ ଘୂରି ବୁଲୁଥିବା ଜଣାପଡ଼ିଛି। ଏହି ବ୍ୟାନରରେ ଖଣି ଖାଦାନକୁ ବିରୋଧ କରି ବିଭିନ୍ନ ବିଷୟ ଉଲେଖ ଥିବା ଜଣାପଡ଼ିଛି।



ମାଓବାଦୀ ପୋଷ୍ଟର।

# ଏସ୍ୟୁ ଛାତ୍ରାବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

ସମ୍ବଲପୁର,୨୧।୧(ପ୍ରମୋଦ ବହିଦାର)

## ବୁଧବାର ଦେଇଥାଆନ୍ତେ ସେମିଷ୍ଟର ପରୀକ୍ଷା

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍ୟୁ) ବ୍ରହ୍ମପୁତ୍ର ଛାତ୍ରାବାସର ୫୨ ନମ୍ବର କୋଠରିରୁ ପୋଲିସ ମଙ୍ଗଳବାର ରାତିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଉଛନ୍ତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ସୁନ୍ଦରଗଡ଼ ଜିଲା କୁତ୍ରାର ସୁରଜ କୁଜୁର(୨୨)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୩/୨୬) ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭିମ୍ସାର ପଠାଇଥିଲା। ତାଙ୍କ ପରିବାର ଲୋକ ଆସିଲା ପରେ ବୁଧବାର ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।



ସୁରଜ କୁଜୁର

ମିଳିଥିବା ସୂଚନା ଅନୁସାରେ ସୁରଜ ଛାତ୍ରାବାସର ଉକ୍ତ କୋଠରିରେ ଏକୁଟିଆ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନିଜ କୋଠରିରୁ ସେ ଆଦୌ ବାହାରି ନ ଥିଲେ। ଏପରିକି ସେ ରାତ୍ରିଭୋଜନ ପାଇଁ ମେସ୍‌କୁ ଆସି ନ ଥିଲେ। ତାଙ୍କର କେତେଜଣ ସହପାଠୀ ଛାତ୍ରାବାସକୁ ଯାଇ ତାଙ୍କ କୋଠରି ଭିତର ପଟୁ ବନ୍ଦଥିବା ଦେଖିଥିଲେ। କବାଟ ବାଡ଼େଇଥିଲେ ହେଁ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ସହପାଠୀମାନେ କୋଠରି ସ୍କାଏଲାଇଟ ଫାଙ୍କରୁ ସୁରଜଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। କୁଳସଚିବ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଓ ଛାତ୍ରାବାସ ୱାର୍ଡେନ୍ ଛାତ୍ରାବାସରେ ପହଞ୍ଚିଥିଲେ। କୁଳପତିଙ୍କଠାରୁ ଖବରପାଇ ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବିଳମ୍ବିତ ରାତିରେ ସୁରଜ ରହୁଥିବା କୋଠରି କବାଟ ଭାଙ୍ଗି ମୃତଦେହ ଜବତ କରାଯାଇଥିଲା। ରାତିରେ ବ୍ୟବଚ୍ଛେଦ ହେଉ ନ ଥିବାରୁ ମୃତଦେହ ଭିମ୍ସାର ଶବଗୃହରେ ରଖାଯାଇଥିଲା। ସହପାଠୀଙ୍କ କହିବା ଅନୁସାରେ କିଛିଦିନ ହେଲା ସେ ଚୁପ୍‌ଚାପ୍ ରହୁଥିଲେ, କାହା ସହ ବିଶେଷ କଥାବର୍ତ୍ତା କରୁ ନ ଥିଲେ। ତାଙ୍କ ହାବଭାବରୁ ସେ କୌଣସି କଥାକୁ ନେଇ ଅବସାଦଗ୍ରସ୍ତ ଥିବା ମନେହେଉଥିଲା। ତାଙ୍କ ମୋବାଇଲ ଖରାପ ଥିଲା। ସେ ମଙ୍ଗଳବାର ଅନ୍ୟ ଜଣେ ସହପାଠୀଙ୍କ ମୋବାଇଲରେ ତାଙ୍କ ବଡ଼ ଉଭଣୀଙ୍କ ସହ କଥା ହୋଇଥିଲେ। ବୁଧବାର ତାଙ୍କର ସେମିଷ୍ଟର ପରୀକ୍ଷା ଦେବାର ଥିଲା। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

## ପ୍ରଥମ ପୃଷ୍ଠାରୁ

### ଜାନୁଆରୀରେ...

ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଉଛି। ଆମେରିକା ସହ ଭାରତର ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହୋଇ ନ ପାରିବା ବଜାର ଭାବାବେଗକୁ ଖରାପ କରୁଛି। ଏହି କାରଣରୁ ଏଫ୍‌ଆଇଆଇ ମଙ୍ଗଳବାର ୨,୯୩୮.୩୩ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏଫ୍‌ଆଇଆଇ ଗତବର୍ଷ ୧୯ ବିଲିୟନ୍ ଡଲାର ମୂଲ୍ୟର ଷ୍ଟକ୍ସ ବିକ୍ରି କରିଥିବାବେଳେ କେବଳ ଚଳିତ ମାସରେ ସେଲିଂ ପରିମାଣ ୨.୭ ବିଲିୟନ୍ ଡଲାର ରହିଥିବା ସୂଚନା ମିଳିଛି। ଏହି ପୃଷ୍ଠଭୂମିରେ ବୁଧବାର ସେନ୍‌ସେକ୍ସ ୨୭୦.୮୪ ପଏଣ୍ଟ ଖସି ୮୧,୯୦୯.୬୩ରେ ରହିଛି। ସେହିପରି ନିଫ୍ଟି୫୦ରେ ମଧ୍ୟ ୭୫ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି୫୦ ୨୫,୧୫୭.୫୦କୁ ଖସିଯାଇଛି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଯେପରି ଉଦ୍ୟମ ହେବା ଆବଶ୍ୟକ, ତାହା ହେଉନାହିଁ ବୋଲି ଶିନ୍‌ହାନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟ୍ରେଜେରି ହେଡ୍ କୁନାଲ ସୋଧାନି କହିଛନ୍ତି।

### ଗଛରେ ବାଇକ୍...

ଖବରପାଇ ପଡ଼ିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କାଳିମେଳା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ପୋଲିସ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପଡ଼ିଆ ପୋଲିସ ସୂତ୍ରରୁ ପ୍ରକାଶ।


GOVERNMENT OF ODISHA, "e"- PROCUREMENT NOTICE

**OFFICE OF THE NOTIFIED AREA COUNCIL, DASPALLA**

1st Corrigendum on Tender Call Notice No.66 Dt.08.01.2026
Bid Identification No.NAC-Daspalla-(SAN)- 2025-26
No.194, Dt.20.1.2026

**No.C-2147:** Corrigendum hereby issued for Tender Call Notice No.66/ Dt.08.01.2026 for Sanitation Work of Daspalla NAC regarding extension of critical dates due to unavoidable circumstances.

1. Last Date of availability of Bid in site: Dt.27.01.2026 at 17.00 PM
2. Date & time of opening of Technical Bid: Dt.28.01.2026 at 11.00 A.M.
3. Date & time of opening of Financial Bid: Dt.05.02.2026 at 11.00 A.M.

**Bidders can access above notice in tender site (tendersodisha.gov.in).**
*** All other terms & conditions remain unaltered.**

Sd./- Executive Officer
Notified Area Council, Daspalla
OIPR-

**ZILLA SWASTHYA SAMITI, JHARSUGUDA**

Office of the CDM&PHO-cum-Dist. Mission Director, Jharsuguda, Odisha- 768204

No.203/NHM/EIF/26 Dt:19.01.26

TENDER CALL NOTICE

**No.E-688:** Sealed tenders are invited from reputed registered firms/ agencies/ dealers/ Manufacturers for Supply of Equipment. Instrument & Furniture's (EIFs) different Health Facility of district- Jharsuguda under ZSS, Jharsuguda. The willing Agencies/ firms are requested to submit sealed Tenders on or before 03.02.2026 till 5.00 P.M. through speed post / registered post/ Courier only. The detailed Tender document and terms conditions is available in the district website www.jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

OIPR-
Sd./- CDM&PHO cum District Mission Director, NHM, Jharsuguda

**OFFICE OF THE DIVISIONAL FOREST OFFICER REDHAKHOL FOREST DIVISION**

Mobile No. : 9437054951, Email ID : dfo.redhakhol@odisha.gov.in

TENDER CANCELLATION NOTICE

**No.MM-** : The Tender for procurement of **"Leaf Blower (Petrol Operated)"** for the year 2025-26, issued by the **Divisional Forest Officer, Redhakhol Division** vide **Tender Call Notice dated 29.12.2025,** is **hereby cancelled** due to receipt of a **single qualified bidder at the financial bid stage.**

Fresh tender shall be invited shortly.

Sd./- Divisional Forest Officer,
Redhakhol Forest Division
OIPR-

GOVERNMENT OF ODISHA No.28

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**

Phone / Fax : (0680) 2233683, e-mail : sernb1.ganjam@yahoo.com

"e" Procurement Notice

Bid Identification No. SE R&B Divn. No.I Bam. 57/2025-26

Lr. No. 665 Dated : 20.01.2026

| | |
|---|---|
| Name of work | : Building & Road Works |
| No. of works | : 03 (Three) Nos |
| Estimated Cost | : Approximately Rs.02.82 to 8.50 Lakh |
| Period of Completion | : 1 (One) Month |
| Date and time of Availability of bid document in the portal | : From 10.00 hours of 27.01.2026 to 16.00 hours of 04.02.2026 |
| Last date / time for receipt of bids in the portal | : Upto 16.00 hours of 04.02.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur
OIPR-34001/34109/1/25-26/0001

**OFFICE OF THE SUPERINTENDING ENGINEER MINOR IRRIGATION DIVISION, BALASORE** No.A-1304

No.185, Dt.19.01.2026
'e' Procurement Notice
BID IDENTIFICATION No. SEMIDBLS-10/2025-26
e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" Procurement (Single Cover) for the works as detailed in the Annexure to this bid notice.

| | |
|---|---|
| Name of the Work: | Construction of Check Dams in different Blocks of Balasore & Bhadrak District under MATY Scheme for the year 2025-26 |
| No. of Works: | 03 (Three) Nos. only |
| Estimated Cost: | Varies from Rs.41.46 lakh to Rs.49.22 lakh (Approximately) |
| Cost of Tender Paper: | Rs.10,000/- (Non-Refundable) |
| Period of Completion | As Mentioned against work |
| Availability of bid documents for sale and receipt through online | From Dt.22.01.2026, 10.00 A.M. to dt.02.02.2026, upto 5.00 P.M. |
| Last date/time of receipt of bids in the portal | 02.02.2026 (5.00 PM) |
| Date of Opening of Technical Bid through online | On dt.03.02.2026 at 11.00 AM in the Office of the S.E., M.I. Division, Balasore |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore, Ph.No./Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/District NIC Portal (baleswar.nic.in) | |

**Note: Corrigendum/ Addendum/ Modifications/ Additions if any can be seen through online only.**

Sd./- Superintending Engineer,
M.I. Division, Balasore
OIPR-

"e" PROCUREMENT NOTICE

**JAJPUR MUNICIPALITY : JAJPUR**

Tender Call Notice No. : 165/Date : 19.01.2026

**No.C-2137** : Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. www.tendersodisha.gov.in

1. Name of work : Road, Drain & Other Civil works
2. No. of works : 14 (Fourteen) Nos.
3. Bid Value : Rs.423728/- to Rs.2794067/-
4. Bid Id : JM-08/2025-26
5. Tender Id : 2026_ORULB_124819_01 & 2026_ORULB_124819_14
6. Period of Completion : 30 Days to 60 Days
7. Date of availability of Bid documents in the portal : From 05.00 P.M. of Dt.21.01.2026 to 02.02.2026 up to 5.00 P.M.
8. Last Date for receipt of Bids in the portal : Dt.02.02.2026 up to 5.00 P.M.
9. Bids received online shall be opend on : Dt.5.02.2026 at 11.00 A.M.
10. Name & address of the officer inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website

Sd./- Executive Officer,
Jajpur Municipality
OIPR/-

**ODISHA PUBLIC SERVICE COMMISSION, CUTTACK**

NOTICE

No. 477/P.S.C., Dt. 20.01.2026
(1R-15-24/25)(DR-V)

Assistant Professor (Stage-I) in Physics
(Advertisement No.27 of 2023-24)

**No.A-1314** : It is for information of all concerned that, Document Verification of **22 (twenty two)** candidates having **PPSAN** mentioned below for the post of **Assistant Professor (Stage-I) in "Physics"**, pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 29.01.2026 | 10.30 A.M. | P240298571, P240303716, P230178908, P230176658, P230176194, P220088058, P230182952, P230176570, P240303392, P240304804, P240305443, P240297181, P220076468, P230186982 & P230187960 = **15 Candidates** |
| | 2.30 P.M. | P230185904, P230187158, P230173088, P240311747, P220059149, P230173953 & P230183843 = **07 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- Sd./- Secretary

**ODISHA PUBLIC SERVICE COMMISSION, CUTTACK**

NOTICE

No. 471/P.S.C., Dt. 20.01.2026
(1R-04-24/25)(DR-V)

Assistant Professor (Stage-I) in Computer Science
(Advertisement No.27 of 2023-24)

**No.A-1315** : It is for information of all concerned that, Document Verification of **01 (One)** candidate having **PPSAN** mentioned below for the post of **Assistant Professor (Stage-I) in "Computer Science"**, pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 29.01.2026 | 2.30 P.M. | P240303535 = **01 Candidate** |

The candidate is required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidate is advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- Sd./- Secretary

ODISHA

**STATE POLLUTION CONTROL BOARD, ODISHA**

(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012, INDIA
Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in

No.835/ I-ESTT/ Misc/ 208/2024 Date:20.01.2026

RECRUITMENT TO DIFFERENT POSTS IN GROUP- "B" & "C" OF SPC BOARD, ODISHA

WEBSITE: https://ospcboard.odisha.gov.in

No.CAD-3070:Online applications are invited from the prospective candidates through the Proforma Application Form to be made available on the website https://ospcboard.odisha.gov.in. **The link for registration / re-registration shall be made available from Dt.21.01.2026 11.00 A.M. to Dt 11.02.2026 till 5.30 P.M. is the last date for submission of Registered Online Application** for direct recruitment, through a selection procedure which include written test (CBT mode) and personal interview for the following posts. The vacancy position, pay level & essential qualification are as detailed below :

For any technical guidance on filling up of Online Application Form, the candidates may contact Help Desk over **Toll Free Telephone Number 02261087548** between **10.00 A.M to 5.30 P.M** from Monday to Saturday except Sunday and Public Holidays.

| Sl. No. | Name of the Post | Reservation Quota | | Total Posts | Pay Level | Essential Qualification |
|---|---|---|---|---|---|---|
| 1 | Assistant Env. Engineer (Group-B) Level-10 | ST-06 (W-02)<br>SEBC-03 (W-01) | SC-04 (W-01)<br>UR-12 (W-04) | 25 | Level-10 Cell-1 Rs.44,900/- to Rs.1,42,400/- | Bachelor Engineering (BE)/ Bachelor Technology (B.Tech)/ Associate Member of Institution of Engineers (AMIE) (Section A & B) in the following streams /subject. Civil Engineering / Chemical Engineering/ Computer Science & Engineering / IT/ Mining Engineering/ Mechanical Engineering and Electronic & Instrumentation Engineering and Environmental Engineering |
| 2 | Assistant Env. Scientist (Group-B) Level-10 | ST-03 (W-01)<br>SEBC-02 (W-01) | SC-02 (W-01)<br>UR-8 (W-03) | 15 | Level-10 Cell-1 Rs.44,900/- to Rs.1,42,400/- | M.SC. in the following streams / subject Chemistry / Geology & Geophysics / Statistics / Life Science / Environmental Science & Engineering / Environmental Science |
| 3 | Senior Scientific Assistant (Group-B) Level-09 | ST-01<br>SEBC-01 | SC-01<br>UR-02 (W-1) | 05 | Level-9 Cell-1 Rs.35,400/- to Rs.1,12,400/- | M.Sc. in / Chemistry / Life Science / Env. Science/ Marine Biology / Botany/ Zoology / Biotechnology / Microbiology) from recognized University |
| 4 | Junior Laboratory Assistant (Group-C) Level-04 | ST-08 (W-3)<br>SEBC-03 (W-1) | SC-05 (W-1)<br>UR-12 (W-3) | 28 | Level-4 Cell-1 Rs.19,900/- to Rs.63,200/- | B.Sc. pass (Physics/ Chemistry/ Botany/ Zoology/ Biotechnology/ Microbiology) from recognized University |
| 5 | Accountant (Group-B) Level-09 | ST-01 | UR-02 (W-1) | 03 | Level-9 Cell-1 Rs.35,400/- to Rs.1,12,400/- | B.Com pass from a recognized university / Institution and ICWA/ CA inter with Completed Eight years working experience in Govt. Agency, PSU, Statutory Board/Corporation |
| 6 | Junior Accountant (Group-C) Level-04 | ST-04 (W-2)<br>SEBC-02 (W-1) | SC-02 (W-1)<br>UR-08 (W-3) | 16 | Level-4 Cell-1 Rs.19,900/- to Rs.63,200/- | B.Com pass from a recognized university / Institution with PGDCA on computer applications and proficiency in Tally Software. |
| 7 | Junior Assistant (Group-C) Level-04 | ST-03 (W-1)<br>SEBC-02 | SC-02 (W-1)<br>UR-08 (W-3) | 15 | Level-4 Cell-1 Rs.19,900/- to Rs.63,200/- | Graduate in any discipline from a recognized university / Institute with PGDCA on computer applications |
| 8 | Assistant Section Officer (Group-B) Level-09 | ST-01<br>SEBC-01 | SC-01<br>UR-03 (W-1) | 06 | Level-9 Cell-1 Rs.35,400/- to Rs.1,12,400/- | Graduate in any discipline from a recognized university/ institution with PGDCA on computer applications and 5 years working experience in Govt. agency, PSU, Statutory Board/ Corporation |
| | | GRAND TOTAL | | 113 | | |

Candidate must have attained the age of 21 years and must not be above the age of 42 years as on the **1st day of January 2026.** The upper age limit is relaxable by 05 (five) years for candidates belonging to SC /ST / SEBC / Women / Ex-Serviceman and by 10 (ten) years for PWDs whose permanent disability is 40% or more. Persons with disabilities belonging to SC / ST /SEBC categories are eligible for cumulative age relaxation benefit. The age relaxation for SPC Board's, Odisha, internal candidates will be the number of years put by the candidates in their respective posts. In the case of a candidate who is or was holding a post under the State or Central Government or Local Authority or Corporation established by a State Act or a Central Act or established by the Government under a State Act or Central Act and owned or controlled by the Government, by the number of years during which he is or was holding such post or five year whichever is less;

In the event of non-availability of sufficient number of eligible women candidates belonging to any particular category, the vacancies or the remaining vacancies will be filled up by the male candidates of that category.

The candidates are required to visit the website https://ospcboard.odisha.gov.in of the **SPC Board, Odisha** for detailed informations, method of selection, place, date & time of written examination / document verification / interview, other important notices etc. The candidates also keep track of publication of various notices to the effect in the leading local daily Newspapers for information. The Online Applications if found defective in any respect is liable to be summarily rejected.

**State Pollution Control Board, Odisha reserves the right to cancel the recruitment process at any stage without prior notice.**

OIPR- Sd./- MEMBER SECRETARY

# ଫରହାନ୍‌ରୁ ଇମ୍ରାନ୍

ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କର ଭଣଜା ହେଉଛନ୍ତି ଇମ୍ରାନ୍ ହାସମୀ। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଲିପ୍-ଲକ୍ ଶଟ୍ ପାଇଁ ବେଶ୍ ଚର୍ଚ୍ଚିତ ଥିଲେ। ହେଲେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ତାଙ୍କର ନାମ କ'ଣ ଥିଲା ଜାଣନ୍ତି ? ଫରହାନ୍ ହାସମୀ। ହେଲେ 'ମର୍ଡର' ଫିଲ୍ମ ସମୟରେ ନିଜର ସ୍କ୍ରିନ୍ ନେମ୍ ସେ ପରିବର୍ତ୍ତନ କରି ଇମ୍ରାନ୍ ରଖିଥିଲେ। ହେଲେ ଜାଣନ୍ତି କି ଜଣେ ଅଭିନେତା ହେବା ପୂର୍ବରୁ ସେ ଏକ ସିନେମାରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ଆଉ ଫିଲ୍ମଟି ଥିଲା 'ରାଜ୍'। ଇମ୍ରାନ୍‌ଙ୍କ ଜେଜେମା ପୂର୍ଣ୍ଣିମା ମଧ୍ୟ ଜଣେ ଅଭିନେତ୍ରୀ ଥିଲେ। ଅମିତାଭ ବଚ୍ଚନଙ୍କ ଅଭିନୀତ 'ଜଞ୍ଜୀର' ଫିଲ୍ମରେ ସେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ। ନିଜର ପିଲାଦିନର ସାଙ୍ଗ ପରବିନ ସାହାଣୀଙ୍କୁ ସେ ବିବାହ କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଇମ୍ରାନ୍ କୌଣସି ପୁରସ୍କାର ସମାରୋହକୁ ଯାଆନ୍ତି ନାହିଁ। ତାଙ୍କ ମତରେ ପୁରସ୍କାର ଅପେକ୍ଷା ଜଣେ ଯଦି ନିଜ ଦକ୍ଷତା ଅଭିନୟ ମାଧ୍ୟମରେ ଦେଖାଇ ପାରିଲା ତେବେ ତାହା ବଡ଼ କଥା। ଇମ୍ରାନ୍‌ଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଲା-'ମର୍ଡର', 'ଗ୍ୟାଙ୍ଗଷ୍ଟର', 'ଓ୍ୱାନ୍ସ ଅପନ ଏ ଟାଇମ ଇନ୍ ମୁମ୍ବାଇ', 'ମର୍ଡର ୨', 'ଡାର୍ଟି ପିକ୍ଚର୍ସ', 'ଜନ୍ନତ ୨' ଏବଂ 'ଟାଇଗର ୩'।


ଇମ୍ରାନ

# ତଥାପି ଛାଡ଼ିନି ନିଶା

ଦକ୍ଷିଣ ଭାରତୀୟ ଫିଲ୍ମ ଜଗତର ସେ ହେଉଛନ୍ତି ଜଣେ ଅନ୍ୟତମ ପରିଚିତ ଅଭିନେତ୍ରୀ। ତା'ସହ ତାମିଲ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ତେବେ ତାଙ୍କର ଏବେ ମଧ୍ୟ ଏକ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଫଟୋଗ୍ରାଫି। ପ୍ରାକୃତିକ ଦୃଶ୍ୟରାଜି ଅପେକ୍ଷା ବିରଳ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସାଇତି ରଖନ୍ତି ସେ। ସେ ହେଲେ କାଜଲ ଅଗ୍ରୱାଲ। ହେଲେ ଏଭଳି ନିଶା ତାଙ୍କ ମନରେ କେବେ ସୃଷ୍ଟି ହେଲା ? ଏ ବିଷୟରେ କାଜଲ କହନ୍ତି, ''ସ୍କୁଲରେ ପଢୁଥିବା ବେଳେ ମୋର ଫଟୋଗ୍ରାଫି ପ୍ରତି ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ତା'ପରେ ଯେତେବେଳେ ମୁଁ ଯୁଆଡେ ଯାଏ ସାଙ୍ଗରେ କ୍ୟାମେରା ନେବାକୁ ଭୁଲି ନ ଥାଏ। ବର୍ତ୍ତମାନ ସୁଦ୍ଧା ମୁଁ ଅନେକ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସେଗୁଡ଼ିକୁ ସାଇତି ରଖିଛି। ଏଭଳି ଅଭ୍ୟାସ ମୋର ଦୈନନ୍ଦିନ ଜୀବନର ଏକ ରୁଟିନ୍ ପାଲଟି ଯାଇଛି କହିଲେ ଭୁଲ ହେବ ନାହିଁ। ମୋର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ପେଣ୍ଟିଂ। ଅବସର ମିଳିବା ମାତ୍ରେ ମୁଁ ମନରେ ଉଙ୍କି ମାରିଥିବା ବିଷୟକୁ ଚିତ୍ରର ରୂପ ଦେଇଥାଏ।'' ହେଲେ ଜଣେ ଅଭିନେତ୍ରୀ ହେବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ସେହି ସମୟରେ ସେ ମଡେଲିଂ କରୁଥିଲେ। ମାର୍କେଟିଂ ଏବଂ ଆଡଭର୍ଟାଇଜିଙ୍ଗରେ ଡିଗ୍ରୀ ହାସଲ କରିବା ପରେ ଏଥିରେ ସେ ପୋଷ୍ଟ ଗ୍ରାଜୁଏସନ ଡିଗ୍ରୀ କରିବାକୁ ଇଚ୍ଛା ରଖିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନ ଥିଲା।


କାଜଲ

# ଆଫା

ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ଼ ମାଡିଆସେ। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମ୍ନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଓଡ଼ିଆ ସିନେମା 'ମାଇଁ ସୁଇଟ୍ ହାଉସଓ୍ୱାଇଫ'ର ସଫଳତା ପରେ ପ୍ରୀତିରାଜ-ନୈନା ଦାଶଙ୍କୁ ନେଇ ପୁଣି ଏକ ଫିଲ୍ମ ପ୍ରସ୍ତୁତ ହୋଇଛି। ଏହାର ଟାଇଟଲ ରହିଛି 'ଆଫା'। ମାଇଁଷ୍ଟିକ କ୍ଲ କ୍ଲାପେସ ବ୍ୟାନରରେ ଉକ୍ତ ଚିତ୍ରର ପ୍ରଯୋଜନା କରାଯାଇଛି। ନିର୍ଦ୍ଦେଶନା ଦେଇଛନ୍ତି 'ଚକ୍ରବ୍ୟୂହ' ଫେମ୍ ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଏହାର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ ଏବଂ ନୈନାଙ୍କ ବ୍ୟତୀତ କୁନା ତ୍ରିପାଠୀ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ରବି ମିଶ୍ର ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ପତି ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।

# କଥା ଜଙ୍ଗଲ ସୁରକ୍ଷାର

ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ସେ ନାୟକ ସାଜିଛନ୍ତି। ତା'ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ଜଙ୍ଗଲରେ ମାଫିଆ ରାଜ୍‌ର କିପରି ଅନ୍ତ ଘଟିବ ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ହଁ, ସେ ହେଲେ ନବାଗତ ଶୁଭମ ସାଗର। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, ''ଜଙ୍ଗଲ ମାଫିଆମାନେ ଏବେ ଅନେକ ସ୍ଥାନରେ ଜଙ୍ଗଲକୁ ନଷ୍ଟ କରିଦେଉଛନ୍ତି। ତେଣୁ ସେମାନଙ୍କ କବଳରୁ କିପରି ଜଙ୍ଗଲକୁ ସୁରକ୍ଷା ଦେଇହେବ ତାହାକୁ ନେଇ କାହାଣୀ ଗତି କରିଛି। ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଚିତ୍ରଟିର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


ଶୁଭମ

# ଶେଷରେ ଜିଦ୍ ରହିଲା

ଯେତେବେଳେ ଜାହ୍ନବୀ କପୁର ପାଠ ପଢୁଥିଲେ ସେତେବେଳେ ତାଙ୍କ ମା' ଶ୍ରୀଦେବୀ ଚାହୁଁଥିଲେ ଯେ ତାଙ୍କ ଝିଅ ଭବିଷ୍ୟତରେ ଡାକ୍ତର ହେବ। ହେଲେ ଶେଷରେ ଜାହ୍ନବୀଙ୍କର କଥା ରହିଲା। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଜାହ୍ନବୀ ବଲିଉଡ଼ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଧଡକ'ରେ ସେ ଭାରତନାଟ୍ୟମ ନାଚି ବେଶ ପ୍ରଶଂସିତ ହୋଇଥିଲେ। ସ୍କୁଲରେ ପଢିବା ବେଳେ ତାଙ୍କ ପାଣି ବଟଲର ନାମ ଥିଲା ଚୁସ୍କି। ଜାହ୍ନବୀଙ୍କ ନାମକରଣ ଅନ୍ତରାଳେ ଏକ କୌତୂହଳ କଥା ଲୁଚି ରହିଛି। ୧୯୯୭ରେ ରିଲିଜ ହୋଇଥିଲା ବୋନି କପୁରଙ୍କ ପ୍ରଯୋଜିତ 'ଜୁଦାଇ', ଯାହାର ମୁଖ୍ୟ ଭୂମିକାରେ ଅନୀଲ କପୁର, ଶ୍ରୀଦେବୀ ଏବଂ ଉର୍ମିଳା ମାତୋଣ୍ଡକର ଅଭିନୟ କରିଥିଲେ। ଏଥିରେ ଉର୍ମିଳାଙ୍କ ଚରିତ୍ରର ନାମ ଥିଲା ଜାହ୍ନବୀ ଆଉ ସେହି ଅନୁସାରେ ଶ୍ରୀଦେବୀ ଏହାକୁ ନିଜର ବଡ ଝିଅର ନାମ ରଖିଥିଲେ। ବର୍ତ୍ତମାନ ସେ ଏକ ତାମିଲ ଫିଲ୍ମ 'ପେଡି'ରେ ଅଭିନୟ କରୁଛନ୍ତି, ଯାହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ବୁଚି ବାବୁ ସାନା ଦେଇଥିବା ବେଳେ ଏହାର ନାୟକ ସାଜିଛନ୍ତି ରାମଚରଣ।


ଜାହ୍ନବୀ

# ଅନନ୍ୟାଙ୍କ ହିସାବ ନିକାଶ

ଚିଙ୍କି ତନୟା ଅନନ୍ୟା ଏବେ ହିସାବ କରୁଛନ୍ତି। ହେଲେ ସେ କଣ ହିସାବ କରୁଛନ୍ତି ଜାଣିବେନି ? ସେ ଏ ପର୍ଯ୍ୟନ୍ତ ଯେତେ ସିନେମାରେ ଅଭିନୟ କରିଛନ୍ତି ତାହା ତାଙ୍କ ଆକ୍ଟିଙ୍ଗ କ୍ୟାରିୟରକୁ କେତେ ମାଇଲେଜ ଦେଇଛି ତାହା ଚିନ୍ତା କରୁଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, "ଏ କଥା ସତ ଯେ ମୋର ସାତ ବର୍ଷ ଆକ୍ଟିଙ୍ଗ କ୍ୟାରିୟରରେ ମୁଁ କେତୋଟି ହାତଗଣତି ଫିଲ୍ମରେ ଅଭିନୟ କରିଛି, ହେଲେ ଆଶା ହରାଇନାହିଁ। ମୋ ଆକ୍ଟିଙ୍ଗ କ୍ୟାରିୟରରେ ଦିନେ ନା ଦିନେ ଭଲ ଦିନ ଆସିବ। ବାସ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ"। ଅନନ୍ୟାଙ୍କର ପିଲାଦିନେ ଏକ ଅଜବ ଅଭ୍ୟାସ ଥିଲା। ତାହା କଣ ଜାଣନ୍ତି ? ସେ ଅନାୟାସରେ ଜିଭ ଦ୍ୱାରା ନିଜ ନାକକୁ ଛୁଇଁ ପାରୁଥିଲେ। ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ'। ଅନ୍ୟପକ୍ଷରେ ତାଙ୍କ ହାତରେ ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ରହିଛି।


ଅନନ୍ୟା

# ସମୟ ଆସିଛି...

''ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି।''

ଓଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଦିନ ଥିଲା ଓଡ଼ିଆ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରୁଥିଲା। ସେ ସମୟରେ ଜଣେ ପ୍ରଯୋଜକ ଗୋଟିଏ ସିନେମା କରିବା ପରେ ପୁଣି ଥରେ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେଉଥିଲେ। ସେତେବେଳେ ଓଡ଼ିଆ ଫିଲ୍ମର କଥାବସ୍ତୁ, କଳାକାର ଚୟନ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନାକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ଫିଲ୍ମଟି ରିଲିଜ ହେବା ପରେ ତାହା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଉଥିଲା। କିନ୍ତୁ ଏବେ କେତେକ ସିନେମା କେତେବେଳେ ରିଲିଜ ହୋଇ କେତେବେଳେ ଉଠିଯାଉଛି ତାହା ଜଣାପଡୁନାହିଁ। ଏବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ହେଉଛି। ବର୍ଷକୁ ଯେତିକି ସିନେମା ରିଲିଜ ହେଉଛି ତା' ଭିତରୁ ଫ୍ଲପ୍ ସଂଖ୍ୟା ଅଧିକ। ହାତ ଗଣିତି କେତୋଟି ସିନେମା ହିଟ୍ ହେଉଛି। ଅବଶ୍ୟ ଯା ଭିତରେ ଆମର କେତୋଟି ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଓଡ଼ିଆ ଫିଲ୍ମର ସୁବର୍ଣ୍ଣ ଯୁଗକୁ ପୁଣି ଥରେ ଫେରାଇ ଆଣିବାକୁ ଉଦ୍ୟମ ହେବା ଦରକାର।

ପ୍ରେକ୍ଷାଳୟ ଅଭାବରୁ ଅନେକ ସ୍ଥାନରେ ଦର୍ଶକ ଭଲ ସିନେମାଟିଏ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏବେ ଆମ ରାଜ୍ୟରେ ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ପ୍ରାୟ ୬୦ଟି ରହିଛି। ଭଲ ପ୍ରେକ୍ଷାଳୟ ନଥିବା ଫଳରେ ଦର୍ଶକମାନେ ସିନେମା ଦେଖିବା ପାଇଁ କୁଣ୍ଠିତ ହେଉଛନ୍ତି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦିରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ କେତେକ ଦର୍ଶକ ସେଠାରେ ସିନେମା ଦେଖୁଛନ୍ତି। ଗତ ବର୍ଷ ବାବୁସାନଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ବକ୍ସ ଅଫିସରେ ରେକର୍ଡ ସଂଖ୍ୟକ ବିଜନେସ୍ କରିଥିଲା। ଏହାଦ୍ୱାରା ନିଶ୍ଚୟ ନବାଗତ ପ୍ରଯୋଜକମାନେ ଅନୁପ୍ରାଣିତ ହେବେ।

ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି। ନୂଆ ପ୍ରଯୋଜକ ଆସନ୍ତୁ-ଏହା ନିଶ୍ଚୟ ଭଲ କଥା। ହେଲେ ସେଭଳି ସିନେମା ନିର୍ମାଣ କରନ୍ତୁ ଯାହାକୁ ଦର୍ଶକ ସବୁବେଳେ ମନେ ପକାଉଥିଲେ। କେବଳ ନିଜ ନାମ ପଛରେ 'ପ୍ରଯୋଜକ' ଶବ୍ଦଟିକୁ ଯୋଡି ବାହବା ନେବାର କିଛି ପ୍ରାସଙ୍ଗିକତା ନାହିଁ।



ଆଉ ଏକ କଥା ହେଲା ବଜେଟ୍। ଫିଲ୍ମଟିଏ ନିର୍ମାଣ କରିବା ବେଳେ ଏଥିପାଇଁ ଏକ ସ୍ଥିରୀକୃତ ବଜେଟ ରହିଥାଏ। ବେଳେବେଳେ କେତେକ କାରଣରୁ ଏହା ଟିକେ ଅଧିକ ହୁଏ। କିନ୍ତୁ କୋଟିଏ ଟଙ୍କାର ସିନେମା ପ୍ରସ୍ତୁତ କରି ଯଦି ତାହା ଗୋଟିଏ ଦିନ ପ୍ରେକ୍ଷାଳୟରେ ନ ଚାଲିଲା ତେବେ ଲାଭ କ'ଣ ? ତେଣୁ ସିନେମାଟିଏ ନିର୍ମାଣ ସମୟରେ ଖର୍ଚ୍ଚକୁ ନେଇ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। କିଛିବର୍ଷ ତଳେ ଓଡ଼ିଶା ସଂସ୍କୃତି ବିଭାଗ, ସୂଚନା ଲୋକ ସମ୍ପର୍କ ବିଭାଗ ଓ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନର ମିଳିତ ପ୍ରଚେଷ୍ଟାରେ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମ ୨୦୦୪ରୁ ୨୦୦୭ ଗୋଆ, କେରଳ, ବାଙ୍ଗାଲୋର ଓ ମୁମ୍ବାଇରେ ହେଲା। ପରବର୍ତ୍ତୀ ସମୟରେ ତାହା କୌଣସି କାରଣରୁ ଏଯାବତ୍ ବନ୍ଦ ହୋଇ ରହିଛି।

୯୦ ବର୍ଷ ବୟସର ଓଡ଼ିଆ ସିନେମାର ରୂପରେଖ କେଉଁ ପରିସ୍ଥିତିରେ ରହିବ ତାହା ଭବିଷ୍ୟତ କହିବ। ତେଣୁ ଓଡ଼ିଆ ସିନେମାକୁ ଏକ ନୂଆ ସ୍ତରକୁ ନେବାକୁ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କର ସହଯୋଗର ଆବଶ୍ୟକତା ରହିଛି।

*-ଦିଲ୍ଲୀପ ହାଲି*, ବଡ଼ଗଡ଼, ଭୁବନେଶ୍ୱର-୧୮
*ମୋ : ୯୮୬୧୦୦୯୨୫୨*





## ଅଜଣା ଯୁବକଙ୍କ ମୃତଦେହ ଜବତ

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/
କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୧।୧

ବାଲେଶ୍ୱର ଜିଲା ବାଲିଅପାଳ ଥାନା ଅଧୀନ ମହାବଳା କୋଷ୍ଟକେନାଲ ରାସ୍ତାରେ ଅଜଣା ଯୁବକଙ୍କ ମୃତଦେହ ଜବତ ହୋଇଛି। ବୁଧବାର ଅପରାହ୍ନରେ ଅଜଣା ଯୁବକ ମୃତଦେହ ରାସ୍ତା କଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବାଲିଆପାଳ ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ତଦନ୍ତ କରୁଛି ପୋଲିସ।

# ପୁନଃ ନିର୍ମାଣ ହେବ ନୂଆଗାଁ-କଇଁଫୁଲିଆ ଲୁଣାବନ୍ଧ

### ୯.୪୯କୋଟିର ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

ବାଲେଶ୍ୱର, ୨୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ବାହାବଳପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗାଁଠାରୁ କଇଁଫୁଲିଆ ପର୍ଯ୍ୟନ୍ତ ଲୁଣାବନ୍ଧର ସୁରକ୍ଷାକରଣ ପ୍ରକଳ୍ପକୁ ବିଧାୟକ ମାନସ କୁମାର ଦତ୍ତ ବୁଧବାର ଶିଳାନ୍ୟାସ କରିଛନ୍ତି।

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ୯କୋଟି ୪୯ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଆସନ୍ତା ୨୦୨୭ ଏପ୍ରିଲ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନିର୍ବାଚନ ସମୟର ପ୍ରତିଶ୍ରୁତି ବାସ୍ତବତାର ରୂପ ନେଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀଙ୍କୁ ପ୍ରାକୃତିକ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଓ ଗ୍ରାମବାସୀ।

ବିପର୍ଯ୍ୟୟ ପ୍ରଭାବରୁ ସୁରକ୍ଷା ମିଳିବା ସହିତ ଯାତାୟାତ ବ୍ୟବସ୍ଥା ଓ ସାମଗ୍ରିକ ଉନ୍ନତିରେ ନୂତନ ଦିଗ ଖୋଲିବ ବୋଲି ବିଧାୟକ ଦତ୍ତ କହିଛନ୍ତି। ଉତ୍ତମ ଗୁଣବତ୍ତା ଓ ଠିକ୍ ମାନଦଣ୍ଡରେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ସମୁଦ୍ରର ଲୁଣା ପାଣି ସ୍ଥାନୀୟ ଅଞ୍ଚଳକୁ ମାଡ଼ି ବହୁ କ୍ଷୟକ୍ଷତି ହେଉଥିଲା। ଲୋକମାନେ ଦୁର୍ଦ୍ଦଶା ଭୋଗିବା ସହ ଭୟରେ କାଳାତିପାତ କରୁଥିଲେ। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବିଧାୟକ ଏହି ପ୍ରକଳ୍ପକୁ ବାସ୍ତବତାର ରୂପ ଦେଇଛନ୍ତି। ବିଭାଗୀୟ ଅଧିକାରୀଙ୍କ ସମେତ ବାହାବଳପୁର ସରପଞ୍ଚ ରାମନାରାୟଣ ଦ୍ୱିବେଦୀ, ୱାର୍ଡସଭ୍ୟ ଗଣେଶ ପାଲ, ଲୋକନାଥ ଭୂୟାଁ, ରଶ୍ମିତା ମଣ୍ଡଳ, ସୁଶୀଳ ମଣ୍ଡଳ, ମାମୁନି ହାତୀ, ଅନୀଲ ପାତ୍ର, ଅଜାମିଳ ତୋଳା, ମାନସ ମଣ୍ଡଳ, ଶଶିକାନ୍ତ ବାରିକ ଓ ଲୋକନାଥ ବେରା ପ୍ରମୁଖ ଉପସ୍ଥିତ ଥିଲେ।

## ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ନେଇ ଉତ୍ତେଜନା



ବିଦ୍ୟାଳୟରେ ଗ୍ରାମବାସୀଙ୍କ ଧାରଣା।

### ସ୍କୁଲ ସମ୍ମୁଖରେ ଅଭିଭାବକଙ୍କ ଧାରଣା, ବାହାରେ ପଢ଼ିଲେ ଛାତ୍ରୀଛାତ୍ର

ଲଙ୍ଗଳେଶ୍ୱର, ୨୧।୧(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଆଲୁମେଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ୨୦ କୁଇଣ୍ଟାଲ ଚାଉଳ ପ୍ରଧାନ ଶିକ୍ଷକ ବିକ୍ରି କରିଥିବା ଅଭିଯୋଗରେ ଉତ୍ତେଜନା ଦେଖାଦେଇଛି। ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଧାରଣା ଦେଇଛନ୍ତି। ଅନ୍ୟପଟେ ବିଦ୍ୟାଳୟ ବନ୍ଦ ଥିବାରୁ ବାହାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ଏହି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସାରିପୁତ୍ତ ଟୁଡୁ ଗତ ଅକ୍ଟୋବର ଏବଂ ଚଳିତ ମାସ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ୨୦ କୁଇଣ୍ଟାଲ ଚାଉଳ ବିକ୍ରି କରିଦେଇଥିବା ନେଇ ଅଭିଭାବକ ଏବଂ ଗ୍ରାମବାସୀ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବା ବେଳେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଯୁଧିଷ୍ଠିର ମଲ୍ଲିକ ଓ ଜୟନ୍ତ ମଣ୍ଡଳ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ମହାବୀର କ୍ରିକେଟ ଟୁର୍ନାମେଣ୍ଟ: ତୋଟାପଡ଼ା ଚାମ୍ପିୟନ

ଖଇରା, ୨୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ ବାରାହାପୁର ଚନ୍ଦନପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ତୋଟାପଡାର ଡେଞ୍ଜର ଇଲେଭେନ ଟିମ୍ ପାଇକାଲପୁର ୟୁନାଇଟେଡ କ୍ଲବକୁ ୪୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ତୋଟାପଡା ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ପାଇକାଲପୁର ନିର୍ଦ୍ଧାରିତ ଓଭରରେ ୧୪୪ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଶଶିକାନ୍ତ ମାଝି ଓ ରତ୍ନାକର ମାଝି ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଯୁବନେତା ନୀଳମାଧବ ପଣ୍ଡା ମୁଖ୍ୟଅତିଥି, ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଯୁବନେତା ଶଙ୍କର୍ଷଣ ମାଝି, ଅରୁଣ ଘୋଷ, ସୁବାଷ ଚନ୍ଦ୍ର ମାଝି, ଶତ୍ରୁଘ୍ନ ମହାନ୍ତି ଓ ନଟବର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ତୋଟାପଡା ଟିମ୍‌କୁ ଟ୍ରଫି ସହ ୧୨ହଜାର ଏବଂ ରନର୍ସ ଅପ ଟିମ୍‌କୁ କପ୍ ସହ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାବୀର ୟୁଥ କ୍ଲବର ସଦସ୍ୟ ରାଜେନ୍ଦ୍ର ମାଝି, ପ୍ରିୟଜିତ ମାଝି, ଜ୍ୟୋତିରଞ୍ଜନ ଘୋଷ, ସନ୍ତୋଷ ମାଝି ଓ ଭଗବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ‘ଜୟନାରାୟଣ ଥିଲେ ବିକାଶ ପୁରୁଷ’



ସ୍ମୃତିସଭାରେ ମଞ୍ଚାସୀନ ବିଧାୟିକା ଓ ଅତିଥିଗଣ।

### ୨ୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/
ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୨୧।୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଛକସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ମଙ୍ଗଳବାର ସ୍ୱର୍ଗତ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଜୟନାରାୟଣ ମହାନ୍ତି ସ୍ମୃତିପରିଷଦ ଆନୁକୂଲ୍ୟରେ ସକାଳେ ପୁରୁଣା ବସ୍‌ଷ୍ଟାଣ୍ଡରୁ ଖଗଡ଼ାପାଳସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବସ୍ତା ଏସ୍‌ଡିପିଓ ମାନସ ଦେଓ ଏହାକୁ ଉଦ୍‌ଘାଟକ ଥିଲେ। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ ଉପସ୍ଥିତ ଥିଲେ।

ପ୍ରଥମ ଅଧିବେଶନରେ ବିଡିଓ ରାଧାରଞ୍ଜନ ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ମୃତି କମିଟି ସଭାପତି ବ୍ରଜକିଶୋର ଭୂୟାଁଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜୟନାରାୟଣ ବାଲିଆପାଳର ବିକାଶ ପୁରୁଷ ଥିଲେ। ବାଲିଆପାଳ ଜଗନ୍ନାଥ ମନ୍ଦିରକୁ ସେ ପ୍ରତିଷ୍ଠା କରି ଅମର କୀର୍ତ୍ତି ଅର୍ଜନ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ବିଜନ ନାୟକ, ହୃଦୟ ରଞ୍ଜନ ତ୍ରିପାଠୀ, ମୁରଲୀମୋହନ ସାହୁ, ସଞ୍ଜୟ ଦେ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ଓ ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଜୟନାରାୟଣଙ୍କର କୀର୍ତ୍ତି ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଖାଲ ଚନ୍ଦ୍ର ମାହାନା, ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ତ୍ରିପାଠୀ, ବିଶିଷ୍ଟ କୃଷିବିତ୍ ଅନନ୍ତ ରାଉତ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ପ୍ରତାପ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପୁଅ ସତ୍ୟକାମ୍ ମହାନ୍ତି ଓ ଦିବ୍ୟକାମ୍ ମହାନ୍ତି, ଭଣଜା ଶୁଭେନ୍ଦୁ ଦାସ ଓ ସୁଶାନ୍ତ ଦାସ, ପ୍ରଦୀପ୍ତ ପାତ୍ର, ବ୍ୟୋମକେଶ ସାହୁ ଓ ସୁବାସ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ କବ୍‌ଜାରେ ସରକାରୀ ଅନୁଦାନ

### ନୀଳଗିରି ଆଇଟିଡିଏ

### ଅଭିଯୋଗ ଆଣି ଜନପ୍ରତିନିଧିଙ୍କ ଧାରଣା ଚେତାବନୀ

ନୀଳଗିରି, ୨୧।୧(ପ୍ରଶାନ୍ତ ବିଶ୍ୱାଳ)

୨୦୨୩-୨୪ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲା ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଦିଆଯାଉଥିବା ନେଇ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଆଇଟିଡିଏ ପିଏଙ୍କୁ ପ୍ରଦାନ କରିଛନ୍ତି। ଏହି ପତ୍ରରେ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୧୩ଟି ରାଜସ୍ୱ ଗ୍ରାମରେ ଗ୍ରାମସଭା କରାଯାଇ ୨କୋଟି ୬୦ଲକ୍ଷ ଅନୁଦାନ ଆସିଥିଲା। ଅନୁରୂପ ଭାବେ ୨୦୨୩-୨୪ରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ଯୋଜନାରେ ୧କୋଟି ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ୧କୋଟିରୁ ଊର୍ଦ୍ଧ୍ୱ, ୨୦୨୫-୨୬ ଆର୍ଥିକ ବର୍ଷରେ ଛାତ୍ରାବାସ ମରାମତି ନିମନ୍ତେ ୪୪ଲକ୍ଷ ୬୬ହଜାର, ୨୦୨୫-୨୬ ଆର୍ଥିକ ବର୍ଷରେ ପାଚେରି ଉଚ୍ଚତା ପାଇଁ ୨କୋଟି, ଷ୍ଟାଫ୍‌କ୍ୱାର୍ଟର୍ସ ମରାମତି ପାଇଁ ୩୮ଲକ୍ଷ, ସ୍କୁଲରେ ପାନୀୟଜଳ ଯୋଗାଣ ପାଇଁ ୭ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସିଥିଲା। ଏ ସମସ୍ତ ଅର୍ଥରେ ଉନ୍ନୟନ କାର୍ଯ୍ୟ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଦିଆଯାଉଥିବା ଅଭିଯୋଗ କରି ଆସନ୍ତା ଜାନୁଆରୀ ୨୮ତାରିଖରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଲୋକପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଏହାସହିତ ଏକ ଦାବିପତ୍ର ବାଲେଶ୍ୱର ଜିଲାପାଳ, ଏସ୍‌ପି, ନୀଳଗିରି ଉପଜିଲାପାଳ, ଏସ୍‌ଡିପିଓ, ଆଇଆଇସି ଏବଂ ଏସ୍‌ଡିଏମ୍‌ଓଙ୍କୁ ପ୍ରଦାନ କରିଛନ୍ତି। ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ସମିତିସଭ୍ୟା ବିନତା ମାଢେଇ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାୟବ ସରପଞ୍ଚ ହରେକୃଷ୍ଣ ମାଝି, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ ଓ ରମାକାନ୍ତ ମଢ଼େଇ ମଛୁଆ ସମିତିସଭ୍ୟ ପ୍ରମୁଖ ଲୋକପ୍ରତିନିଧି ଏହି ଅଭିଯୋଗ ଆଣିଛନ୍ତି। ଏ ବିଷୟରେ ଆଇଟିଡିଏ ପିଏ ମଧୁସ୍ମିତା ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆମେ ଦରଖାସ୍ତ ପାଇବା ପରେ ଏହାକୁ ଗୁରୁତ୍ୱର ସହ ନେଇଛୁ, ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରାଯାଇ ଆଲୋଚନା କରାଯିବ।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିମାନେ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା, ୨୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ପିଲାମାନଙ୍କ ନାଚ ଗୀତ ସାଙ୍ଗକୁ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ନାୟକ ମୁଖ୍ୟଅତିଥି, ଅଧ୍ୟାପିକା ଅଳକାନନ୍ଦା ସାହୁ, ସୁଲୋଚନା ଦାସ, ଅଧ୍ୟାପକ ବସନ୍ତ କୁମାର ସୂତାର, ଅର୍ଜୁନ ଚରଣ ଲେଙ୍କା, ଭାସ୍କର ମାଝି ଓ ବିଷ୍ଣୁପ୍ରସାଦ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ ଚାମ୍ପିୟନ ତଥା କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମମତାମୟୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ରମାକାନ୍ତ ପଣ୍ଡା, ଗୋବିନ୍ଦ ସାହୁ, ମହେଶ୍ୱର ଦାସ, କସ୍ତୁରୀକନିକା ଦାସ, ରମା ଦାସ, ଲକ୍ଷ୍ମୀଧର ଜେନା, ମହେଶ୍ୱର ବାରିକ ଓ ବୀଣାପାଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଭୀମେଶ୍ୱର ମକର ମହୋତ୍ସବ ଉଦ୍‌ଯାପିତ

## ବକାସୁର ପୋଡ଼ି ଦେଖିବାକୁ ଜନସମାଗମ

ରେମୁଣା, ୨୧।୧(ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କ ଠାରେ ଚାଲିଥିବା ସପ୍ତଦିନାତ୍ମକ ମକର ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ବକାସୁର ପୋଡ଼ି ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କମିଟି ସଭାପତି ପ୍ରଭାତ ବିଶ୍ୱାଳଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ଡ. ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ କୀର୍ତ୍ତିରଞ୍ଜନ ଦ୍ୱିବେଦୀ, ବରିଷ୍ଠ ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ସାମଲ, ଗୋବିନ୍ଦ ଦାସ, ଜୟକୃଷ୍ଣ ଜେନା, ଅତୁଲ୍ୟ ଦାସ, ଅମୂଲ୍ୟ ଦାସ, ତାପସ ରଥ, ଚିନ୍ମୟ ରଥ, ସତ୍ୟରଞ୍ଜନ ରଥ, ଈଶ୍ୱର ଦାସ, ସତ୍ୟବ୍ରତ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ଯୋଗେନ୍ଦ୍ର, କାଳିଆ, କେଶବ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।



## ଗୋଟିଏ ନମ୍ବରରେ ୨ ମୋଟରସାଇକେଲ

ବାହାନଗା, ୨୧।୧(ଅରୂପ କୁମାର ଦାସ)



ଗୋଟିଏ ନମ୍ବରରେ ଚାଲିଛି ଦୁଇଟି ମୋଟରସାଇକେଲ। ପୁଣି ଚାଲାଣକାଟକୁ ନେଇ ପ୍ରଶାସନ ନୀରବ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଆପିତିରା ଗ୍ରାମରେ। ଏହି ଗ୍ରାମର ସୁଦର୍ଶନ ପାଢ଼ୀ ୨୦୨୩ ଜୁନରେ ବାଲେଶ୍ୱରରୁ ହୋଣ୍ଡା ୟୁନିକର୍ନ ମୋଟରସାଇକେଲ କିଣିଥିଲେ। ଯାହାର ନମ୍ବର ଥିଲା ଓଡି ୦୧ଏଏସ ୭୧୩୨। ମାତ୍ର ଏହି ନମ୍ବରରେ ଏକ ବାଜାଜ ପଲସର ମୋଟରସାଇକେଲ ବାଲେଶ୍ୱରରେ ଚାଲୁଛି। ମାତ୍ର ସୁଦର୍ଶନ ପାଢ଼ୀ ଗାଡି କିଣିବାର ୧ ମାସ ପରେ ଅର୍ଥାତ୍ ୨୮। ୭। ୨୦୨୩ରେ ଷ୍ଟେଶନ ଛକଠାରେ ହୋଣ୍ଡା ୟୁନିକର୍ନ ଗାଡିର ନମ୍ବର ଅନ୍ୟ ଏକ ପଲସର ମୋଟରସାଇକେଲ ଚଳାଉଥିବା ଚାଳକ ଯୁବକ ବିନା ହେଲମେଟରେ ଗାଡି ଚଳାଉଥିବା ଯୋଗୁ ତାଙ୍କୁ ଗାଡି ନମ୍ବର ଯୋଗେ ଫାଇନ ଚାଲାଣ ୧ହଜାର ଟଙ୍କା ଜରିମାନା କରାଯାଇ ହୋଣ୍ଡା ୟୁନିକର୍ନ ଗାଡିର ମାଲିକ ସୁଦର୍ଶନ ପାଢ଼ୀଙ୍କ ନିକଟକୁ ଚାଲାଣ ଆସିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସେ ନୂଆ ଗାଡି ଘରେ ରଖିଥିବା ବେଳେ କିଭଳି ଚାଲାଣ କଟାଗଲା ତାହା ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସୁଦର୍ଶନ ପାଢ଼ୀ ପେସାରେ ଜଣେ ବସ୍ ଡ୍ରାଇଭର। ମାଲିକ ପାଖରୁ ଛୁଟି ନେଇ ବାଲେଶ୍ୱର ଆରଟିଓ ଅଫିସକୁ ଦୌଡିଲେ। ସେଠାରୁ ସେ କିଛି କରିପାରିବେ ନାହିଁ ଟ୍ରାଫିକ ଥାନାକୁ ଯାଇ ବୁଝ ବୋଲି ପରାମର୍ଶ ଦେଇଥିଲେ। ସେଠାକୁ ଗଲାପରେ ଜାଣିବାକୁ ପାଇଲେ ସେଇଟା ହୋଣ୍ଡା ୟୁନିକର୍ନ ମୋଟରସାଇକେଲ ନୁହେଁ ସେଇଟା ବାଜାଜ ପଲସର। ମାତ୍ର ସମାନ ନମ୍ବର କିଭଳି ହେଲା ଆଶ୍ଚର୍ଯ୍ୟ ହେଲେ ସମସ୍ତେ। ତାପରେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶରେ ଗତ ତା୩୧।୭।୨୦୨୩ ରିଖରେ ଟ୍ରାଫିକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ସେତେବେଳେ ତାହା ସମାଧାନ ହେବ ବୋଲି କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ସମାଧାନ ନହେବାରୁ ଚଳିତ ବର୍ଷ ତା ୧୯। ୧। ୨୦୨୬ ରିଖରେ ସୁଦର୍ଶନ ବାଲେଶ୍ୱର ଏସ୍‌ପିଙ୍କଠାରେ ସେ ବାବଦରେ ଅଭିଯୋଗ କରିଛନ୍ତି। ମୋ ଗାଡି ନମ୍ବରରେ ଅନ୍ୟ କେହି ଜାଲିଆତି କରି ଚୋରା ଗାଡ଼ିରେ ମୋ ନମ୍ବର ଲେଖା ଥିବାରୁ ତାର ଦଣ୍ଡ ଦୀର୍ଘବର୍ଷ ହେଲା ଭୋଗୁଛି। ତୁରନ୍ତ ମୋର ଚାଲାଣକୁ ବାତିଲ କରି ସତ୍ୟାସତ୍ୟ ବାହାର କରିବାକୁ ସେ ଦାବି କରିଛନ୍ତି।

# ‘ଫୋରେନ୍ସିକ ମନୋବିଜ୍ଞାନ ଓ ଏଲ୍‌ଜିବିଟି ମନୋବିଜ୍ଞାନ’

### ▪ଅଂଶଗ୍ରହଣ କଲେ ୭୯ ଛାତ୍ରୀଛାତ୍ର, ଗବେଷକ ଓ ବିଶେଷଜ୍ଞ

### ▪ଏଫ୍‌ଏମ୍‌ୟୁରେ ସରିଲା ଅନ୍ତର୍ଜାତୀୟ କ୍ଷମତା ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର, ୨୧।୧(ବାଞ୍ଛାନିଧି ଦେ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଗବେଷକ ଓ ବିଶେଷଜ୍ଞ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ଦ୍ୱାରା ଦୁଇଦିନ ବ୍ୟାପୀ ଫରେନ୍ସିକ ମନୋବିଜ୍ଞାନ ଓ ଏଲ୍‌ଜିବିଟି ମନୋବିଜ୍ଞାନ ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ଆନ୍ତର୍ଜାତୀୟ କ୍ଷମତା ବିକାଶ ଓ ସାକ୍ଷରିକ ସମୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର, ଗବେଷକ ଓ ଶିକ୍ଷକଙ୍କ ମଧ୍ୟରେ ସାକ୍ଷରିକ ଜ୍ଞାନ, ବୃତ୍ତିଗତ କୌଶଳ ଓ ଆନ୍ତର୍ଜାତୀୟ ଅନୁଭବକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଭାରତ ଓ ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୭୯ଜଣ ଛାତ୍ରୀଛାତ୍ର, ଗବେଷକ ଓ ଅନୁସନ୍ଧାନମୂଳକ-କାର୍ଯ୍ୟରତ ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ କ୍ଷମତା ବିକାଶ ଓ ଆନ୍ତର୍ଜାତୀୟ ସାକ୍ଷରିକ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମନୋଚିକିତ୍ସକ ଡ. ଉମା ପ୍ରସାଦ ବିଶ୍ୱାଳ ଯୋଗଦେଇ ‘ଆପରାଧିକ ତଦନ୍ତ, ନୀତି ଓ ନ୍ୟାୟରେ ଫରେନସିକ ମନୋବିଜ୍ଞାନର ଭୂମିକା’ ବିଷୟରେ ଆଲୋଚନା କରିଥିଲେ। ଫିଲିପାଇନ୍ସ ଜାତୀୟ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ପ୍ରଫେସର ଆର୍ଜେଲ ବି. ମାସାଣ୍ଡା ଯୋଗଦେଇ ଫରେନସିକ ମନୋବିଜ୍ଞାନର ମୂଳ ଧାରଣା, ସିଦ୍ଧାନ୍ତମୂଳକ ଦୃଷ୍ଟିକୋଣ, କ୍ଷେତ୍ର, ଭୂମିକା ଓ ଦାୟିତ୍ୱ ସହ ଏହାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ଏକ ଅଧିବେଶନରେ ପ୍ରଫେସର ମାସାଣ୍ଡା ଏଲ୍‌ଜିବିଟି ମନୋବିଜ୍ଞାନ ବିଷୟରେ ଆଲୋଚନା କରି ମାନସିକ ସ୍ୱାସ୍ଥ୍ୟ, ସମାବେଶିତା ତଥା ସାଂସ୍କୃତିକ ଭିନ୍ନତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ସଂଯୋଜକ ଡ. ରାଜଶ୍ରୀ ଦତ୍ତ, ସହାୟକ ଅଧ୍ୟାପିକା ଜସ୍ମିନ ସାମନ୍ତରାୟ ଓ ସହାୟକ ଅଧ୍ୟାପିକା ଜୟନ୍ତୀ ମାଳା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମାପନୀ ଅଧିବେଶନରେ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରିପୋର୍ଟ ଉପସ୍ଥାପନ କରିଥିଲେ।

# ହାତ ମାରିଲେ ଉଠିଯାଉଛି ପିଚୁ

ବାରିପଦା/ଉଦଳା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାର୍ଯ୍ୟଟି ୫ଦିନ ପରେ ହାତ ମାରିବାରୁ ଉଠିଯାଉଛି। ଯାହାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାର୍ଯ୍ୟର ଗୁଣବତ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦଳା ଡିଭିଜନ ଅଧୀନ କପ୍ତିପଦା ବ୍ଲକ ଗୋଉଡାଗିରିରୁ ପୁଲବାଡ଼ିଆକୁ ସଂଯୋଗ କରୁଥିବା ୪କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ନିକଟରେ ଶେଷ ହୋଇଛି। ଏହି ରାସ୍ତାଟିର ନିର୍ମାଣ କାର୍ଯ୍ୟ ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରୁଥିଲେ। ରାସ୍ତା ପ୍ରଶସ୍ତୀକରଣଠାରୁ ଆରମ୍ଭ କରି ପିଚୁ କାମ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ତରବରିଆ ଭାବେ କରାଯାଇଥିଲା। ଏପରିକି ନିର୍ମାଣ କାର୍ଯ୍ୟକୁ ନେଇ କୌଣସି ସୂଚନା ଫଳକ ନ ଥିବାରୁ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ ଅବଗତ ନାହାନ୍ତି। ଅତ୍ୟନ୍ତ ନିମ୍ନମାନର କାମ ଏବଂ ଠିକ୍ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା କ୍ଷଣସ୍ଥାୟୀ ହୋଇପଡ଼ିଛି। ପୁରୁଣା ରାସ୍ତା ଉପରେ ପିଚୁ ଢାଳି ଦେଇ କାର୍ଯ୍ୟ କରାଯାଇଥିବାରୁ ନିର୍ମାଣ କାର୍ଯ୍ୟର ୫ଦିନ ପରେ ତାହା ଉଠିଯାଉଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ରାସ୍ତାର ପିଚୁକୁ ହାତରେ ଉଠାଇବାରୁ ତାହା ଫଡ଼ା ଫଡ଼ା ହୋଇ ସହଜରେ ଉଠିଯାଉଥିବା ଅଭିଯୋଗ କରିଛନ୍ତି। ଏପରିକି ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁ ରାସ୍ତା କାର୍ଯ୍ୟରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକେ ପିଚୁ ଉଠାଇ ଫୋପାଡ଼ି ଦେଉଛନ୍ତି। କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଅଧିକାରୀମାନେ ଯାଉ ନ ଥିବାରୁ ଠିକାଦାର ମନମୁଖିଭାବେ କାର୍ଯ୍ୟ କରିଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା କାଳ ଡ୍ୟାମ୍‌କୁ ଯିବା ପାଇଁ ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ମାତ୍ର ନିମ୍ନମାନର ନିର୍ମାଣ ହୋଇଥିବା ରାସ୍ତା ଦେଇ ଯିବାଆସିବା କରିବା ଦ୍ୱାରା ବହୁ ଲୋକ ହଇରାଣ ହରକତ ହେଉଛନ୍ତି ବୋଲି ଗ୍ରାମର ଆଲୋକ ବେହେରା, ଅରୁ ବେହେରା ଓ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧୀକ୍ଷଣଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏ ବାବଦରେ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗକୁ ନେଇ ଏକ ଟେକ୍ନିକାଲ ଟିମ୍ ପଠାଯାଇ ରାସ୍ତା କାର୍ଯ୍ୟ ତଦାରଖ କରିବା ପରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନିମ୍ନମାନର କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ


ଉଠି ଯାଇଥିବା ପିଚୁ।

# ହାତୀଦାନ୍ତ କାରବାର, ୨ ଗିରଫ

ବାରିପଦା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଗ୍ରାହକସାଜି ଚଢ଼ାଉ କଲେ ବନ କର୍ମଚାରୀ

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବାଲିଡିହା ଅଞ୍ଚଳରେ ହାତୀଦାନ୍ତ କାରବାର ନେଇ ଡିଲ୍ ବେଳେ ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ଚଢ଼ାଉ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦୁଇ ହେଲେ ବାଲିଡିହା ଅଞ୍ଚଳର ପ୍ରଶାନ୍ତ ମାଝୀ (୩୦) ଓ ସୋମନାଥ ନାୟକ(୩୨)। ବନ ବିଭାଗ ସେମାନଙ୍କଠାରୁ ୨ଫୁଟ ୩ ଇଞ୍ଚ ମୋଟେଇ ଓ ୧୦ଫୁଟ ୧୨ ଇଞ୍ଚ ଲମ୍ବର ହାତୀ ଦାନ୍ତ ସଦୃଶ ହାଡ଼ ଜବତ କରି ଫରେନସିକ ଲ୍ୟାବକୁ ପଠାଇ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ମଙ୍ଗଳବାର ବାଲିଡିହା ଅଞ୍ଚଳରେ ଥିବା ଏକ ଢାବାରେ ହାତୀ ଦାନ୍ତ ବିକ୍ରି ପାଇଁ ଦୁଇ ଅଭିଯୁକ୍ତ ପ୍ରସ୍ତୁତ ଥିଲେ। ଖବରପାଇ ବନ କର୍ମଚାରୀ ଗ୍ରାହକ ସାଜି ଡିଲରେ ସାମିଲ ହୋଇଥିଲେ। ପରେ ଦାନ୍ତ ବୋଲି କହି ହାଡ଼କୁ ଦେଖାଇବା ସମୟରେ ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ତେବେ ହାତୀଦାନ୍ତ ପରି ତିଆରି ହୋଇଥିବା ଏକ ହାଡ଼କୁ ବନ ବିଭାଗ ଜବତ କରିଛି। ଏହା ହାତୀଦାନ୍ତ ନା ହାତୀର ହାଡ଼କୁ ଦାନ୍ତଭଳି ଆକାର ଦିଆଯାଇଛି ତାହାକୁ ନେଇ ତଦନ୍ତ ଜାରି ରହିଛି। ଜବତ ସାମଗ୍ରୀକୁ ଭୁବନେଶ୍ୱରସ୍ଥିତ ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଉଥିବାରେ ଏହା ଦାନ୍ତ ନା ହାଡ଼ ତାହା ଜଣାପଡିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳ କହିଛନ୍ତି।

# ସିରିଜ୍ ଦୁର୍ଘଟଣା, ୩ ଆହତ

କୁଳିଅଣା,୨୧।୧ (ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଦରଖୋଲିଠାରେ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ଏକ ସିରିଜ ଦୁର୍ଘଟଣାରେ ୩ ଜଣ ଆହତ ହେଇଛନ୍ତି। ପ୍ରଥମେ ଏକ ବାଇକ୍‌କୁ ବୋଲେରୋ ଧକ୍କା ଦେଇଥିଲା। ସେଠାରେ ଏକ ଟ୍ରାକ୍ଟର ଅଟକି ଥିଲା। ଏହି ସମୟରେ ଏକ ଟ୍ରକ୍ ଆସି ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ୨ ଆରୋହୀଙ୍କ ସମେତ ଟ୍ରାକ୍ଟର ଚାଳକ ଆହତ ହୋଇଥିବା ଜଣାପଡ଼ିଛି।

# ସଚେତନତା ପଦଯାତ୍ରା



ବାରିପଦାଠାରେ ଅନୁଷ୍ଠିତ ପଦଯାତ୍ରା।

ବାରିପଦା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଜାତୀୟ କନ୍ୟାସନ୍ତାନ ଦିବସ

ଜାତୀୟ କନ୍ୟାସନ୍ତାନ ଦିବସ ପାଳନ ଅବସରରେ ଲିଙ୍ଗଗତ ବୈଷମ୍ୟତା ତଥା କନ୍ୟା ସନ୍ତାନ ପ୍ରତି ନକାରାତ୍ମକ ଭେଦଭାବକୁ ଦୂର କରିବା ନିମନ୍ତେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଧବାର ବାରିପଦାଠାରେ ଏକ ଜିଲାସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାଏକ ପତାକା ଦେଖାଇ ଉକ୍ତ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ, ସିଡିପିଓ, ସୁପରଭାଇଜର, ମହିଳା ସଶକ୍ତୀକରଣର କର୍ମକର୍ତ୍ତାମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲା ସୁରକ୍ଷା ଅଧିକାରୀଣୀ ସସ୍ମିତା ମହାନ୍ତି, ସମାଜ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲା ସଂଯୋଜକ ସିମାନ୍ତ ଦିଗାର ଓ ଅନ୍ୟାନ୍ୟ ଅଧିକାରୀମାନେ ପାଦଯାତ୍ରାରେ ସାମିଲ ହୋଇ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରାରେ କନ୍ୟା ଶିଶୁର ଅଧିକାର ଯତ୍ନ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା।

# ୫ ଗୋରୁ ମାରିଲା ବାଘ


ବାଘ ଆକ୍ରମଣରେ ମରି ପଡ଼ିଥିବା ଗୋରୁ।

ଠାକୁରାମଣ୍ଡା,୨୧।୧ (ତାରାକାନ୍ତ ପଟ୍ଟନାୟକ)

### ସାତକୋଶିଆ ରେଞ୍ଜ ଅଞ୍ଚଳରେ ଆତଙ୍କ

କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ବାଘ ଆକ୍ରମଣ କରି ୫ଟି ଗୋରୁ ମାରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭାଲିଆଡାଳ ଗ୍ରାମ କିସୁନସାହିର କେତେଜଣ ବ୍ୟକ୍ତିଙ୍କ ଗୋରୁ ୬ ଦିନ ପୂର୍ବରୁ ସବୁଦିନ ଭଳି ଗ୍ରାମ ନିକଟ ଜଙ୍ଗଲ ଭିତରକୁ ଚୋରିବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ମାଲିକମାନେ ହଜିଥିବା ଗୋରୁକୁ ଖୋଜି ପାଇ ନ ଥିଲେ। ମଙ୍ଗଳବାର ଜଙ୍ଗଲକୁ ଯାଇଥିବା ଲୋକେ ଭାଲିଆଡାଳ ସଂରକ୍ଷିତ ଜଙ୍ଗଲରେ ୪ଟି ଗୋରୁ ମରି ପଡିଥିବା ଦେଖିଥିଲେ। ସେଥି ମଧ୍ୟରୁ ଗୋଟିଏ ଗୋରୁର ୭୦ ଭାଗ ବାଘ ଖାଇ ଦେଇଥିବା ଦେଖାଯାଇଥିଲା। ସେହିପରି ବୁଧବାର ଆଉ ଗୋଟିଏ ଗୋରୁର କ୍ଷତାକ୍ତ ମୃତଦେହ ସେହି ଜଙ୍ଗଲରୁ ମିଳିଥିଲା। ଖବର ପାଇ ସାତକୋଶିଆ ରେଞ୍ଜର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବାଘ ଆକ୍ରମଣରେ ସେହି ଗ୍ରାମର କଣ୍ଡେରାମ ଜଙ୍କଙ୍କ ୨ ଟି ଗାଈ, କୃପା ହେମ୍ବ୍ରମଙ୍କ ଗୋଟିଏ ବଳଦ ଏବଂ ଖଜୁରୀ ପୂର୍ତ୍ତିଙ୍କ ଗୋଟିଏ ଗାଈ ଓ ଗୋଟିଏ ବଳଦ ମରିଥିବା ଜଣା ପଡିଥିଲା। ଗୋରୁ ମୃତଦେହ ବନ କର୍ମଚାରୀଙ୍କ ଉପସ୍ଥିତିରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରା ଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା କଲରାପତରିଆ ବାଘ ହୋଇ ଥାଇପାରେ ବୋଲି ସାତକୋଶିଆ ରେଞ୍ଜ ଅଧିକାରୀ କହିଛନ୍ତି।

# ଡିଭାଇଡରରେ ପିଟିହେଲା କାର୍, ଚାଳକ ଗୁରୁତର

ବୈଶିଙ୍ଗା,୨୧।୧ (ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ପ୍ଲାଜା ଡିଭାଇଡରେ ବୁଧବାର ସନ୍ଧ୍ୟା ୭ଟା ସମୟରେ ଏକ ଦ୍ରୁତଗାମୀ କାର୍ ପିଟିହୋଇ ଚାଳକ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ କାରଟି ଚୁରମାର ହୋଇଯାଇଛି। ଗୁରୁତର ଚାଳକ ଜଣକ ହେଲେ ବଳରାମ ମହାଳିକ। ତାଙ୍କୁ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାର ଭିତରେ ବସିଥିବା ଅନ୍ୟ ଜଣେ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ ବାଲେଶ୍ୱର ଜିଲା ଚୁଡ଼ା ଗ୍ରାମର ବଳରାମ ତାଙ୍କ ସାଙ୍ଗଙ୍କ ସହିତ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ଟୋଲପ୍ଲାଜା ଡିଭାଇଡର୍ ଦେହରେ ଖୁବ ଜୋରରେ ପିଟି ହୋଇଯାଇଥିଲେ। ମାତ୍ର ଗାଡ଼ିର ବେଲୁନ ବାହାରି ତାଙ୍କୁ ଏକ ବଡ଼ ଧରଣର ବିପଦରୁ ରକ୍ଷା କରିଦେଇଥିବା ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ରାଉଳ କହିଛନ୍ତି।

# ଗଡ଼ିଗାଁ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୨୧।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି, ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରତିଷ୍ଠାତା ବାଗାମ୍ବର ଦାସ, ମୋରଡା ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ଭାଜପା ନେତା ପ୍ରଦୀପ ମହାନ୍ତି, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପାଲୁ ହାଁସଦା,ଗଡିଗାଁ ସିଆରସିସି ହେମନ୍ତ କୁମାର ମହାନ୍ତ, ମୋରଡା ବ୍ଲକ ଓଷ୍ଟା ସଂଘର ସଭାପତି ନୀଳକଣ୍ଠ ନାଏକ, ସାମାଜିକ କର୍ମୀ ମିର ମୁସୁୱାର ଅଲ୍ଲୀ, ଧିରେନ ସେଠି ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଦୀପକ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବସିଥିବା ବିଭିନ୍ନ ଷ୍ଟଲ ଉକ୍ତ ଉତ୍ସବର ଆକର୍ଷଣ ସାଜିଥିଲା। ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ, ଦୋକାନ ଯାତ୍ରା, ମୌଳିକ ସାକ୍ଷରତା ଜ୍ଞାନ, ଧନ୍ଦା ମୂଳକ ଶିକ୍ଷା ପରି ମୋଟ ୮ଟି ଷ୍ଟଲ ବସିଥିଲା। ଶିକ୍ଷକ ଚିତ୍ତରଞ୍ଜନ ଧଳ, ହୃଷିକେଶ ପାତ୍ର, ସରୋଜ କୁମାର ବେହେରା, ପ୍ରଭାତ କୁମାର ସାହୁ, ହେମନ୍ତ କୁମାର ମହାନ୍ତ, ଦେବାଶିଷ ମହାନ୍ତ, ରାଜାରଞ୍ଜିତ ପାତ୍ର,ଅବନୀ ଶଙ୍କର ମହାନ୍ତ, ଅବିନାଶ ମହାନ୍ତ, ବାରମାଇଲ ସିଆରସିସି ସଦାଶିବ ସାହୁ, ଶିକ୍ଷୟିତ୍ରୀ ଗୀତାରାଣୀ ମାଝୀ, ସୁଲଗ୍ନା ମହାନ୍ତ, ଅସୀମା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକଙ୍କ ଦାବିପତ୍ର

ମୋରଡ଼ା/ରାସଗୋବିନ୍ଦପୁର,୨୧।୧ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ବିଭିନ୍ନ ସମସ୍ୟାକୁ ନେଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଗଡିଘାଟି ପଞ୍ଚାୟତର ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦାଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତ ଅଧୀନ ତମ୍ବାଖୁରୀ ଗ୍ରାମର ରାଜା ରାଜେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୪ ବର୍ଷ ପୂର୍ବେ ଏକ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କଲ୍ୟାଣ ମଣ୍ଡପର କାର୍ଯ୍ୟ ଆଂଶିକ ଭାବେ ନିର୍ମାଣ ହୋଇ ବନ୍ଦ ପଡିଛି। ଫଳରେ ଅଞ୍ଚଳରେ ହେଉଥିବା ବିଭିନ୍ନ ଧାର୍ମିକ ସାଂସ୍କୃତିକ ସଭା,ସଭା ସମିତି,ବିବାହ ବ୍ରତ ଭଳି କାର୍ଯ୍ୟ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ତମ୍ବାଖୁରୀଠାରୁ ପୂର୍ଣ୍ଣଚନ୍ଦ୍ରପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ହୋଇ ପଡିଛି,ଗଡିଘାଟି ପିଟାଖାଳ ଉପରେ ଥିବା ତଳିଆ ଭଗ୍ନ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଜନସାଧାରଣ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି ଏବଂ ଅସ୍ତଗଡିଆ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହଗୁଡିକରୁ ପାଣି ଝରୁଛି। ଏସବୁ ସମସ୍ୟା ଗୁଡିକର ସମାଧାନ ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଗୋପବନ୍ଧୁ ନଗର, ୨୧।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସପ୍ତମ ଶ୍ରେଣୀର ପାଠ ପଢୁଥିବା ୧୩ ବର୍ଷିୟା ଛାତ୍ରୀ ଜଣକ ଗତ ୧୮ ତାରିଖରେ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ମାତ୍ର ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ବୁଧବାର ନାବାଳିକାଙ୍କୁ କୁଳିଅଣା ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ତେବେ ଅଭିଯୁକ୍ତ ଜଣକ ମଧ ନାବାଳକ ହୋଇଥିବା ପୋଲିସ କହିଛି।

# ଅଭିରାମ ପରମହଂସଙ୍କ ଜୟନ୍ତୀ

ଗୋପବନ୍ଧୁ ନଗର,୨୧।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ସିକିଡିଆସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ତ୍ରୀବେଣୀ ଅମାବାସ୍ୟା ଅବସରରେ ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଓ ଶ୍ରୀ ସତ୍ୟନାରାୟଣଙ୍କ ପାଲା ଉତ୍ସବ ତିନି ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ଅଖଣ୍ଡ ନାମଯଜ୍ଞ, ଅଷ୍ଟପ୍ରହରୀ ଓ ଧର୍ମ ସଭାର ଆୟୋଜନ ହୋଇଥିଲା। ଅଭିନ୍ନ ମାଇତିଙ୍କ ତତ୍ତ୍ୱାବଧାନରେ ଉକ୍ତ ପୂଜା ଓ ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୁରୋହିତ ଭାବେ ପ୍ରମୋଦ କୁମାର ମିଶ୍ର ଓ ମନ୍ଦିର ପୂଜକ ବ୍ରହ୍ମାଶିଷ କର ପୂଜାପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂର୍ଣ୍ଣାହୁତି ଦିବସରେ ଭକ୍ତଙ୍କ ଦ୍ୱାରା ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଅନେକ ଭକ୍ତ ଯୋଗ ଦେଇଥିଲେ।

# ଆଇନ ସଚେତନତା ଶିବିର

ବାରିପଦା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କିନ୍ନରମାନଙ୍କ ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ ପୌରହିତ୍ୟ କରିଥିଲେ। ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କିନ୍ନରମାନଙ୍କ ପ୍ରତି ସମାଜରେ ହେଉଥିବା ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ତାହାର ପ୍ରତିକାର ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ଏଥିରେ ପ୍ରାୟ ୩୦ରୁ ଅଧିକ କିନ୍ନର ଯୋଗଦେଇ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ଅସୁବିଧା ଓ ତାହାର ପ୍ରତିକାର ସମ୍ପର୍କରେ ନିଜର ମତ ରଖିଥିଲେ। ବାରିପଦା କୋର୍ଟରେ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ସମସ୍ତ ନ୍ୟାୟ ରକ୍ଷକ ଓ ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କିନ୍ନରମାନଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସରକାରଙ୍କ ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ଆଶାକର୍ମୀଙ୍କ ଆକସ୍ମିକ ମୃତ୍ୟୁ

ଗୋପବନ୍ଧୁ ନଗର,୨୧।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଭଣ୍ଡଗାଁ ପଞ୍ଚାୟତ ଜାମଶୋଳି ଗ୍ରାମର ଆଶାକର୍ମୀ ଶାନ୍ତିଲତା କିସ୍କୁ (୪୬)ଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ମଙ୍ଗଳବାର ଶାନ୍ତିଲତା ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ପ୍ରଥମେ ଖୁଣ୍ଟା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ଶାନ୍ତିଲତା ପ୍ରାୟ ୧୦ ବର୍ଷ ହେବ ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ।

# ଝୁମର ଗୀତରେ ଝୁମିଲେ

ବାରିପଦା,୨୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ.୧୫ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ତ୍ରିରଙ୍ଗା କ୍ଲବ୍‌ର ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ୬ ଦିନିଆ ମକର ମହୋତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆକର୍ଷଣୀୟ ଝୁମର ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ। ପ୍ରାୟ ୫୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ କନିଷ୍ଠ ବର୍ଗ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ଦୁଇ କୁନି ପ୍ରତିଭା ସୂର୍ଯ୍ୟକାନ୍ତ ପାଲ ଓ ଦୀପକ କୁଁଅରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନିୟର ଗ୍ରୁପରେ ଚାମ୍ପିୟନ ହୋଇଥିବା ଘନପ୍ରଭା ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ୱାର୍ଡର ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଯୋଗଦେଇ ତ୍ରିରଙ୍ଗା କ୍ଲବ ଦ୍ୱାରା ଆୟୋଜିତ ୬ ଦିନିଆ ମକର ମହୋତ୍ସବ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏକତାର ଡୋରିରେ ବାନ୍ଧି ରଖିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କ୍ରୀଡ଼ା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ମକର ମହୋତ୍ସବର ଭୂମିକା ଉପରେ ଆଲୋକପାତ କରିଥିଲେ। ଖେଳପଡ଼ିଆ ଓ ସାଂସ୍କୃତିକ ମଞ୍ଚର ଉନ୍ନତୀକରଣ ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ଦେବାଶିଷ ମାର୍ଣ୍ଡି ଏହି ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଅମର କୁମାର ସେଠି, କାଉନସିଲର ଅନନ୍ତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, କ୍ଲବ୍‌ର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ ଓ ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ସଭାପତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଭିମା ସେନାପତି, ସାଗର ବେହେରା,ବିଶାଲ ଖମାରି, ସଞ୍ଜୀବ ମାର୍ଣ୍ଡି, ନବ କିଶୋର ଗିରି, ତପନ ସେନାପତି, ମିଥୁନ ମାଣ ଓ ଅଭୟ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

### ସରିଲା ତ୍ରିରଙ୍ଗା କ୍ଲବ୍‌ର ମକର ମହୋତ୍ସବ

# ଧାନ ବେପାରୀଙ୍କୁ ବାନ୍ଧିଲେ ଲୋକେ

ଉଦଳା,୨୧।୧ (ସନ୍ତୋଷ କୁମାର ବାଛିନୀ)

ଧାନ ବିକ୍ରି ସମୟରେ ଚାଷୀଙ୍କୁ ଠକି ଅଧିକ ଫାଇଦା ନେବା ପାଇଁ ଗାଁରେ ପହଞ୍ଚିଲେ ବ୍ୟବସାୟୀ। ହେଲେ ଚାଷୀଙ୍କୁ ଠକିବା ପଡିଲା ମହଙ୍ଗା। ରାତିରେ ବ୍ୟବସାୟୀଙ୍କୁ ବାନ୍ଧି ରଖିଲେ ଗ୍ରାମବାସୀ। ଉଦଳା ଥାନା କଇଁସାରି ଗ୍ରାମରେ ଘଟିଛି ଏଭଳି ଘଟଣା। ବେତନଟୀ ଅଞ୍ଚଳର ଜଣେ ଧାନ ବ୍ୟବସାୟୀ କଇଁସାରି ଗ୍ରାମରେ ପହଞ୍ଚି ଚାଷୀଙ୍କ ନିକଟରୁ ଧାନ କିଣୁଥିଲେ। ହେଲେ ଧାନ କିଣିବା ସମୟରେ ପ୍ରତି ବସ୍ତାରେ ୧୬ କିଲୋ ଧାନ କାଟି ହିସାବ କରିବାରୁ ତାତିଥିଲେ ଗ୍ରାମବାସୀ। ଯାହା ପରେ ଉକ୍ତ ବ୍ୟବସାୟୀଙ୍କୁ ଦଉଡିରେ ବାନ୍ଧି ଲୋକେ ଗ୍ରାମରେ ଚଲାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟବସାୟୀଙ୍କୁ ଉଦ୍ଧାର କରିଥିଲେ।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ Bhubaneswar, Thursday, January 22/ 2026

# ଶୁଟ୍‌ଆଉଟରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ଶୁଟ୍‌ଆଉଟ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ, ବ୍ଲେକ୍ ଗୋଭର୍ସ, ଉତ୍ତମ ସିଂ ଓ ଟମ୍ କ୍ରେଗ୍ ଗୋଲ ଦେଇଥିଲେ। ରାଞ୍ଚି ପକ୍ଷରୁ ଯଶଦୀପ ସିୱାଚ ଓ ମାକ୍ସିମେ ଭାନ୍ ଓଷ୍ଟ ଗୋଲ ଦେଇଥିବାବେଳେ ବିଷ୍ଣୁକାନ୍ତ ସିଂ ଓ ମନପ୍ରୀତ ସିଂ ମିସ୍ କରିଥିଲେ। ପରାଜୟ ସତ୍ତ୍ୱେ ରାଞ୍ଚି ରୟାଲ୍ସ ନକ୍‌ଆଉଟରେ ପ୍ରବେଶ କରିଛି। ୭ ମ୍ୟାଚରୁ ଏହି ଦଳ ୩ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ଡ୍ରାଗନ୍ସ ୭ ମ୍ୟାଚରୁ ୧୦ ପଏଣ୍ଟ ସହିତ ଅଭିଯାନ ଶେଷ କରିଛି।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ମିନିଟରେ ମନଦୀପ ସିଂ ଏକ ଗୋଲ କରି ରାଞ୍ଚିକୁ ଅଗ୍ରଣୀ କରିବା ସହ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ୯ମ ମିନିଟରେ ଟମ୍ ବୁନ୍‌ଙ୍କ ଗୋଲ ସହାୟତାରେ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଥିବାବେଳେ ତାମିଲନାଡୁ ଡ୍ରାଗନ୍ସ ଉପରେ ଚାପ ବଢ଼ିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ବ୍ଲେକ୍ ଗୋଭର୍ସ ଗୋଟିଏ ଗୋଲ ପରିଶୋଧ କରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୧ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଉଭୟ ଦଳ ଗୋଲ ଦେବା ଆଭିମୁଖ୍ୟରେ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ୩୨ତମ ମିନିଟରେ ତାମିଲନାଡୁର ସେଲଭାମ କାର୍ଥୀ ଆଉ ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚ

## ହକି ଇଣ୍ଡିଆ ଲିଗ୍

୨-୨ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୩ ମିନିଟ ପରେ ଅର୍ଥାତ୍ ୩୫ତମ ମିନିଟରେ ଟମ୍ ବୁନ୍ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ଦେଇ ରାଞ୍ଚିକୁ ପୁଣି ଅଗ୍ରଣୀ କରିଥିଲେ। ମାତ୍ର ଓଡ଼ିଶାର ତାରକା ଖେଳାଳି ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ଡ୍ରାଗନ୍ସ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟରେ ଗୋଭର୍ସ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିବାରୁ ମ୍ୟାଚ ୩-୩ ଗୋଲରେ ବରାବର ରହି ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।



ତାମିଲନାଡୁ ଡ୍ରାଗନ୍ସ ଅଧିନାୟକ ଓଡ଼ିଶାର ଅମିତ ରୋହିଦାସ।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅଭିଷେକଙ୍କ ବିସ୍ଫୋରକ ଅର୍ଦ୍ଧଶତକ

**ନାଗପୁର,୨୧।୧**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଛି। ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୩୯ ରନରେ ବିଶାଳ ଟାର୍ଗେଟ ଛିଡ଼ା କରିଛି। ଜବାବରେ ନ୍ୟୁଜିଲାଣ୍ଡ ରିପୋର୍ଟ ଲେଖା ହେବା ସୁଦ୍ଧା ୧୦ ଓଭରରେ ୩ ଉଇକେଟ ହରାଇ ୮୭ ରନ କରିଛି।

## ପ୍ରଥମ ଟି୨୦

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ସଞ୍ଜୁ ସାମସନ (୧୦ ରନ୍, ୨ ଚୌକା) ଓ ଇଶାନ କିଶନ (୮ ରନ୍, ୨ ଚୌକା)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଭିଷେକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୪୭ ବଲରେ ୯୯ ରନ ଯୋଡ଼ିଥିଲେ। କ୍ରିଜ୍‌ରେ ଜମି ସାରିଥିବା ଅଧିନାୟକ ସୂର୍ଯ୍ୟକୁମାର ବଡ଼ ଶଟ୍ ଖେଳିବାକୁ ଯାଇ ବାଉଣ୍ଡ୍ରି ଲାଇନରେ କ୍ୟାଚ୍ ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସୂର୍ଯ୍ୟ ୨୨ ବଲରେ ୩୨ (୪ ଚୌକା ଓ ୧ ଛକା)ରନ କରିଥିଲେ। ତାଙ୍କ ପରେ ଅଭିଷେକ ୩୫ ବଲରେ ବିସ୍ଫୋରକ ୮୪ ରନ କରି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୮ ଛକା ସାମିଲ ଥିଲା। ମିଡିଲ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲରେ ୨୫ ( ୩ ଚୌକା ଓ ୧ ଛକା) ରନ କରିଥିବା ବେଳେ ଶିବମ ଦୁବେ (୯) ବିଫଳ ହୋଇଥିଲେ। ଶେଷ ଆଡ଼କୁ ରିଙ୍କୁ ସିଂ ୨୦ ବଲରେ ୪ ଚୌକା ଓ ୩ ଛକା ସହିତ ୪୪ ରନ କରିଥିଲେ। ଫଳରେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୮ରନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜାକବ ଡଫି ଓ କାଏଲ ଜେମିସନ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଦଳ: ୨୦ ଓଭରରେ ୨୩୮/୭ (ଅଭିଷେକ ଶର୍ମା- ୮୪, ସୂର୍ଯ୍ୟକୁମାର ଯାଦବ- ୩୨, ଜାକବ ଡଫି-୨/୨୭)।



ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

# ୨୭ ସୁଦ୍ଧା ଆର୍‌ସିବି ଭେନ୍ୟୁ ନିର୍ଦ୍ଧାରଣ

**ବେଙ୍ଗାଲୁରୁ,୨୧।୧**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଆସନ୍ତା ୨୭ ତାରିଖ ସୁଦ୍ଧା ତା'ର ଭେନ୍ୟୁ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଆର୍‌ସିବି ତା'ର ଘରୋଇ ମ୍ୟାଚ୍ ଏମ୍. ଚିନାସ୍ୱାମୀ ଷ୍ଟାଡିୟମରେ ଖେଳିବାକୁ ଚାହୁଁଥିବା ବେଳେ କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ରଖାଯାଇଥିବା ସର୍ତ୍ତ ଫ୍ରାଞ୍ଚାଇଜ୍ ପାଇଁ ଅସୁବିଧା କରିପାରେ। ଆର୍‌ସିବିକୁ ଷ୍ଟାଡିୟମ ସମ୍ପର୍କିତ ସମସ୍ୟା ସହ ଷ୍ଟାଡିୟମ ବାହାର ରୋଡ୍‌କୁ ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଡିଜେ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ମୁତୟନ ଲାଗି ବ୍ୟବସ୍ଥା ରହିଛି। ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ପ୍ରଶାସନିକ ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି। ଏଣୁ ଏହି ଫ୍ରାଞ୍ଚାଇଜ୍ ତା'ର ଅନ୍ତିମ ନିଷ୍ପତ୍ତି ସମ୍ପର୍କରେ ବିସିସିଆଇକୁ ଅବଗତ କରିବା ପୂର୍ବରୁ ରାଜ୍ୟ ସରକାର ଓ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ) ସହ ଆଲୋଚନା କରିବ। କେଏସ୍‌ସିଏ ସଭାପତି ଭେଙ୍କଟେଶ ପ୍ରସାଦ ପ୍ରକାଶ କରିଛନ୍ତି, ରାଜ୍ୟ କ୍ରିକେଟ ବୋର୍ଡ ଆର୍‌ସିବି ଫ୍ରାଞ୍ଚାଇଜ୍‌କୁ ରାଜ୍ୟ ସରକାରଙ୍କଠାରୁ ନିଃସର୍ତ୍ତମୂଳକ ଅନୁମତି ପ୍ରଦାନ ଦିଗରେ ଆମେ କାର୍ଯ୍ୟ କରୁଛୁ।

# ଅଭିଜିତ୍ ଗୁପ୍ତାଙ୍କ ସହ ୩ ଅଗ୍ରଣୀ

## ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

**ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଚାମ୍ପିୟନଶିପ୍‌ର ୬ଷ୍ଠ ରାଉଣ୍ଡ ଖେଳ ବୁଧବାର ଶେଷ ହୋଇଛି। ଏହା ମଧ୍ୟରୁ ୫.୫ ପଏଣ୍ଟ ଲେଖାଏ ପାଇ ୩ ଖେଳାଳି ମିଳିତ ଅଗ୍ରଣୀଲାଭ କରିଛନ୍ତି। ସେମାନେ ହେଲେ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଓ ଏନ୍‌ଗୁଏନ ଭାନ୍ ହୁୟାଣ୍ଡ ଏବଂ ୧୩ ବର୍ଷୀୟ କ୍ୟାଣ୍ଡିଡେଟ୍ ମାଷ୍ଟର ମଧ୍ୟପ୍ରଦେଶର ପ୍ରତାପ ଶର୍ମା।

### 'ସି' ବର୍ଗ ଇଭେଣ୍ଟ ଆରମ୍ଭ

ସର୍ବଭାରତୀୟ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର 'ସି' ବର୍ଗ ଇଭେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୋଟ ୪୪୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୮ ରେଟେଡ୍ ଖେଳାଳି ସାମିଲ। ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗଦେଇ ଏହି ଇଭେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ରୋଟାରି କ୍ଲବ ନୀଳାଦ୍ରିର ସଭାପତି ସୁଜିତ୍ ରାଉତ, କିଙ୍ଗ୍ସ ଚେସ୍ ସେଣ୍ଟର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ, ଚେସ୍ ଟର୍ଫ ଏକାଡେମୀ ନିର୍ଦ୍ଦେଶକ ଏସ୍. ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଂଲାଦେଶ ମ୍ୟାଚ୍ ଭାରତରେ ଖେଳାଯିବ

**ଦୁବାଇ,୨୧।୧(ପି.ଟି.)**

ଟି୨୦ ବିଶ୍ୱକପ୍ ଲାଗି ମ୍ୟାଚ୍ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପକ୍ଷରୁ କରାଯାଇଥିବା ଅନୁରୋଧକୁ ବୁଧବାର ବସିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ପ୍ରତ୍ୟାଖ୍ୟାନ କରାଯାଇଛି। ବାଂଲାଦେଶ ଖେଳାଳିଙ୍କ ପ୍ରତି ଭାରତରେ ସେଭଳି କୌଣସି ସୁରକ୍ଷାଜନିତ ବିପଦ ନ ଥିବାରୁ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ମୁତାବକ ଆଗକୁ ବଢ଼ିବ ବୋଲି କୁହାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ବୋର୍ଡର ପ୍ରତିନିଧି ଯୋଗଦେଇଥିଲେ। ଭେନ୍ୟୁ ପରିବର୍ତ୍ତନକୁ ନେଇ ବିସିବି ଚିନ୍ତା ବ୍ୟକ୍ତ କରିବା ପରେ ଏହି ବିଷୟ ଉପରେ ଆଲୋଚନା ହୋଇଥିଲା। ଆଇସିସି ପକ୍ଷରୁ ବାଂଲାଦେଶ ଦଳ ଲାଗି କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ବୋର୍ଡ ମିଟିଂରେ ଭାଗ ନେଇଥିବା ୧୬ରୁ ୧୪ ସଦସ୍ୟ ବୋର୍ଡ ବିସିବିର ଅନୁରୋଧ ବିରୋଧରେ ଭୋଟ ଦେଇଥିଲେ। ତେବେ ଆଇସିସି ପକ୍ଷରୁ ବିସିବିକୁ ତା'ର ଚୂଡ଼ାନ୍ତ ନିଷ୍ପତ୍ତି ଲାଗି ଗୁରୁବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। କିନ୍ତୁ ଆଇସିସି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ବିସିବିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଏକ ଅତିରିକ୍ତ ଦିନ ଦିଆଯାଇଛି। ବୋର୍ଡ ମିଟିଂରେ ଏଭଳି ନିଷ୍ପତ୍ତିର ଅର୍ଥ ବିଶ୍ୱକପ୍ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବନାହିଁ। ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର କରିବା ଦ୍ୱାରା ଆଇସିସି ପ୍ରତିଯୋଗିତାର ମର୍ଯ୍ୟାଦା ହାନି ହେବ ଏବଂ ଅନ୍ତିମ ପର୍ଯ୍ୟାୟରେ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

### ବାଂଲାଦେଶ ସପକ୍ଷରେ ପାକିସ୍ତାନ

ସୁରକ୍ଷାଗତ କାରଣ ଦର୍ଶାଇ ଭାରତରେ ଟି୨୦ ବିଶ୍ୱକପ୍ ଖେଳିବାକୁ ମନା କରୁଥିବା ବାଂଲାଦେଶ ପ୍ରତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସମର୍ଥନ ବ୍ୟକ୍ତ କରିଛି। ଏପରିକି ପିସିବି ବାଂଲାଦେଶ ଦଳର ମ୍ୟାଚ୍ ଆୟୋଜନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)କୁ ପ୍ରସ୍ତାବ ଦେଇଛି।

ପିସିବି ପକ୍ଷରୁ ଏକ ଇ-ମେଲ୍ ଜରିଆରେ ବାଂଲାଦେଶ ବୋର୍ଡ ଦ୍ୱାରା କରାଯାଇଥିବା ଦାବିକୁ ଯଥାର୍ଥ ଦର୍ଶାଯାଇଛି।

# କ୍ରୀଡ଼ା ପ୍ରଶିକ୍ଷକ ଶୁଭାଶିଷଙ୍କ ପରଲୋକ

**ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)**

କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ଉପସଭାପତି ଶୁଭାଶିଷ କରଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ସେ ଜଣେ ଦକ୍ଷ କ୍ରୀଡ଼ା ପ୍ରଶାସକଭାବେ ପରିଚିତ ଥିଲେ। ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପାଲ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଶୁଭାଶିଷଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି।

# ୟୁକି ଭାମ୍ବ୍ରିଙ୍କ ଅଭିଯାନ ଆରମ୍ଭ

**ମେଲ୍‌ବୋର୍ନ, ୨୧।୧**

ଚଳିତ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରିଙ୍କ ବିଜୟ ଅଭିଯାନ ଆରମ୍ଭ ହୋଇଛି। ସ୍ୱିଡେନ୍‌ର ଆନ୍ଦ୍ରେ ଗୋରାନସନ ଓ ଭାମ୍ବ୍ରିଙ୍କ ଯୋଡ଼ି ୬-୩, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର କ୍ରୁଜ୍ ହେୱିଟ ଓ ଜେମ୍ସ ଡକ୍‌ୱର୍ଥ ଯୋଡ଼ିକୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ସେହିପରି ଟପ୍ ସିଡ୍‌ର ମାନ୍ୟତା ପାଇଥିବା ବ୍ରିଟେନ୍‌ର ଜୁଲିଆନ କାଶ୍ ଓ ଲୟଡ ଗ୍ଲାସ୍‌ପୋଲ ବେଲଜିୟମର ଜୋରେନ ଭ୍ଲେଗେନ ଓ ଉରୁଗୁଏର ଏରିଏଲ ବେହାର ଯୋଡ଼ିକୁ ୭-୬ (୭-୨), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଚାଇନା ଯୋଡ଼ି ଝାଙ୍ଗ୍ ଝିଝେନ- ଶାଙ୍ଗ ଜୁନ୍‌ଚେଙ୍ଗ୍, ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ-ଆନ୍ଦ୍ରେସ ମୋଲଟେନି, ଆମେରିକାର ଜେମ୍ସ ଟ୍ରାସି-ରବର୍ଟ କାଶ୍ ମଧ୍ୟ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।









କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ୍‌ରେ ଚାମ୍ପିୟନ ବିହାର ଓ ରନର୍‌ଅପ୍ ଓଡ଼ିଶା ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ